୬ ଦ୍ୱିତୀୟ ଟେଷ୍ଟ ଖେଳିବେନି ଶୁଭମନ ଗିଲ୍ ଏବଂ କୂଳଦୀପ ଯାଦବ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

● ବର୍ଷ–୩୨ ● ସଂଖ୍ୟା–୨୯୧ ● ୧୯ ନଭେମ୍ବର ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-291 ● 19th November 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ୨ ଦିନିଆ ଜିଲ୍ଲାପାଳ ସମ୍ମିଳନୀକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ସରକାରୀ ବିଜ୍ଞାପନରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୧୧

ନ୍ୟୁଜ୍ ବ୍ୟୁରୋ

ଆପ୍ରେମାନେ ଯିଏ ଯେଉଁ ପଦବୀରେ ଥାଉ ନା କାହିଁକି, ଆମେ ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ ଏବଂ ଆମର କାର୍ଯ୍ୟକଳାପ ପାଇଁ ଆମେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ। ସେଥିପାଇଁ ଆପଣମାନେ ଲୋକଙ୍କ ସହିତ ମିଶନ୍ତୁ, ସାଧାରଣ ଲୋକଟିର କଥା ଧୈର୍ଯ୍ୟର ସହ ଶୁଣନ୍ତୁ ଓ ତାଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରନ୍ତୁ, ଏହା ହିଁ ହେଉଛି ସୁଶାସନର ମୂଳଦୁଆ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀ ଉଦ୍‌ଘାଟନ ଅବସରରେ କହିଛନ୍ତି।

ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଆୟୋଜିତ ଦୁଇ ଦିନିଆ ସମ୍ମିଳନୀର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜିଲ୍ଲାପାଳମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆମ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ' ମନ୍ତ୍ରରେ ରାଜ୍ୟର କଲ୍ୟାଣ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି ଏବଂ କରୁଛନ୍ତି। ଯୋଜନା ଯେତେ ଅଭିନବ ହେଲେ ମଧ୍ୟ, ଏହାର ପ୍ରକୃତ ସଫଳତା ଏହାର ସଠିକ୍ ରୂପାୟନ ଉପରେ ନିର୍ଭର କରେ। ତେଣୁ ଲୋକଙ୍କ ସୁବିଧା ପାଇଁ ସମସ୍ତେ ସଚ୍ଚୋଟ ଓ କର୍ତ୍ତବ୍ୟନିଷ୍ଠ ହୁଅନ୍ତୁ ଏବଂ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ସମନ୍ୱୟ ରକ୍ଷା ମାଧ୍ୟମରେ ଯୋଜନାର ସଫଳ ରୂପାୟନ କରନ୍ତୁ।




- ସାଧାରଣ ଲୋକର ସମସ୍ୟା ଶୁଣିବା ଓ ସମାଧାନ କରିବା ଉପରେ ଗୁରୁତ୍ୱ
- ସବୁ ସ୍ତରରେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଆଣିବା ପାଇଁ ପ୍ରୟାସ କରିବାକୁ ଆହ୍ୱାନ

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଆମ ସରକାର ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯାଉଛନ୍ତି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୀତି, ନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ ପାୱାର' ଅଧୀନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମକୁ ସବୁ ଦିନିଆ ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ଜିଲ୍ଲାପାଳମାନଙ୍କୁ ମିଶନ ମୋଡ୍‌ରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ଓ ଘୋଷଣା ସହିତ ଯୋଜନା ଗୁଡ଼ିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ କରିବା ପାଇଁ ସେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହିତ କାର୍ଯ୍ୟକ୍ରମ ଓ ଯୋଜନା ବାବଦ ଖର୍ଚ୍ଚ ଓ ଏହାର ଅଗ୍ରଗତି ସମ୍ପର୍କରେ ପ୍ରତି ତିନି ଚାରି ମାସରେ ଥରେ ସମୀକ୍ଷା କରିବା, ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ କଡ଼ାକଡ଼ି ଭାବେ ରୋକିବା, ଚୋରା ମଦ କାରବାର ବିରୁଦ୍ଧରେ ଏନଫୋର୍ସମେଣ୍ଟକୁ ଅଧିକ କଡ଼ାକଡ଼ି କରିବା, ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡ଼ିକରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ କରିବା, ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ (ପୃଷ୍ଠା ୭ରେ)

## ରାଜ୍ୟରୁ ବାହାରିବେ ବାଂଲାଦେଶୀ ଅନୁପ୍ରବେଶକାରୀ

# ସରକାର ଏନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮।୧୧

ନ୍ୟୁଜ୍ ବ୍ୟୁରୋ



ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ସେମାନଙ୍କ ବିରୁଦ୍ଧରେ ସରକାରଙ୍କ ଆଭିମୁଖ୍ୟ କଠୋର, ଏହି ପ୍ରକ୍ରିୟା ଆଗକୁ ଯିବ। ରାଜ୍ୟର ଯେଉଁ ସବୁ ଅଞ୍ଚଳରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ରହିଛନ୍ତି ସେମାନଙ୍କୁ ଚିହ୍ନଟ କରାଯିବ ଏବଂ ସେମାନଙ୍କ କାର୍ଯ୍ୟକୁ ତଦାରଖ କରାଯିବ। ସେମାନଙ୍କୁ ଯଥାଶୀଘ୍ର ଏଠାରୁ ହଟାଇବା ପାଇଁ ପଦକ୍ଷେପ ନିଆଯିବ। ଏ ନେଇ ନିଷ୍ପତ୍ତି ମଧ୍ୟ ହୋଇଛି। ସରକାର ଏନେଇ ସବୁ ବ୍ୟବସ୍ଥା ଗ୍ରହଣ କରିବେ । ଏ ବାବଦରେ କେନ୍ଦ୍ର ସରକାରର ଯାହା ଭୂମିକା ରାଜ୍ୟ ସରକାରଙ୍କ ମଧ୍ୟ ସମାନ ଭୂମିକା ରହିଛି।

ଆଇନ ମନ୍ତ୍ରୀ ଆହୁରି କହିଛନ୍ତି ରାଜ୍ୟ ସରକାର ସବୁବେଳେ ସୁରକ୍ଷାକୁ ଗୁରୁତ୍ୱ ଦେଇ ଚାଲିଛନ୍ତି । ଓଡ଼ିଶାବାସୀଙ୍କୁ ଆହୁରି ସୁରକ୍ଷିତ ରଖିବାକୁ ସରକାର ସମସ୍ତ ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ସେଥିପାଇଁ (ପୃଷ୍ଠା ୭ରେ)

# ଦୁର୍ଦ୍ଦାନ୍ତ ମାଓନେତା ହିଡମା ଓ ତା'ର ପତ୍ନୀଙ୍କ ସମେତ ୬ ନିପାତ

ମାଲକାନଗିରି, ୧୮।୧୧

ନ୍ୟୁଜ୍ ବ୍ୟୁରୋ

ପୁଲିସ୍ ଗୁଳିରେ ଟଳିଲା ମାଓନେତା ମାଡଭି ହିଡମା। ମଙ୍ଗଳବାର ସକାଳୁ ଆନ୍ଧ୍ରପ୍ରଦେଶର ଆଲୁରି ସୀତାରାମରାଜୁ ଜିଲ୍ଲାରେ ମାରେଡୁମେଲ୍ଲୀରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ସକାଳ ୬ରୁ ୭ଟା ମଧ୍ୟରେ ଏହି ଏନକାଉଣ୍ଟର ହୋଇଥିଲା । ପୁଲିସ୍ ଗୁଳିରେ ମାଓ ନେତା ମାଡଭି ହିଡମା ଓ ତା'ର ପତ୍ନୀ ରାଜେ ନିହତ ହୋଇଥିବା ସୂଚନା ମିଳିଛି। ଦୁହେଁ ମାଓ ସଂଗଠନ କେନ୍ଦ୍ରୀୟ



କମିଟି ସଦସ୍ୟ ଥିଲେ । ଆଉ ଜଣେ ବରିଷ୍ଠ ନେତା ଆଜାଦଙ୍କ ମଧ୍ୟ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । (ପୃଷ୍ଠା ୭ରେ)

## ଆନ୍ଧ୍ରପ୍ରଦେଶରେ ସୁରକ୍ଷାବଳଙ୍କୁ ବଡ଼ ସଫଳତା : ୩୧ ମାଓବାଦୀ ଗିରଫ

ବିଜୟୱାଡ଼ା, ୧୮।୧୧

ଆନ୍ଧ୍ରପ୍ରଦେଶରେ ମାଓବାଦୀମାନଙ୍କ ଉପରେ ଲକ୍ଷ୍ୟ ସାଧିବା ସମୟରେ ସୁରକ୍ଷାବଳଙ୍କୁ ମଙ୍ଗଳବାର ଦିନ ଏକ ବଡ଼ ସଫଳତା ମିଳିଛି। ସୁରକ୍ଷା ବଳ ସକାଳେ ଏକ ସଂଘର୍ଷରେ ଛଅ ମାଓବାଦୀଙ୍କୁ ମାରିଥିଲା। ଏହାର କିଛି ସମୟ ପରେ ସୁରକ୍ଷାବଳ ରାଜ୍ୟରେ କେତେକ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଭୁବନେଶ୍ୱର : ୫୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ତିନି ଗିରଫ।
- ଦିଲ୍ଲୀର ୪ ଜିଲ୍ଲା କୋର୍ଟକୁ ବୋମାରେ ଉଡାଇବାକୁ ଧମକ।
- ଅପରାଧୀ ଲରେନ୍ସଙ୍କ ଭାଇ ଅନ୍‌ମୋଲ ବିଷ୍ଣୋଇଙ୍କୁ ଆମେରିକାରୁ ଭାରତକୁ ଆଣାଯାଉଛି।
- ଇସ୍ରୋଙ୍କ ନୂଆ ଚନ୍ଦ୍ର ଅଭିଯାନ "ଚନ୍ଦ୍ରଯାନ ଚାରି" ପାଇଁ ପ୍ରସ୍ତୁତି ତୀବ୍ର।
- ଭୁବନେଶ୍ୱରରେ ଦୁଇଟି ଏବଂ କଟକ ଓ ସମ୍ବଲପୁରରେ ପ୍ରତିଟି ନୂଆ ତହସିଲ୍ ଘୋଷଣା।
- ସାମ୍ନାକୁ ଆସିଲା ଆତଙ୍କବାଦୀ ଉମର ନବିର ନୂଆ ଭିଡ଼ିଓ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୩୬୬ (-୧୭୪)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୩୩୫ (-୧୬୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୨୭୪ (-୧୩୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୭୦ (-୩)

## ଚାଷୀମାନଙ୍କ ପାଇଁ କୃଷକ କଲ୍ୟାଣ ମନ୍ତ୍ରଣାଳୟର ବଡ ଉପହାର

# ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ କ୍ଷତିକୁ 'ସ୍ଥାନୀୟ ବିପଦ'ର ମାନ୍ୟତା

ନୂଆଦିଲ୍ଲୀ, ୧୮।୧୧

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଚାଷୀମାନଙ୍କୁ ଏକ ବଡ଼ ଉପହାର ଘୋଷଣା କରିଛି। ବନ୍ୟପ୍ରାଣୀଙ୍କ ଉପଦ୍ରବ ଏବଂ ଧାନ କ୍ଷେତରେ ଜଳବନ୍ଦୀ ସମସ୍ୟା ଯୋଗୁଁ ଫସଲ କ୍ଷତି ଲାଗି କ୍ଷତିପୂରଣ ଦେବା ପାଇଁ ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବରେ ନୂତନ ପ୍ରକ୍ରିୟାକୁ ଅନୁମୋଦନ କରିଛି। ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ସ୍ଥାନୀୟ ବିପଦ ବର୍ଗଅଧୀନରେ ବନ୍ୟ ପ୍ରାଣୀମାନଙ୍କ ଦ୍ୱାରା ଫସଲ ନଷ୍ଟକୁ ପଞ୍ଚମ 'ଆଡ୍- ଅନ୍ କଭର' ଭାବରେ ସ୍ୱୀକୃତି ଦିଆଯାଇଛି। ରାଜ୍ୟ ସରକାରମାନେ ବନ୍ୟପ୍ରାଣୀଙ୍କ ସୂଚୀ ଅଧିସୂଚୀତ କରିବେ ତଥା ଐତିହାସିକ ତଥ୍ୟ ଆଧାରରେ ଅତ୍ୟଧିକ ପ୍ରଭାବିତ ଜିଲ୍ଲା /ବୀମା ୟୁନିଟଗୁଡ଼ିକୁ ଚିହ୍ନଟ କରିବେ। ଚାଷୀମାନଙ୍କୁ ଫସଲ କ୍ଷତିର ସୂଚନା ୭୨ ଘଣ୍ଟା ମଧ୍ୟରେ ଫସଲ ବୀମା ଆପ୍ ଜିୟୋ-ଟ୍ୟାଗ ହୋଇଥିବା ଫଟୋ ସହିତ ଦାଖଲ କରିବାକୁ ହେବ। ବିଭିନ୍ନ ରାଜ୍ୟର ଦୀର୍ଘକାଳୀନ ଦାବି ଏବଂ ଚାଷୀମାନଙ୍କୁ ଆକସ୍ମିକ, ସ୍ଥାନୀୟ ଓ ଗୁରୁତର ଫସଲ କ୍ଷତିରୁ ସୁରକ୍ଷା ଦେବା ପାଇଁ ଏହି ନିଷ୍ପତ୍ତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରକ୍ରିୟା ଗୁଡ଼ିକୁ ପିଏମଏଫବିୱାଇ କାର୍ଯ୍ୟକ୍ଷମ (ପୃଷ୍ଠା ୭ରେ)

## ଏସ୍‌ସିବିରେ ଲଜ୍ଜା: ଆଇସିୟୁରେ ମହିଳାରୋଗୀଙ୍କୁ ଅସଦାଚରଣ : ଅଭିଯୁକ୍ତ ଗିରଫ

କଟକ, ୧୮।୧୧

ନ୍ୟୁଜ୍ ବ୍ୟୁରୋ

କଟକ ବଡ଼ ଡାକ୍ତରଖାନାରେ ଘଟିଛି ଲଜ୍ଜାଜନକ ଘଟଣା। ବଡ଼ ଡାକ୍ତରଖାନାର ଆଇସିୟୁ ୱାର୍ଡ ଭିତରେ ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ମଙ୍ଗଳବାଗ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଉଛି (ପୃଷ୍ଠା ୭ରେ)

# ଗୁରୁବାର ଶପଥ ନେବେ ନୀତିଶ

## ଶପଥ ସମାରୋହରେ ସାମିଲ ହେବେ ମୋହନ

ପାଟନା, ୧୮।୧୧

ବିହାରର ଦଶମ ମୁଖ୍ୟମନ୍ତ୍ରୀ ଭାବେ ଆଗାମୀ ଗୁରୁବାର ଦିନ ଶପଥ ନେବେ ନୀତିଶ କୁମାର । ଏଥିପାଇଁ ବିଜେପି ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି । ବିହାର ବିଧାନସଭା ନିର୍ବାଚନରେ ଏନଡିଏର ବିପୁଳ ବିଜୟ ପରେ ନୀତିଶ କୁମାର ଗୁରୁବାର ୨୦ ନଭେମ୍ବର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ ବୋଲି ସ୍ଥିର ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଏନଡିଏ ଶାସିତ ରାଜ୍ୟର ଅନେକ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀମାନେ ଏହି ଉତ୍ସବରେ ଯୋଗଦେବେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି (ପୃଷ୍ଠା ୭ରେ)






# ଭାରତରେ ଘରୋଇ କମ୍ପାନୀ ଗୁଡ଼ିକର ନଗଦ ଭଣ୍ଡାର ହ୍ରାସ, ଋଣ ବୃଦ୍ଧି



ନୂଆଦିଲ୍ଲୀ, ୧୮।୧୧

ଭାରତର ଘରୋଇ ପୁଞ୍ଜି ବିନିଯୋଗ ବୃଦ୍ଧି ପାଉଥିବାର ସଙ୍କେତ ମିଳିଛି। ଦେଶର ବଡ଼ ତାଲିକାଭୁକ୍ତ କମ୍ପାନୀଗୁଡିକ ଗତ ତିନି ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ସେମାନଙ୍କର ନଗଦ ଭଣ୍ଡାରକୁ ଦ୍ରୁତ ଗତିରେ ବ୍ୟବହାର କରିବା ଆରମ୍ଭ କରିଛନ୍ତି ଏବଂ ଏଥିସହ ନୂତନ ଭାବରେ ଋଣ ମଧ୍ୟ ନେଉଛନ୍ତି।

ଏକ ସୂଚନା ଅନୁଯାୟୀ, ୩୩୯ଟି କମ୍ପାନୀଙ୍କ ନଗଦ ସଂରକ୍ଷଣ ମାର୍ଚ୍ଚ ୩୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ ୪୩,୦୦୦ କୋଟି ଟଙ୍କାରୁ ଅଧିକ ହ୍ରାସ ପାଇ ୭.୮ ଟ୍ରିଲିୟନ ଟଙ୍କାରୁ ୭.୩୬ ଟ୍ରିଲିୟନ ଟଙ୍କାକୁ ଖସି ଆସିଛି। ଏହି ସମୟ ମଧ୍ୟରେ ମୋଟ ଋଣ ପରିମାଣ ୨.୦୪ ଟ୍ରିଲିୟନ ଟଙ୍କା ବୃଦ୍ଧି ପାଇ ୨୯.୧୫ ଟ୍ରିଲିୟନ ଟଙ୍କାରେ ପହଞ୍ଚିଛି, ଯାହା ଗତ ତିନି ବର୍ଷରେ ସର୍ବାଧିକ ବୃଦ୍ଧି। ନଗଦ ଭଣ୍ଡାରର ହ୍ରାସ ଏବଂ ଋଣର ବୃଦ୍ଧି ଦର୍ଶାଉଛି ଯେ କମ୍ପାନୀଗୁଡ଼ିକ ଆଭ୍ୟନ୍ତରୀଣ ଲାଭ ଓ ଋଣ ଉଭୟକୁ ସେମାନଙ୍କର ସମ୍ପ୍ରସାରଣ ପାଇଁ (ପୃଷ୍ଠା ୭ରେ)





# ଟାଙ୍ଗୀ ଲୁଟ୍ ଘଟଣାରେ ୪ ଗିରଫ:୮ ଲକ୍ଷ ଟଙ୍କା ଉଦ୍ଧାର

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ଟାଙ୍ଗୀ ଥାନା ଅଞ୍ଚଳରେ ଗତ ମାସରେ ଘଟିଥିବା ଏକ ଟଙ୍କା ଲୁଟ୍ ଘଟଣାରେ ଟାଙ୍ଗୀ ପୋଲିସ ୪ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ନଗଦ ୮ ଲକ୍ଷ ଟଙ୍କା ଏବଂ ଲୁଟ୍‌ରେ ବ୍ୟବହାର ହୋଇଥିବା ଏକ ପଲସର୍ ଓ ଏକ ୟାମା ଗାଡ଼ିକୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଧିନ ଶାସନ ଗ୍ରାମର ଅଶୋକ ଦାସ, ଧାମନଗର ଥାନା ମୁସ୍ତାଫାପୁର ଗ୍ରାମର ଦେବେନ୍ଦ୍ର ଦାସ, ଯାଜପୁର ଜିଲ୍ଲା ଅଧିନ ମୁଣ୍ଡମାଳ ଗ୍ରାମର ରାଜେଶ ଦାସ ଏବଂ ମୁଣ୍ଡମାନ ପାତ୍ରସାହିର ମନୋଜ ଦାସ। ପୋଲିସ୍ ସୂଚନା ଅନୁଯାୟୀ ଗତ ଅକ୍ଟୋବର ୨୯ ତାରିଖରେ ଟାଙ୍ଗୀ ଥାନା ଅଧିନ କୋରକୋର ଗ୍ରାମର ରବି ନାରାୟଣ ତ୍ରିପାଠୀ ବ୍ୟାଙ୍କରୁ ୧୦ ଲକ୍ଷ ଟଙ୍କା ଉଠାଇ ନିଜ ଆକ୍ଟିଭା ଗାଡ଼ି ଡିକିରେ ରଖି ଘରକୁ ଫେରିଥିଲେ। ଘର ଦୁଆର ପାଖରେ ଗାଡ଼ି ରଖି ଗେଟ୍ ଖୋଲିବାକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ଡିକି ଭାଙ୍ଗି ଟଙ୍କା ନେଇ ଚମ୍ପଟ୍ ମାରିଥିଲେ। ଏନେଇ ରବିନାରାୟଣ ଟାଙ୍ଗୀ ଥାନାରେ ଅଭିଯୋଗ କରିବାରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ସହିତ ସୋମବାର ଦିନ କୋର୍ଟ ଚାଲାଣ କରିଛି।

# ଜଗତସିଂହପୁର ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ଅଭିଯାନ ଜାରି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକଙ୍କ ଦ୍ୱାରା ଜିଲ୍ଲାର ବେହେରାମପୁର ଓ ଧନିପୁର ଠାରେ ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ ସମ୍ପର୍କିତ ପ୍ରେସ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ ମିଟ୍‌ରେ ଡିଆଇଜି ଶ୍ରୀ ନାୟକ କହିଥିଲେ ଯେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଜିପିଙ୍କ ନିର୍ଦ୍ଦେଶରେ ସମଗ୍ର ରାଜ୍ୟରେ ସନ୍ଦେହଜନକ ଓ ବେଆଇନ୍ ଭାବେ ରହୁଥିବା ଅନ୍ୟ ଦେଶର ଅନୁପ୍ରବେଶକାରୀ ମାନଙ୍କୁ ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦୃଢ଼ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାରେ ମଧ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଜାଗାରେ ଚଢ଼ଉ କରାଯାଉଛି। ଉପ ଆରକ୍ଷୀ ଅଧିକ୍ଷକ ଓ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱ ରେଡ କରାଯାଇଥିଲା। ଏଥିରେ ୩ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଛି। ସେମାନଙ୍କ ପାଖରୁ ୧୦ଟି ବିଭିନ୍ନ ପ୍ରକାର ଧାରୁଆ ମାରଣାସ୍ତ୍ର ଓ ୧ଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଅପରେସନ୍‌ରେ ପୋଲିସ ଓ ସେହି ସନ୍ଦିଗ୍ଧ ଅନୁପ୍ରବେଶକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାପରେ ପୂର୍ବାହ୍ନରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଉପସ୍ଥିତିରେ ବେରହାମପୁର ଓ ଅପରାହ୍ନରେ ଧନିପୁର ଠାରେ ବେଆଇନ୍ ସରକାରୀ ଜାଗାରେ ଥିବା ଜବରଦଖଲକୁ ବୁଲଡୋଜର ସାହାଯ୍ୟରେ ଉଚ୍ଛେଦ କରାଯାଇଥିଲା। ଦୁଇଟି ପର୍ଯ୍ୟାୟରେ ଏହି କାର୍ଯ୍ୟ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୦ ବଖରା ଘର ଭଙ୍ଗା ଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୬ ରୁ ୭ ବେଆଇନ୍ ଜବରଦଖଲ ଉଚ୍ଛେଦ ହୋଇଥିଲା। ଏହି କାର୍ଯ୍ୟରେ ୩ ପ୍ଲାଟୁନ୍ ପୋଲିସ ମୁତୟନ ହୋଇଥିଲେ। ଡିଆଇଜି ଶ୍ରୀ ନାୟକଙ୍କ ସୂଚନା ମୁତାବିକ ଏହା ଏକ ନିରନ୍ତର ପ୍ରକ୍ରିୟା ଯେଉଁଥିରେ ସନ୍ଦିଗ୍ଧଙ୍କୁ ଆଇନ୍ ଅନୁଯାୟୀ ପ୍ରଥମେ ଡିଟେକ୍ସନ୍, ପରେ ଡିଲିସନ୍ ଓ ଶେଷରେ ଡିପୋଟେସନ୍ କରାଯାଇଥାଏ। ଜିଲ୍ଲାପାଳ ଜେ. ସୋନାଲ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ, ଡିଆଇଜିଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଥିବା ୧୩୦୦ରୁ ଉର୍ଦ୍ଧ୍ୱ ରାଜସ୍ୱ ଗ୍ରାମ ଓ ୧୯୮ ପଞ୍ଚାୟତ ଓ ୨ ପୌରପାଳିକାରେ ନିରନ୍ତର ଭାବେ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ସନ୍ଦେହ ଘେରରେ ଆସୁଥିବା ବେଆଇନ୍ ଅନୁପ୍ରବେଶକାରୀଙ୍କ ଆଇନ୍ ଅନୁଯାୟୀ ତଦନ୍ତ ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା କହିଥିଲେ ଯେ, ୩ ଓ ୧୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ସେମାନଙ୍କର ଯାଞ୍ଚ କରାଯାଉଛି। ସେମାନଙ୍କ ମଧ୍ୟରୁ କିଛି ଜଣ ସେମାନେ ବାଂଲାଦେଶୀ ନାଗରିକ ବୋଲି ସ୍ୱୀକାର କରିଥିବାବେଳେ ଅନ୍ୟମାନେ ଯାଞ୍ଚ ସମୟରେ ନିଜର ସଠିକ୍ ପରିଚୟ ପତ୍ର, ଜମିଜମା ସମ୍ପର୍କିତ ବିବରଣୀ ଓ ପ୍ରମାଣ ଦେବାରେ ଅସମର୍ଥ ହୋଇଛନ୍ତି। ସେମାନଙ୍କର ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଛି। ଏଥିସହିତ ବିଭିନ୍ନ ଜାଗାରେ ବାହାର ରାଜ୍ୟର ଲୋକମାନଙ୍କୁ ଘରଭଡ଼ା ଦେଉଥିବା ଘର ମାଲିକମାନେ ସେମାନଙ୍କର ପରିଚୟପତ୍ର ଯାଞ୍ଚ କରିବା ସହ ନିକଟସ୍ଥ ଥାନାରେ ସୂଚନା ଦେବାପାଇଁ ଆରକ୍ଷୀ ଅଧିକ୍ଷକ ପରାମର୍ଶ ଦେଇଥିଲେ। ସେହିପରି ବିଭିନ୍ନ ହୋଟେଲ, ଗେଷ୍ଟ ହାଉସ୍ ଆଦିରେ ମଧ ନେଇ ସ୍ୱତନ୍ତ୍ର ଅପରେସନ୍ କେବଳ ଜିଲ୍ଲା ବା ରାଜ୍ୟରେ ନୁହେଁ ବରଂ ସମଗ୍ର ଦେଶରେ ଚାଲିଛି। ଜଗତସିଂହପୁର ଜିଲ୍ଲାରେ ଅତ୍ୟନ୍ତ ସଫଳତାର ସହ ଏହି ପ୍ରକ୍ରିୟାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ଡିଆଇଜି ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ତାଙ୍କର ଟିମ୍‌କୁ ପ୍ରଶଂସା କରିଥିଲେ।



୩ ସନ୍ଦିଗ୍ଧ ଅଟକ:୧୦ ମାରଣାସ୍ତ୍ର ଓ ବନ୍ଧୁକ ଜବତ

## ଚିକିତ୍ସା ଅବହେଳାରୁ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଅଭିଯୋଗ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବୁର୍ଜା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀ ନିବାସର ସପ୍ତମ ଶ୍ରେଣୀ ଅନ୍ତେବାସୀ ଭବାନୀ ହରିଜନଙ୍କ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ। ଭବାନୀ ଅସୁସ୍ଥ ଥିଲେ ଅପରାହ୍ନରେ ଝିଅ ଅସୁସ୍ଥ ଥିବା କଥା ବିଦ୍ୟାଳୟ କର୍ତ୍ତୃପକ୍ଷ ଫୋନ୍ ଯୋଗେ ପରିବାରଙ୍କୁ ଜଣାଇଥିଲେ। ଭବାନୀଙ୍କୁ ଚିକିତ୍ସାଳୟକୁ ନେବାକୁ ପରାମର୍ଶ ଦେଇଥିଲେ କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସାଳୟ ନେବା ବ୍ୟବସ୍ଥା କରିନଥିବାରୁ ନିକଟସ୍ଥ ଜଣେ ଅଭିଭାବକ ଛାତ୍ରୀନିବାସକୁ ଯାଇ ଝିଅ ଗୁରୁତର ଥିବା ଦେଖି ଅଟୋ ଯୋଗେ ଚିକିତ୍ସାଳୟ ନେବା ବ୍ୟବସ୍ଥା କରିଥିଲେ। ଏହି ସମୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ତରଫରୁ ଏକ ଅଟୋ ଯୋଗେ ଅନ୍ୟ ତିନି ଝିଅଙ୍କ ସହ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେହିଠାରେ ଚିକିତ୍ସକ ଭବାନୀଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ରୀଙ୍କ ପରିବାରବର୍ଗ ଅଭିଯୋଗ କରିଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ ଉପଯୁକ୍ତ ସମୟରେ ଚିକିତ୍ସା ବ୍ୟବସ୍ଥା ନକରିବା ଯୋଗୁ ଭବାନୀଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଉମରକୋଟ ଗୋଷ୍ଠୀଶିକ୍ଷା ଅଧିକାରୀ ଇଶ୍ୱର ମାଝୀ ଘଟଣାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ବ୍ରାହ୍ମଣୀ ନଦୀରେ ବୁଡି ଛାତ୍ର ନିଖୋଜ

**ଭୁବନ, ନ୍ୟୁଜ୍ ବ୍ୟୁରୋ**

ବ୍ରାହ୍ମଣୀ ନଦୀର ହିଙ୍ଗୁଳା ଘାଟରେ ଗାଧୋଇବା ବେଳେ ପାଣିରେ ବୁଡି ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ନିଖୋଜ ଛାତ୍ର ଜଣକ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୧୨ ଅନ୍ତର୍ଗତ ଜଗନ୍ନାଥ ମନ୍ଦିର ନିକଟସ୍ଥ ଦିଲ୍ଲିପ ପୋଥାଲଙ୍କ ପୁଅ ନରହରି ପୋଥାଳ। ନରହରି ଏକ ନାବାଳକଙ୍କୁ ବଞ୍ଚାଇବାକୁ ଯାଇ ନିଜେ ଭୁଶା ବାଲିରେ ଖସି ଯାଇଥିଲେ। ଭୁବନ ଅଗ୍ନିଶମବାହିନୀ ଖୋଜାଖୋଜି ଜାରି ରଖିଛନ୍ତି। ନରହରି ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ +୩ କଳାର ଛାତ୍ର ଅଟନ୍ତି। ନରହରି ଦିଲ୍ଲିପଙ୍କ ଏକ ମାତ୍ର ପୁଅ ଅଟନ୍ତି। ଭୁବନ ପୂର୍ବତନ ନଗରପାଳ ଶୁଭେନ୍ଦୁ ସାହୁ ନିଖୋଜ ଛାତ୍ରଙ୍କ ପରିବାର ବର୍ଗଙ୍କୁ ସାକ୍ଷାତ କରି ଆଶ୍ୱାସନା ଦେବା ସହ ନିଖୋଜ ଛାତ୍ରଙ୍କୁ ଖୋଜିବାକୁ ଓଡ୍ରାଫ୍ ଟିମ୍ ବ୍ୟବସ୍ଥା କରିଥିଲେ। ଗନ୍ଦିଆରୁ ସ୍କୁବା ଡ୍ରାଇଭର ପହଞ୍ଚି ବହୁ ଖୋଜା ଖୋଜି କରି ନିରାଶ ହୋଇ ଫେରିଥିଲେ।

# ଶିଶୁଙ୍କ ଉତ୍ତମ ଭବିଷ୍ୟତ ଗଢ଼ିବାରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**




ପ୍ରତିଯୋଗିତା ମୂଳକ ଶିକ୍ଷା ଦୌଡ଼ ଆମ ମାନସିକ ସ୍ତରକୁ ସନ୍ତୁଳିତ କରିବା ସାଙ୍ଗକୁ ଆଧୁନିକ ସମାଜ ପାଇଁ ଅଭିଶାପ ସଦୃଶ ହୋଇଯାଇଛି ବୋଲି ବରଗଡ଼ ମହିଳା ସମିତି ସମାରୋହରେ ଗଭୀର ଚିନ୍ତା ପ୍ରକଟ କରାଯାଇଛି। ୧୪ ତାରିଖ ଶିଶୁ ଦିବସ ଅବସରରେ ସଭାନେତ୍ରୀ ଅଞ୍ଜନା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଶିଷ୍ଟ ସମାଜସେବୀ ଗୀତା ମିଶ୍ର, ମୁଖ୍ୟ ଆଲୋଚକ ସ୍ୱନାମଧନ୍ୟ ଚିକିତ୍ସକ ଡ଼ା. ଅଙ୍କିତା ଦାଶ ଏବଂ ସମ୍ମାନିତ ଅତିଥି ସର୍ଦ୍ଦାର ପ୍ରିତମ ସିଂ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଆଲୋଚକ ଡ଼ା. ଦାଶ ଶିଶୁଙ୍କ ଉତ୍ତମ ଭବିଷ୍ୟତ ଗଠନ କରିବାରେ ମହିଳାମାନଙ୍କର ଭୂମିକା ଏବଂ ଶୈଶବ ପାଳନ ଅତ୍ୟନ୍ତ ଗୁରୁତ୍ୱ ବହନ କରେ ବୋଲି ଦର୍ଶାଇ ଏକ ଉନ୍ନତ ସମାଜ ଏବଂ ସୁଦୃଢ଼ ଭବିଷ୍ୟତ ପାଇଁ ଶିଶୁମାନଙ୍କ ଶିକ୍ଷା ଏବଂ ଅଧିକାର ଉପରେ ସମସ୍ତେ ଯତ୍ନଶୀଳ ହେବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଏହି ପ୍ରସଙ୍ଗରେ ଶିକ୍ଷା ଆଳରେ ଶିଶୁକୁ ହଷ୍ଟେଲରେ ଏବଂ ଶାନ୍ତି ଖୋଜିବାକୁ ଆଳରେ ପିତା ମାତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିବା, ଉଭୟ ସମାନ ଅପରାଧ ବୋଲି ଦର୍ଶାଇ ଗତିଶୀଳ ନହୋଇ ପ୍ରଗତିଶୀଳ ହେବାକୁ ଆହ୍ୱାନ୍ ଜଣାଇଥିଲେ। ମୁଖ୍ୟଅତିଥି ଗୀତା ମିଶ୍ର ପୁଅ ଝିଅମାନଙ୍କ ଭବିଷ୍ୟତ କିପରି ସୁନ୍ଦର ହେବ ଏବଂ ଶିକ୍ଷା ଓ ସମାନ ସୁଯୋଗ ମାଧମରେ ସେମାନଙ୍କୁ କିପରି ସଶକ୍ତ କରିବା ଆମ ଦେଶର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି କହିଥିଲେ। ସର୍ଦ୍ଦାର ପ୍ରିତମ ସିଂ ସମାଜର ପ୍ରତ୍ୟେକ ବର୍ଗଙ୍କୁ ସୁରକ୍ଷିତ, ଖୁସି ଏବଂ ସହାୟକ ପରିବେଶ ପ୍ରଦାନ କରିବାର ସାଙ୍ଗକୁ ଏକ ଶକ୍ତିଶାଳୀ, ଦୟାଳୁ ଏବଂ ଦାୟିତ୍ୱବାନ ସମାଜ ଗଠନ କରିବା ଦିଗରେ ସମସ୍ତଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପଦ୍ମିନୀ ସାହୁ ସଭା କାର୍ଯ୍ୟ ସଞ୍ଚାଳନ, ମମତା ମିଶ୍ର ଅତିଥି ପରିଚୟ ପ୍ରଦାନ, ସମ୍ପାଦିକା ସୁଧାଂଶୁବାଳା ଦାଶ ଉଦ୍ଦେଶ୍ୟ ଜ୍ଞାପନ ଏବଂ ପରିଶେଷରେ ରାଧାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହରଜୀନ୍ଦର କୌର, କନକ ପ୍ରଧାନ, ଇନ୍ଦ୍ରାଣୀ ଶତପଥୀ, ବାସନ୍ତୀ ଗଡଟିଆ, ଜୟନ୍ତୀ ପ୍ରଧାନ, କମଳିନୀ ଦାଶ, ସୁନିତା କର, ସ୍ୱାଧିନୀ ଦାଶ, ମନ୍ଦାକିନୀ ପତି, ସଂଗୀତା ଗୁପ୍ତା, ପ୍ରଣତି ପ୍ରଧାନ, ଗୀତା ଅଗ୍ରୱାଲ ଏବଂ ସଦସ୍ୟା ଗଣ ସହଯୋଗ କରିଥିଲେ। ସୁଶ୍ରୀ ଶ୍ରଦ୍ଧା ଗୁପ୍ତା ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

# ୨ ଶିଶୁ ସମେତ ୮ ଦାଦନ ଶ୍ରମିକ ଉଦ୍ଧାର:ଦଲାଲ ଗିରଫ




**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ପେଟ୍ରୋଲ ପମ୍ପ ନିକଟରେ ଖପ୍ରାଖୋଲ ପୋଲିସ ସୋମବାର ମଧ୍ୟାହ୍ନରେ ବେଆଇନ୍ ଭାବେ ଚାଲାଣ ହେଉଥିବା ଦୁଇ ଶିଶୁ ସହିତ ୮ ଜଣ ଦାଦନ ଶ୍ରମିକ ଏକ ବୋଲୋର ଗାଡ଼ିରେ ଚାଲାଣ ହେଉଥିବା ସମୟରେ ପୋଲିସ ମାଡି ବସିଲା। ସୂଚନା ଅନୁସାରେ ଉଦ୍ଧାର ଦାଦନ ଶ୍ରମିକ ବରଗଡ ଜିଲ୍ଲା ପାଇକମାଳ ଥାନା ଅଞ୍ଚଳର ବୋଲି ଜଣାପଡିଛି। ବେଆଇନ୍ ଦାଦନ ଶ୍ରମିକ ଚାଲାଣ କରୁଥିବା ଦଲାଲ ନୂଆପଡ଼ା ଜିଲ୍ଲା କୋମନା ଥାନା ସୁକୁଲିମୁଣ୍ଡି ଗାଁର ଘନଶ୍ୟାମ ଶବର (୪୨) ଓ ବୋଲେରୋ ଗାଡ଼ି ଡ୍ରାଇଭର ତ୍ୱାସିର ମହମ୍ମଦ (୨୫)କୁ ଗିରଫ କରିଥିବା ପୋଲିସ ସୂଚନା ଦେଇଛି। ଏନେଇ ଖପ୍ରାଖୋଲ ଥାନା କେସ୍ ନମ୍ବର ୨୬୮/୨୫ରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚାଲିଥିବା ବେଳେ ଉଦ୍ଧାର ଶ୍ରମିକଙ୍କୁ ନିଜ ଗାଁକୁ ପଠାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ଓ ଆଞ୍ଚଳିକ ପରିବହନ ବିଭାଗ ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆର୍‌ଟିଓ ଲୋକନାଥ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନା ଅତିଥି ଭାବେ ଯୋଗଦେଇଥିଲେ। ଆଇକ୍ୟୁଏସିର ସଂଯୋଜକ ଡ଼ ଦୀପ୍ତି ରାୟ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶୂନ୍ୟ ମୃତ୍ୟୁ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୫୦ରୁ ଉର୍ଦ୍ଧ୍ୱ ୱାଇଆର୍‌ସି କର୍ମକର୍ତ୍ତା, ଏନ୍‌ସିସି କର୍ମକର୍ତ୍ତା ମାନେ ଉପସ୍ଥିତ ରହି ସଡ଼କ ସୁରକ୍ଷା ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ। ଏହି ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା ଏବଂ ନାଟକ ପରିବେଷଣ କରାଯାଇଥିଲା। ସଡ଼କ ସୁରକ୍ଷା ବିଷୟରେ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଟ୍ରାଫିକ୍ ଇନ୍‌ସପେକ୍ଟର ରାଜ ନାରାୟଣ ସ୍ୱାଇଁ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ମହା ବିଦ୍ୟାଳୟର ବାଣିଜ୍ୟ ବିଭାଗର ଜିଲ୍ଲା ଅଧ୍ୟାପକ ବିକାଶ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ନିରପେକ୍ଷ, ନିର୍ଭିକ ଓ ସତ୍ୟନିଷ୍ଠ ଭାବେ ସମ୍ବାଦ ପରିବେଷଣ ପାଇଁ ନିବେଦନ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**




ରାୟଗଡା ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସ୍ୱଭାଗୃହ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ-୨୦୨୫ ପାଳିତ ହୋଇଯାଇଛି। ରାୟଗଡ଼ ବିଧାୟକ ଶ୍ରୀ କାଡ୍ରାକା ଆପ୍ପାଲସ୍ୱାମୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ସାମ୍ବାଦିକ ବନ୍ଧୁମାନଙ୍କୁ ସମ୍ବର୍ଦ୍ଧିତ କରି ନିରପେକ୍ଷ, ନିର୍ଭିକ ଓ ସତ୍ୟନିଷ୍ଠ ଭାବରେ ସମ୍ବାଦ ପରିବେଷଣ ପାଇଁ ନିବେଦନ କରିଥିଲେ। କହିଥିଲେ ଯେ ସାମ୍ବାଦିକ ମାନଙ୍କ ସମସ୍ୟା ଉପରେ ବିଧାନସଭାରେ ବହୁବାର ପ୍ରଶ୍ନ କରିଛି। ଆଗକୁ ମଧ ପ୍ରଶ୍ନ ଉଥାପନ କରିବି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅଧ୍ୟକ୍ଷା ଜିଲ୍ଲାପରିଷଦ, ରାୟଗଡ଼, ସୁଶ୍ରୀ ସରସ୍ୱତୀ ମାଝୀ, ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ପ୍ରକଳ୍ପ ପ୍ରଶାସକ ସମ୍ମାନ୍ନିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ଼ ଚନ୍ଦ୍ରକାନ୍ତ ମାଝୀ, ଉତ୍କଳ ଆଲୁମିନା ଲୋକସମ୍ପର୍କ ଅଧିକାରୀ ଆମଜାଦ ଅଲି ଯୋଗଦାନ କରି ରାୟଗଡା ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକମାନେ ନିର୍ଭିକ, ନିରପେକ୍ଷ, ସତ୍ୟ ଓ ଗଠନମୂଳକ, ସମସ୍ୟା ଭିତ୍ତିକ ସମ୍ବାଦ ପରିବେଷଣ କରୁଥିବାରୁ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ଠାରେ ଖବରଗୁଡିକ ପହଞ୍ଚି ପାରୁଥିବାରୁ ଅନେକ ସମସ୍ୟାର ସମାଧାନ ହୋଇପାରିବା ସହ ଜିଲ୍ଲା ବିକାଶରେ ମଧ ସାମ୍ବାଦିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛନ୍ତି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ନିରପେକ୍ଷତା, ନିର୍ଭୀକତା, ସହୃଦୟତା ସାମ୍ବାଦିକଙ୍କ ପ୍ରାଥମିକତା ହେବା ଆବଶ୍ୟକ ବୋଲି କହିଥିଲେ। ଡ଼ଃ ଉମେଶ ଚନ୍ଦ୍ର ଶତପଥି, ଅତିଥି ଅଧ୍ୟପକ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା କଳାହାଣ୍ଡି ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ତାଙ୍କର ଓଜସ୍ୱିନୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅତିଥିମାନେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଚଳିତ ବର୍ଷର ଆଲୋଚ୍ୟ ବିଷୟ: ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ ବିଷୟ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ସାମ୍ବାଦିକ ରାଜେଶ ପଟ୍ଟନାୟକ, ଅନୁବ୍ରତ ବକ୍ଷରା, ଗୋପ ରଞ୍ଜନ ବକ୍ସିପାତ୍ର, ବୋମାଳୀ କାନ୍ତା ରାଓ ପ୍ରମୁଖ ନିଜ ନିଜ ବ୍ୟକ୍ତବ୍ୟ ରଖିଥିଲେ। ରାୟଗଡ ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଦିଗରେ ସମାଧାନ ପାଇଁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସବୁ ସମୟରେ ସହଯୋଗ କରିଆସୁଥିବା ବେଳେ ଚଳିତ ବର୍ଷ ରାୟଗଡା ଜିଲ୍ଲାରେ ୩୦୦ ଜଣ ସାମ୍ବାଦିକମାନେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅର୍ନ୍ତଭୁକ୍ତ ହୋଇଥିବା ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରକାଶ କରିଥିଲେ। ଏହି ଦିବସ ପାଳନ ଅବସରରେ ସମସ୍ତ ସାମ୍ବାଦିକ ମାନଙ୍କୁ ଉପଢୌକନ ଦେଇ ସମ୍ମିନୀତ କରାଯାଇଥିଲା। ସେହିପରି ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀତ୍ୱ ଲାଭ କରିଥିବା ୬ ଜଣ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ବ୍ୟତୀତ ପୂର୍ବତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜଳନ୍ଧର ପୁଷ୍ଟିକା, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର, ଜିଲ୍ଲାସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପଖଣ୍ଡ ସୂଚନା ଲୋକସମ୍ପର ଅଧିକାରୀ, ଧନଞ୍ଜୟ ବେହେରା, ବରିଷ୍ଠ ସହାୟକ, ମାନସ ରଞ୍ଜନ ସାହୁ, ଗ୍ରନ୍ଥାଗାରିକ ଡମ୍ବରୁଧର ପଣ୍ଡା, ସୁଭାଷ କେରକେଟା, ସମ୍ରାଟ ସାହୁ, ରାଜେନ୍ଦ୍ର ଦୋରା ଆୟୋଜନ କରିବାର ସହଯୋଗ କରିଥିବା ବେଳେ, ବରିଷ୍ଠ କର୍ମଚାରୀ ଅନନ୍ତ ପାତ୍ର ସଂଯୋଜନା କରିଥିବାବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଜୟପୁରରୁ ନିଖୋଜ ଯୁବକ ଗଞ୍ଜାମରୁ ଉଦ୍ଧାର

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜୟପୁର ଅଞ୍ଚଳର ଜେନୈକ ଯୁବକ ଗତ ୬ ତାରିଖରେ ଘରୁ କେଉଁଆଡେ ଚାଲିଯାଇଥିଲେ। ପୁଅ ନିଖୋଜ ନେଇ ବାପା ଜୟପୁର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଟାଉନ୍ ଥାନା ପୋଲିସ ଫଟୋ ଜାରି କରିବା ସହ ପରିବାର ଲୋକଙ୍କ ସହ ଚାରିଆଡେ ଖୋଜା ଖୋଜି କରିଥିଲେ। ଗତ ଶୁକ୍ରବାର ପୁଇଁତୋଳା ଛକ ଠାରେ ଜଣେ ଯୁବକ ସନ୍ଦେହ ଜନକ ଭାବେ ବୁଲୁଥିବା ଦେଖି ସ୍ଥାନୀୟ ସମାଜସେବୀ ଧରଣୀ ସାହୁ ଏବଂ ବିଶ୍ୱ ଭୂଷଣ ଦଳାଇ ପାଖକୁ ଯାଇ ଆଲୋଚନା କରିଥିଲେ। ପରେ ଜୟପୁର ଅଞ୍ଚଳର ପଙ୍କଜ ସାବତ (ପିଙ୍କୁ) ବୟସ ୨୪ ସେ କୌଣସି କାରଣରୁ ଟ୍ରେନ୍ ଯୋଗେ ଭୁବନେଶ୍ୱର ଏବଂ ସେଠାରୁ ଚାଲି ଚାଲି ଆସିଥିବା ଜଣାପଡିଥିଲା। ଏନେଇ ପଙ୍କଜର ମୋବାଇଲ୍‌ରୁ ହିଁ ତାଙ୍କ ବାପାଙ୍କୁ ପୁଅ ଗଞ୍ଜାମରେ ଥିବା ଧରଣୀ ଅବଗତ କରିବା ସହ ଆଇଆଇସି ସୁମିତ୍ରା ପାତ୍ରଙ୍କୁ ମଧ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ତିନି ଦିନ ହେବ ଯୁବକଙ୍କର ଖାଇବା ପିଇବା ସହ ସମସ୍ତ ବନ୍ଦୋବସ୍ତ କରିଥିଲେ ଧରଣୀ ଓ ବିଶ୍ୱ ଭୂଷଣ। ଖବରପାଇ ଟ୍ରେନ୍ ଯୋଗେ ଉଦ୍ଧାର ଯୁବକଙ୍କ ବାପା ସନ୍ତୋଷ ସାବତ ଦାଦା ଓ ଦୁଇ ପିଉସୀ ସୋମବାର ଗଞ୍ଜାମରେ ଆସି ପହଞ୍ଚିଥିଲେ। ଥାନା ପୋଲିସ ପଙ୍କଜଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଉଦ୍ଧାର ଯୁବକଙ୍କ ମା' ନଥିବାବେଳେ ମା' ବାପାଙ୍କ ଗୋଟିଏ ବୋଲି ପୁଅ। ତାଙ୍କ କଥା ଘରେ କେହି ଶୁଣୁ ନଥିଲେ ତେଣୁ ସେ ମନ ଖରାପ କରି ଚାଲି ଆସିଥିବା ପଙ୍କଜ ଗଣମାଧ୍ୟମକୁ କହିଛନ୍ତି। ଅନ୍ୟ ପଟେ ପୁଅକୁ ପାଇ ବାପା ସନ୍ତୋଷ ଉଦ୍ଧାରକାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୯।୧୧।୨୦୨୫, ମାର୍ଗଶିର ଦି୪ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୫୭।୨୯ ଚନ୍ଦ୍ରୋଦୟ- ରାଘ ୪।୦୮।୧୦**

**ଚତୁର୍ଦ୍ଦଶୀ-** ଦିଘ ୯।୪୩ ପର୍ଯ୍ୟନ୍ତ। **ସ୍ୱାତୀ ନକ୍ଷତ୍ର-** ପ୍ରାଘ ୭।୫୯ ପର୍ଯ୍ୟନ୍ତ। **ତୁଳା ଚନ୍ଦ୍ର-** ରାଘ ୪।୧୩ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର। ରାଘ ୪।୧୩ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୯।୪୩ ପରେ ଆମିଷ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୦୧ ଗତେ ଘ ୮।୧୪ ମଧ୍ୟେ। ଦିଘ ୧।୨୨ ଗତେ ଘ ୩।୩୪ ମଧ୍ୟେ। **ପର୍ବୋତ୍ସବ-** ଦେବ ଦୀପାବଳୀ ଆରମ୍ଭ, ଶଚୀତୀର୍ଥ ସ୍ନାନ, ନିଶାପାଳନ, ନଷ୍ଟଚନ୍ଦ୍ର ଉପବାସ।



**ମେଷ:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ଦେହ ଓ ମନ ଭଲ ରହିବ। ଦୂରଯାତ୍ରା କରି ସଫଳତା ହାସଲ କରିବେ।



**ବୃଷ:** ଆଚାର ବ୍ୟବହାରରେ କିଛିଟା ପରିବର୍ତ୍ତନ ଆପଣଙ୍କୁ ଅଡୁଆରେ ପକେଇପାରେ। ଅଭିମାନୀ ହେବେ। ଅହଂକାର ପ୍ରକାଶ ପାଇବ। ଅଯଥା ବାଦାନୁବାଦର ଶୀକାର ହେବେ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ଆନନ୍ଦ ଦେଖାଦେବ।



**ମିଥୁନ:** ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଆପଣ ବିଦ୍ୱାନ୍ ଓ ଦୟାଳୁ ହେବେ। ଆୟ ତୁଳନାରେ ବ୍ୟୟର ମାତ୍ରା ବଢିବ। ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ। ପାରିବାରିକ ଆଶ୍ୱସ୍ତି ଲାଭ ହେବ।



**କର୍କଟ:** ଶାରୀରିକ ଅସୁସ୍ଥତା। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଉଦାସ ରହିବେ। ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି। ଲୋକ ସମ୍ପର୍କ ବଢିବ। ଠକାମୀର ଶିକାର ହୋଇପାରନ୍ତି। ସାଧାରଣ କଥାକୁ କେନ୍ଦ୍ର କରି ଗୃହେ କଳହ।



**ସିଂହ:** ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ପାରିବାରିକ ସମସ୍ୟାର ସମାଧାନ ହେବ। ଆଜିର ଯାତ୍ରାରେ ଅଭିଳଷିତ ଫଳ ମିଳିବ। ଆୟର ପରିମାଣ ବଢିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**କନ୍ୟା:** ରୋଜଗାରରେ ବାଧା ଉପୁଜିବ। କର୍ମକ୍ଷେତ୍ରରେ ପ୍ରତାରିତ ହୋଇପାରନ୍ତି। ପାରିବାରିକ ଶାନ୍ତି ଅନୁଭବ କରିବେ। ବନ୍ଧୁ ସହଯୋଗରୁ କର୍ମ ପ୍ରାପ୍ତି। ନୂତନ ଦ୍ରବ୍ୟ ଲାଭ ହେବ। ମନ ଭଲ ରହିବ।



**ତୁଳା:** ଶୁଭ କାର୍ଯ୍ୟରେ ଯୋଗଦାନ। ଆହାରେ ତୃପ୍ତି। ଆନନ୍ଦ ଉତ୍ସବ ମଧ୍ୟରେ ନିଜକୁ ମଜାଇ ରଖିବେ। ଦେହ ଓ ମନ ଭଲ ରହିବ। କୌଣସି ନୂତନ କାର୍ଯ୍ୟର ସନ୍ଧାନ ପ୍ରପ୍ତି ହେବ। ଆୟ ଯୋଗ ରହିଛି।



**ବିଛା:** ଅଭିଷ୍ଟ ସିଦ୍ଧ ହେବ। ବ୍ୟବସାୟରେ ସଫଳତା ପ୍ରାପ୍ତ ହେବ। ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହେବ। ପରୋପକାର କରି ପ୍ରଶଂସିତ ହେବେ। ରୋଜଗାର ମଧ୍ୟମ ଧରଣର ହେବ। ପାରିବାରିକ ସୁଖ ଲାଭ।



**ଧନୁ:** ଅନେକ କ୍ଷେତ୍ରରୁ ପ୍ରଶଂସା ପ୍ରାପ୍ତ ହେବ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ ଆନନ୍ଦ ଦେଖାଦେବ। ପିଲାମାନେ ପଢାପଢିରେ ଆଗେଇବେ। ମନ ଅସ୍ଥିର ରହିବ। କୌଣସି କାର୍ଯ୍ୟରେ ମନ ଲାଗିବନାହିଁ।



**ମକର:** ସହଯୋଗ ବିନା କାର୍ଯ୍ୟ ଅସମ୍ପୂର୍ଣ୍ଣ ହେବ। ଠକାମିର ଶିକାର ହେବେ। ଆୟର ପରିମାଣ କମିଯିବ। ପରିବାରରେ ସାମାନ୍ୟ ଅଶାନ୍ତିର ଆଶଙ୍କା। ଶତ୍ରୁମାନେ ନାଶ ହେବେ। ମନ ଅସ୍ଥିର ରହିବ।



**କୁମ୍ଭ:** ବ୍ୟବସାୟରେ ଲାଭବାନ ହେବେ। ଦେହ ଓ ମନ ଭଲ ରହିବ। ଘରେ ଆନନ୍ଦ ଦେଖାଦେବାର ସୂଚନା। ମହିଳାମାନେ ସୁଖୀ ହେବେ। ରୋଜଗାରର ପରିମାଣ ବଢିବ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି।



**ମୀନ:** ଅଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ। ରୋଜଗାର ସ୍ଥିର ରହିବ। ପାରିବାରିକ ଅଶାନ୍ତି ଦେଖାଦେବାର ସୂଚନା।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦାଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୦।୧୧।୨୦୨୫, ମାର୍ଗଶିର ଦି୫ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୫୮।୦୬ ଚନ୍ଦ୍ରୋଦୟ- ନାସ୍ତି**

**ଅମାବାସ୍ୟା-** ଦିଘ୧୨।୧୮ପର୍ଯ୍ୟନ୍ତ। **ବିଶାଖା ନକ୍ଷତ୍ର-** ଦିଘ ୧୦।୫୯ ପର୍ଯ୍ୟନ୍ତ। **ବିଛା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୧୨।୧୮ ପରେ ପାଣି କଖାରୁ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୦୨ ଗତେ ଘ ୭।୩୦ ମଧ୍ୟେ। ସଂଘ ୫।୫୪ ଗତେ ରାଘ ୯।୨୨ ମଧ୍ୟେ। **ପର୍ବୋତ୍ସବ-** ମହୋଦଧି ଅମାବାସ୍ୟା, ମଧଦେବଦୀପାବଳି, ମହାପ୍ରଭୁଙ୍କ ଶ୍ରାଦ୍ଧବେଶ।

ସମ୍ପାଦକୀୟ

31 YEARS

ସମ୍ବାଦ କଳିକା

# ବିଶ୍ୱସନୀୟତା ହରାଉଛି ବିଶ୍ୱର ସର୍ବବୃହତ ଶିକ୍ଷା ଅର୍ଥନୀତି

ଆମେରିକାରୁ ମୁହଁ ଫେରାଉଛନ୍ତି ଭାରତୀୟ ଛାତ୍ର। ବିଶ୍ୱବିଦ୍ୟାଳୟ ଗୁଡ଼ିକରେ କମିଲା ଭାରତୀୟ ଛାତ୍ରଙ୍କ ସଂଖ୍ୟା। ବିଶ୍ୱସନୀୟତା ହରାଉଛି ବିଶ୍ୱର ସର୍ବବୃହତ ଶିକ୍ଷା ଅର୍ଥନୀତି। ଭିସା ପ୍ରକ୍ରିୟାର ବର୍ଦ୍ଧିତ ଜଟିଳତା, କଠୋର ସୁରକ୍ଷା ଯାଞ୍ଚ ଏବଂ ଏଚ୍-୧ ବି ୱାର୍କ ପରମିଟ୍ ସମ୍ପର୍କରେ ଅନିଶ୍ଚିତତା ଯୋଗୁଁ ବହୁ ସଂଖ୍ୟକ ଭାରତୀୟ ଛାତ୍ର ଏବେ ଆମେରିକା ଛାଡ଼ି କାନାଡା, ବ୍ରିଟେନ, ଅଷ୍ଟ୍ରେଲିଆ ଏବଂ ୟୁରୋପକୁ ଯାଉଛନ୍ତି। ଯାହାକି ଆମେରିକୀୟ କ୍ୟାମ୍ପସର ଆର୍ଥିକ ମୂଳଦୁଆକୁ ଦୋହଲାଇ ଦେଇଛି।

ଇନଷ୍ଟିଚ୍ୟୁଟ୍ ଫର ଇଣ୍ଟରନ୍ୟାସନାଲ୍ ଏଜୁକେସନ୍ ଆଇଆଇଇର ପ୍ରାରମ୍ଭିକ ଓପନ୍ ଡୋର୍ସ ରିପୋର୍ଟ ୨୦୨୫ ଏବଂ ଆମେରିକୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା ଆଭ୍ୟନ୍ତରୀଣ ସର୍ଭେ ଅନୁଯାୟୀ, ୨୦୨୪-୨୫ ସେସନ୍ ସୁଦ୍ଧା ଆମେରିକାରେ ଭାରତୀୟ ଛାତ୍ରଙ୍କ ନାମଲେଖା ପ୍ରାୟ ୭୦ ପ୍ରତିଶତ ହ୍ରାସ ପାଇଛି। ଗତ ବର୍ଷ ଏହି ସମୟରେ ପ୍ରାୟ ୩ ଲକ୍ଷ ୭୫ ହଜାର ୮୦୦ ଭାରତୀୟ ଛାତ୍ର ପଢୁଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ହ୍ରାସ ପାଇ ୧ ଲକ୍ଷ ୧୨ ହଜାରରେ ପହଞ୍ଚିଛି। ଯାହାକି ଦୀର୍ଘ ୧୫ବର୍ଷ ଭିତରେ ସବୁଠାରୁ ବଡ଼ ହ୍ରାସ ବୋଲି କୁହାଯାଉଛି। ଆଇଆଇଇ ଅନୁଯାୟୀ, ଭିସା ସ୍ଲଟର ଅଭାବ, ଇଣ୍ଟର୍ଭ୍ୟୁ ପାଇଁ ଦୀର୍ଘ ସମୟ ଅପେକ୍ଷା କରିବା ଏବଂ କାଗଜପତ୍ର ଯାଞ୍ଚ ବେଳେ ଛୋଟ ଛୋଟ ତ୍ରୁଟି ପାଇଁ ତୁରନ୍ତ ପ୍ରତ୍ୟାଖ୍ୟାନ କରାଯାଉଛି। ଯାହାକି ଭାରତୀୟ ଛାତ୍ରଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ସୁରକ୍ଷା ଯାଞ୍ଚ ଏତେ କଠୋର ହୋଇଯାଇଛି ଯେ ଅନେକ ଛାତ୍ରଙ୍କୁ ଦୁଇଥର ଇଣ୍ଟର୍ଭ୍ୟୁ ଦେବାକୁ ପଡୁଛି। ଏଚ୍-୧ବି ୱାର୍କ ପରମିଟ୍ ପାଇଁ ଲଟେରୀ ବ୍ୟବସ୍ଥା ମଧ୍ୟ ବିଶ୍ୱାସ ହରାଇଛି। ଏମ୍ଆଇଟି ଏବଂ କାର୍ନେଗି ମେଲନ୍ ଭଳି ପ୍ରତିଷ୍ଠାନଗୁଡ଼ିକରେ ଭାରତୀୟ ଛାତ୍ରଙ୍କ ଉପସ୍ଥାନ ୬୦-୭୦% ହ୍ରାସ ପାଇଛି। ଷ୍ଟୁଡେଣ୍ଟ ଭିସା ମନିଟରିଂ ନେଟୱାର୍କ ଅନୁଯାୟୀ, ଆମେରିକା ଆଉ ଭାରତୀୟ ଛାତ୍ରଙ୍କ ପାଇଁ ପ୍ରଥମ ପସନ୍ଦ ହୋଇ ନାହିଁ। କାନାଡାରେ ଭାରତୀୟ ଛାତ୍ରଙ୍କ ଆବେଦନ ୩୮%, ୟୁକେକୁ ୨୪%, ଅଷ୍ଟ୍ରେଲିଆକୁ ୧୯% ଏବଂ ୟୁରୋପୀୟ ସଂଘକୁ ୧୭% ବୃଦ୍ଧି ପାଇଛି।

# କହି ଦେଉଥାଇ ପରକୁ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର କଥା। କୋଶଳର ମହାରାଜା ପ୍ରସନ୍ନଜିତ୍‌ଙ୍କ ଦରବାରରେ ଥିଲେ ଅନେକ ଜ୍ଞାନୀ, ଗୁଣୀ ଆଉ ପଣ୍ଡିତ। ମହାରାଜା ବି ଥିଲେ ଗୁଣର ପୂଜାରୀ। ତାଙ୍କ ରାଜକର୍ମଚାରୀମାନଙ୍କ ମଧ୍ୟରେ ଥିଲେ ଅନେକ ପ୍ରତିଭାବାନ୍ ବ୍ୟକ୍ତି ଯେଉଁମାନଙ୍କର ଅପୂର୍ବ ଆନ୍ତରିକତା ଥିଲା କଳା ଓ ସଂସ୍କୃତି ପ୍ରତି।

କୋଶଳ ରାଜ୍ୟର ଶିଳ୍ପ ବିଭାଗ ଦାୟିତ୍ୱରେ ଥିଲେ ମନ୍ତ୍ରୀ ବିଶାଖାଦତ୍ତ। ଦିନେ ଦରବାରର ନିର୍ଦ୍ଧାରିତ ସମୟ ପୂର୍ବରୁ ମହାରାଜାଙ୍କ ସମକ୍ଷରେ ଉପସ୍ଥିତ ହୋଇ ତାଙ୍କୁ ଗୋପନରେ କିଛି କହିବା ପାଇଁ ସେ ମାଗିଲେ ଅନୁମତି। ବିଶାଖାଦତ୍ତ ଥିଲେ ଜଣେ ପାରଙ୍ଗମ ମନ୍ତ୍ରୀ। ସେ ନିଜ ବିଭାଗର କାର୍ଯ୍ୟ ବିଷୟରେ ଅର୍ଜନ କରିଥିଲେ ଆବଶ୍ୟକୀୟ ଜ୍ଞାନ ଓ କର୍ମ କୌଶଳ। ନିଜ କାର୍ଯ୍ୟ ସେ ନିଷ୍ଠାର ସହ ସମ୍ପାଦନ କରୁପାରୁଥିଲେ ବୋଲି ତାଙ୍କର ବେଶ୍ ଅଭିମାନ ଥିଲା।

ଗୋପନୀୟତାର ବାତାବରଣରେ ବିଶାଖାଦତ୍ତ କହିଲେ, "ମହାଭାଗ! ଗତକାଲି ସନ୍ଧ୍ୟା ସମୟରେ ଅଚାନକ ଝଡ଼ ଓ ଘୂର୍ଣ୍ଣିବାତ୍ୟାରେ କୁଶୀନଗର ରାଜ୍ୟର ହୋଇଛି ଅନେକ କ୍ଷତି। ଅନେକ ବାସଗୃହର ଛାତ ଉଡ଼ିଯିବା ସହ ବହୁ ବୃକ୍ଷ ବି ଉପୁଡ଼ି ପଡ଼ିଛି। ନାଗରିକ ଓ ଗୃହପାଳିତ ପଶୁ କେତେ ସଂଖ୍ୟାରେ ଯେ ମୃତାହତ ହୋଇଛନ୍ତି ତାହା ମଧ୍ୟ ଜଣାପଡୁନାହିଁ। ଏଥିପାଇଁ ମହାରାଜାଙ୍କର ଜରୁରୀ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।"

ମହାରାଜା ପ୍ରସନ୍ନଜିତ କହିଲେ, "ଧନ୍ୟବାଦ ବିଶାଖାଦତ୍ତ! କିନ୍ତୁ ଏ ସମ୍ବାଦ ଭୂରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ରାହୁଲ ବର୍ମା ତ ମୋତେ ଯଥା ସମୟରେ ଦେଇପାରିଥାନ୍ତେ? ଆପଣ ଏତେ ବ୍ୟସ୍ତ ଓ ବିବ୍ରତ ହୋଇ ମୋତେ ନିଜେ ଆସି ଏପରି କହୁଛନ୍ତି କାହିଁକି?"

ବିଶାଖାଦତ୍ତ ଅତ୍ୟନ୍ତ ବିନୟତାର ସହ କହିଲେ, ମହାଭାଗ! ଆପଣ ରାହୁଲ ବର୍ମାଙ୍କ ବିଷୟରେ ତ ସବୁ ଜାଣନ୍ତି। କାବ୍ୟ, କବିତା ଓ ନାଟକ ରଚନାରେ ତାଙ୍କୁ ଫୁରୁସତ ମିଳିଲେ ତ ସେ ପ୍ରଶାସନ କଥା ବୁଝିବେ। ନିଜର ବୃତ୍ତିଗତ କାର୍ଯ୍ୟକୁ ସେ କ'ଣ କେବେ ନିଷ୍ଠାର ସହିତ ସମ୍ପାଦନ କରିଥାନ୍ତି? ତାଙ୍କର ଶକ୍ତି ଓ ସମୟ କ'ଣ ସମାଜର ହିତ ଓ ଅଭିବୃଦ୍ଧିରେ ବିନିଯୋଗ ହୁଏ? କୌଣସିଟି ପାଇଁ ତାଙ୍କର ନା ନିପୁଣତା, ନା ବୃତ୍ତିଗତ ଦକ୍ଷତା, ନା ବ୍ୟବସାୟିକ ବୁଦ୍ଧି ରହିଛି। ମୁଁ ଯେପରି ମୋର ମନୋନୀତ ବୃତ୍ତି ଓ ପେଶାର ଦାୟିତ୍ୱ ଆନ୍ତରିକତା ଓ ଦକ୍ଷତାର ସହ ସମ୍ପାଦନା କରେ, ତାହା ହିଁ ହେଉଛି ମୋର ସମାଜ ପ୍ରତି କର୍ତ୍ତବ୍ୟ। ମୋ ଦାୟିତ୍ୱରେ ମୁଁ ଅବହେଳା କିମ୍ବା ନିଜ ପଦବୀର ଅପବ୍ୟବହାର କେବେ କରିନାହିଁ। ସାହିତ୍ୟ ଓ କଳାରେ ମୁଁ ମଧ୍ୟ ମନୋନିବେଶ କରିପାରିଥାନ୍ତି। କିନ୍ତୁ ତାହାଦ୍ୱାରା ହୋଇଥାନ୍ତା କର୍ତ୍ତବ୍ୟ ଓ ରାଜକର୍ମରେ ଅବହେଳା। ମୁଁ ମୋ କାମ ଛାଡ଼ି ଅନ୍ୟର କଥାରେ କେବେହେଲେ ଦଖଲ ଦିଏନାହିଁ। ସେହିଭଳି ଶସ୍ତା ଲୋକପ୍ରିୟତା ହାସଲରେ ବି ମୁଁ ଆଦୌ ବିଶ୍ୱାସ କରେନାହିଁ। ନିଜ କାର୍ଯ୍ୟର ଫଳାଫଳର ଉତ୍କର୍ଷତାରେ ହିଁ ଥାଏ ମୋର ଆତ୍ମତୃପ୍ତି। ଯେଉଁ ମନ୍ତ୍ରୀ ବା ସଚିବମାନେ କବିତା ଲେଖା, ସଙ୍ଗୀତ ସାଧନା, ଇତିହାସର ଗବେଷଣା କିମ୍ବା ଚିତ୍ର ଆଙ୍କିବା ଆଦି କରିଥାନ୍ତି, ସେମାନଙ୍କର ନିପୁଣତା ଓ ବୃତ୍ତିଗତ ନିଷ୍ଠାପରତା ଉପରେ ଥାଏ ମୋର ଘୋର ସନ୍ଦେହ।

ମହାରାଜ ପ୍ରସନ୍ନଜିତ୍ ଏହି ଖବରରେ ସାମାନ୍ୟ ବିଚଳିତ ହେଲେ। ଦରବାରକୁ ସଙ୍ଗେସଙ୍ଗେ ଡକାଗଲା ମନ୍ତ୍ରୀ ରାହୁଲ ବର୍ମାଙ୍କୁ। ଖବର ଆସିଲା ରାହୁଲ ବର୍ମା ବାତ୍ୟା ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିର କଳନା କରିବା ଓ ଆହତଙ୍କ ସେବା କାର୍ଯ୍ୟର ତଦାରଖ ନିମନ୍ତେ କୁଶୀନଗର ଯାଇଛନ୍ତି।

ସେଦିନ ସନ୍ଧ୍ୟାବେଳକୁ ରାହୁଲ ବର୍ମା କୁଶୀନଗରରୁ ଫେରିଆସି ଦରବାରରେ କ୍ଷୟକ୍ଷତିର ସେପର୍ଯ୍ୟନ୍ତ ମିଳିଥିବା ତଥ୍ୟର ବିଶଦ ବିବରଣୀ ଉପସ୍ଥାପନା କଲେ। ଆହତ ବ୍ୟକ୍ତି ଓ ପଶୁପକ୍ଷୀମାନଙ୍କ ଚିକିତ୍ସା ଓ ସେବାକାର୍ଯ୍ୟ, ଉଜୁଡ଼ା ଉଦ୍ୟାନମାନଙ୍କର ପୁନରୁଦ୍ଧାର, ଖାଦ୍ୟ ଓ ଗୃହ ନିର୍ମାଣ ଉପକରଣର ବଣ୍ଟନ କାର୍ଯ୍ୟ କିଭଳି ସଙ୍ଗଠିତ ହୋଇଛି ସେ ସମ୍ବନ୍ଧରେ ମଧ୍ୟ ମହାରାଜାଙ୍କୁ ଅବଗତ କରାଇଥିଲେ। ମହାରାଜା ପ୍ରସନ୍ନଜିତ୍ କୃତ୍ରିମ କ୍ରୋଧ ପ୍ରଦର୍ଶନ କରି କହିଲେ, "ଆପଣ ମୋତେ ଜଣାଇ ତା' ପରେ ଯାଇପାରିଥାନ୍ତେ? ଏପରି କାର୍ଯ୍ୟରେ ଆପଣ ଏତେ ଅଗ୍ରସର ହୋଇଯିବା ମୋତେ ଆଦୌ ଜଣାନଥିଲା।"

ବିନୟ ଭାବରେ ରାହୁଲ ବର୍ମା ଉତ୍ତର ଦେଲେ, "ମହାଭାଗ! ଯଦି ସବୁ କଥା ଜାଣିଲା ପରେ ଆମେ କାର୍ଯ୍ୟର ଆଦେଶ ଦେବା, ତେବେ ବେଶ୍ ବିଳମ୍ବ ହୋଇଯିବ। ମୁଁ ଆପଣଙ୍କର ଆଜ୍ଞାବହ ସତ, କିନ୍ତୁ ମୋତେ ମହାରାଜା ଯେଉଁ ଦାୟିତ୍ୱ ଦେଇଛନ୍ତି, ତାହା ତୁରନ୍ତ ପାଳନ ପାଇଁ ମୁଁ ପୁଣିଥରେ ମହାରାଜାଙ୍କ ଆଦେଶକୁ ଅପେକ୍ଷା କରିବି କାହିଁକି? ମହାରାଜାଙ୍କ ଉଦ୍ଦେଶ୍ୟ ଦେଶବାସୀଙ୍କ ମଙ୍ଗଳ ଓ ହିତ ସାଧନ କରିବା। ବାତ୍ୟା ବିପର୍ଯ୍ୟୟ ପରେ ତୁରନ୍ତ ସେବା ପ୍ରଦାନ କରିବା ଯେପରି ମହାରାଜାଙ୍କର ମନୋବୃତ୍ତି ଓ ଉଦ୍ଦେଶ୍ୟ, ଠିକ୍ ସେହିପରି ମୋର ମଧ୍ୟ ତାହା କର୍ତ୍ତବ୍ୟ। ତେଣୁ ମହାରାଜାଙ୍କ ନିକଟରେ ଉପସ୍ଥିତି ପକାଇ ଓ ମିଳିଥିବା ସ୍ୱଳ୍ପ ସମ୍ବାଦର ବ୍ୟାଖ୍ୟା କରିବା ପରିବର୍ତ୍ତେ ମୁଁ ଉଚିତ୍ ମନେ କଲି ଯେ ନିଜେ କୁଶୀନଗରରେ ପହଞ୍ଚି ସମସ୍ତ ତଥ୍ୟ ସଂଗ୍ରହ ତଥା ତଦାରଖ କରିବି। ଏହା ମୋର ଅପରାଧ ହୋଇଥିଲେ କ୍ଷମା ପ୍ରାର୍ଥନା କରୁଛି।"

ମହାରାଜା ପ୍ରସନ୍ନଜିତ୍‌ଙ୍କର ରାହୁଲ ବର୍ମାଙ୍କ ଉପରେ ପୂର୍ବରୁ ଯେଉଁ ବିଶ୍ୱାସ ଓ ଆସ୍ଥା ଥିଲା, ତାହା ଦୃଢ଼ୀଭୂତ ହେଲା। ସେ କବିତା ଓ ନାଟକ ରଚନା କରିବାରେ ଓସ୍ତାଦ୍ ଥିଲେ। ମାତ୍ର କର୍ତ୍ତବ୍ୟରେ ତାଙ୍କର ଅବହେଳା କରିଥିବା କେଉଁ ଜଣାପଡ଼ିନାହିଁ। ଆଗରୁ ତାଙ୍କର କର୍ମ ନିପୁଣତା ଓ ଦକ୍ଷତା ବିଷୟରେ ମହାରାଜାଙ୍କର ଯେଉଁ ଧାରଣା ଥିଲା, ତାହା ପ୍ରମାଣିତ ହୋଇଗଲା। ଦରବାରରେ ସମ୍ରାଟ କେବଳ ବିଶାଖାଦତ୍ତଙ୍କୁ ଥରେ ଚାହିଁ ଦେଇ ଆଖି ଫେରାଇ ନେଲେ।

ରାହୁଲ ବର୍ମାଙ୍କର ରାଜକାର୍ଯ୍ୟରୁ ବିଚ୍ୟୁତିର କୌଣସି ପ୍ରମାଣ ବା ଉଦାହରଣ ମିଳିଲାନାହିଁ। ଅପରପକ୍ଷେ ଘୂର୍ଣ୍ଣିବାତ୍ୟା ପରେ ପରେ ସେ ସେଠାକୁ ନିଜେ ଯାଇଥିଲେ। ନିଜର ନିଷ୍ଠାପରତା ବା ସାଧୁତାକୁ ଜଳାଞ୍ଜଳି ଦେଇ କାବ୍ୟ କବିତା ଆଦି ଲେଖୁଛନ୍ତି ବୋଲି ମଧ୍ୟ ପ୍ରମାଣିତ ହେଲାନାହିଁ। ତାଙ୍କର ଅସାବଧାନତା, ଅବହେଳା ଓ ଆଗ୍ରହଶୂନ୍ୟତାର ଅନ୍ୟ କୌଣସି ଉଦାହରଣ ଯଦି ବଶାଖାଦତ୍ତ ଜାଣିଥିବେ ତେବେ ତାହା ତାଙ୍କୁ ଜଣାଇବାକୁ ସେ ନିର୍ଦ୍ଦେଶ ଦେଲେ।

ରାହୁଲ ବର୍ମାଙ୍କର ଦଶବର୍ଷ କାର୍ଯ୍ୟ ମଧ୍ୟରେ ତାଙ୍କର ବ୍ୟକ୍ତିଗତ ବା ସାମୂହିକ ସଙ୍କୋଚତାକୁ ଅବନତି ଆଡ଼କୁ ଟାଣି ନେବା ଭଳି କୌଣସି କାର୍ଯ୍ୟ ଯଦି ସେ କରିଥାନ୍ତି, ତେବେ ତାହା ମହାରାଜାଙ୍କ ଦୃଷ୍ଟିକୁ ଆଣିବାକୁ ବିଶାଖାଦତ୍ତଙ୍କୁ କୁହାଗଲା। ଦୁଇ ସପ୍ତାହ ପରେ ମଧ୍ୟ ବିଶାଖାଦତ୍ତଙ୍କଠାରୁ କୌଣସି ତଥ୍ୟ ମିଳିଲାନାହିଁ।

କାଶୀନଗରର ଘୂର୍ଣ୍ଣିବାତ୍ୟାର ଚାରି ସପ୍ତାହ ପରେ ଦିନେ ମହାରାଜ ପ୍ରସନ୍ନଜିତ୍ ଦରବାରରେ ବସିଛନ୍ତି। ବିଶାଖାଦତ୍ତ ଆସି ସେଠାରେ ପହଞ୍ଚିଲା ପରେ ମହାରାଜା ତାଙ୍କୁ କହିଲେ, "ଆପଣ ଏବେ ରାଜଧାନୀ ଶ୍ରାବସ୍ତି ନଗରୀର ଉପକଣ୍ଠରେ ଥିବା ବୁଣାକାରମାନଙ୍କର ବସ୍ତିକୁ ଯାଇ ସେମାନଙ୍କର ଭଲମନ୍ଦ କଥା ବୁଝିଆସନ୍ତୁ।" ବିଶାଖାଦତ୍ତଙ୍କର ଆଶ୍ଚର୍ଯ୍ୟର ସୀମା ରହିଲାନାହିଁ। ହଠାତ୍ କାହିଁକି ମହାରାଜାଙ୍କର ବୁଣାକାରମାନଙ୍କର ଅବସ୍ଥା ବୁଝିବା ପାଇଁ ଝୁଙ୍କ୍ ଉଠିଲା, ସେ ତାହା ଜାଣିପାରିଲେନାହିଁ। ବିନୟତାର ସହ ସେ କହିଲେ, "ମହାରାଜ! ମୋ ପାଖରେ ଯାହା ଖବର ମିଳିଛି ସେମାନେ ତ ବେଶ୍ ଭଲ ଅଛନ୍ତି। ତେବେ ଆପଣଙ୍କ ଆଦେଶ ଶିରୋଧାର୍ଯ୍ୟ କରି ମୁଁ ଏବେ ବୁଣାକାରମାନଙ୍କ ବସ୍ତିକୁ ଯାଉଛି।"

ଦୁଇଘଣ୍ଟା ସମୟ ପରେ ବିଶାଖାଦତ୍ତ ଦରବାରକୁ ଫେରିଆସିଲେ। ମହାରାଜ ପ୍ରସନ୍ନଜିତ୍‌ଙ୍କୁ ବିନମ୍ରତାର ସହ କହିଲେ, "ମହାରାଜ! ବୁଣାକାର ବସ୍ତି ବୁଲିଆସିଲି। ଅଧିକାଂଶ ବୁଣାକାର ପୁରୁଷମାନଙ୍କୁ ଘରେ ଦେଖିବାକୁ ପାଇଲିନାହିଁ। ସେମାନେ କୁଆଡ଼େ ଯାଇଛନ୍ତି ତାଙ୍କ ଘରେ କେହି କହିପାରିଲେନାହିଁ। ସେମାନଙ୍କର ପତ୍ନୀ ଓ ପିଲାମାନଙ୍କୁ ମଧ୍ୟ ପଚାରି ବୁଝିଲି ଯେ ସେମାନେ ଖୁସିରେ ଅଛନ୍ତି। କୌଣସି ଅସୁବିଧା ସେମାନେ ମୋ ଦୃଷ୍ଟିକୁ ଆଣିନାହାନ୍ତି। ମହାରାଜଙ୍କ ପାଖରେ ଯଦି ଅନ୍ୟ କିଛି ସମ୍ବାଦ ଥାଏ, ଜଣାଇଲେ ମୁଁ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ନେବି।"

ମହାରାଜ ପ୍ରସନ୍ନଜିତ୍ ତାଙ୍କୁ କୌଣସି ଉତ୍ତର ନ ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଉଦନ୍ତରାଜଙ୍କୁ ପଚାରିଲେ, "ଆପଣ କହିପାରିବେ ବୁଣାକାରମାନେ କୁଆଡ଼େ ଯାଇଛନ୍ତି?" ଉଦନ୍ତରାଜ ନିଜ ଆସନରୁ ଛିଡ଼ା ହୋଇ କହିଲେ, "ମହାଭାଗ, ଶ୍ରାବସ୍ତିର ବୁଣାକାରମାନଙ୍କର କିଛି ଅଭାବ ଅସୁବିଧା କଥା ଆଲୋଚନା କରିବା ପାଇଁ ନଗର ଉପକଣ୍ଠରେ ଥିବା ପୁଷ୍ପ ଉଦ୍ୟାନକୁ ଯାଇଛନ୍ତି। ସେଠାରେ ଏବେ ତଥାଗତ ଭଗବାନ ବୁଦ୍ଧ ଦୁଇଦିନ ହେଲା ବିଶ୍ରାମ ନେଉଛନ୍ତି। ସମ୍ବାଦ ଆସିଛି ଯେ ତଥାଗତ ଶାନ୍ତିପୂର୍ଣ୍ଣ ଉପାୟରେ ସେମାନଙ୍କ ସମସ୍ୟା ରାଜକର୍ମଚାରୀମାନଙ୍କ ସଙ୍ଗେ ଆଲୋଚନା କରିବା ପାଇଁ ଉପଦେଶ ଦେଇଛନ୍ତି। ଆଜି ହୁଏତ ଆଲୋଚନା ଚାଲିଥିବ। ତଥାଗତ ଆଉ ତିନିଦିନ ପରେ ଆପଣଙ୍କ ସଙ୍ଗେ ଆଲୋଚନା କରିବାକୁ ଆସିଲାବେଳେ ବୁଣାକାରମାନଙ୍କର କିଛି ଅଭାବ ଅସୁବିଧା ଆପଣଙ୍କୁ କହିପାରନ୍ତି। ଆମ ପାଖକୁ ସୂଚନା ଆସିଛି ଯେ ପ୍ରାୟ ଚାରିଶହ ବୁଣାକାର ପରିବାର ଆଜି ତଥାଗତଙ୍କ ଧର୍ମରେ ଦୀକ୍ଷିତ ହେବେ।"

ମହାରାଜ ପ୍ରସନ୍ନଜିତ୍ ବିଶାଖାଦତ୍ତଙ୍କୁ କହିଲେ, "ଶୁଣିଲ ତ ବିଶାଖାଦତ୍ତ! ଆପଣ ନିଜେ ଏବେ ବୁଣାକାର ବସ୍ତି ବୁଲିଆସିଥିଲେ। କିନ୍ତୁ ଆପଣଙ୍କ ପାଖରେ ନା ସେମାନଙ୍କର ଅସୁବିଧା ବିଷୟ ନା ତଥାଗତ ବୁଦ୍ଧଙ୍କ ଶ୍ରାବସ୍ତି ଆଗମନ ବିଷୟରେ କିଛି ଖବର ଅଛି। ଉଦନ୍ତରାଜ ବୁଣାକାରମାନଙ୍କ କଥା ବୁଝନ୍ତି ନାହିଁ। ତାଙ୍କର ଦାୟିତ୍ୱ ହେଲା ସ୍ୱାସ୍ଥ୍ୟ। କିନ୍ତୁ ତାଙ୍କ ପାଖରେ ଯେତେ ଖବର ଅଛି, ଆପଣଙ୍କ ପାଖରେ ତାହା ନାହିଁ। ମୋ ଜାଣିବାରେ ଉଦନ୍ତରାଜ ଜଣେ ଖ୍ୟାତନାମା ଜ୍ୟୋତିଷ ଓ ଚିତ୍ରକର ମଧ୍ୟ। ସେ ବୁଣାକାରମାନଙ୍କ ବସ୍ତିକୁ ମଝିରେ ଯାଇ ସେମାନଙ୍କ କାନ୍ଥରେ ଅଙ୍କା ଯାଇଥିବା ଚିତ୍ରମାନଙ୍କରୁ କିଛି ନୂତନତ୍ୱ ସଂଗ୍ରହ କରିଥାନ୍ତି। ଏହା ତାଙ୍କ ସ୍ୱାସ୍ଥ୍ୟ ବିଭାଗ ସହିତ ଆଦୌ ସମ୍ପର୍କିତ ନୁହେଁ। କିନ୍ତୁ ଶ୍ରାବସ୍ତିର ଚିତ୍ରକଳା ସଂସ୍କୃତିରେ ବୁଣାକାରମାନଙ୍କ ଅବଦାନ ଉପରେ ତାଙ୍କର ରହିଛି ଗଭୀର ଜ୍ଞାନ। ନିଜ ବିଭାଗର କାର୍ଯ୍ୟରେ ତ ସେ କେବେହେଲେ କୌଣସି ଅବହେଳା କରିନାହାନ୍ତି?

ଅପରପକ୍ଷେ ଆପଣ ଜଣେ ରାଜକର୍ମଚାରୀ। ସବୁ ବିଷୟରେ ତଳ କର୍ମଚାରୀମାନଙ୍କଠାରୁ ମିଳିଥିବା ଖବର ଉପରେ ଆପଣ ନିଷ୍ପତ୍ତି ନେଇଥାନ୍ତି। ଅନ୍ୟ କୌଣସି ଖବର ଆପଣ ରଖିନଥାନ୍ତି କିମ୍ବା ଜାଣନ୍ତିନାହିଁ। ଆପଣଙ୍କ କାର୍ଯ୍ୟ ନିପୁଣତା ଏପରି ରାଜକୀୟ ଚାକିରିରେ ସୀମିତ। ଆଉ ଏତେ ସୀମିତ ଯେ ଆପଣ ବୁଣାକାର ବସ୍ତିକୁ ନିଜେ ଯାଇ ବୁଲିଆସିଲେ ମଧ୍ୟ ତଥାଗତ ବୁଦ୍ଧଙ୍କ ପାଖକୁ ବୁଣାକାରମାନେ ଯିବା କଥା ଆପଣଙ୍କୁ କେହି କହିଲେ ନାହିଁ। ଆପଣ ସେଠାକୁ ଯାଇଥିଲେ କୋଶଳର ଜଣେ ମନ୍ତ୍ରୀଙ୍କ ଥାଟବାଟରେ। ମାତ୍ର ଦରଦୀ ବନ୍ଧୁ ଭାବରେ ନୁହେଁ। ମୁଁ ଆପଣଙ୍କ ଉପରେ କିଭଳି ବିଶ୍ୱାସ କରିପାରିବି ଯେ ଆପଣ ସାରା ରାଜ୍ୟର ଶିଳ୍ପ ଖବର ଠିକ୍ ରଖି ଓ ନିପୁଣତାର ସହ କାର୍ଯ୍ୟ କରିଥାନ୍ତି।

କେବଳ ବୃତ୍ତି ସହିତ ଯିଏ ନିଜକୁ ସୀମାବଦ୍ଧ ରଖନ୍ତି, ସେ ନିମ୍ନଶ୍ରେଣୀର ରାଜ କର୍ମଚାରୀଙ୍କ ସଙ୍ଗେ ତୁଳନୀୟ। ଯେଉଁ ବରିଷ୍ଠ କର୍ମଚାରୀ, ପ୍ରଶାସକ ଓ ମନ୍ତ୍ରୀମାନେ ନିଜ ଦାୟିତ୍ୱବୋଧର ସଂକୀର୍ଣ୍ଣ ବ୍ୟାଖ୍ୟା କରି କୂପମଣ୍ଡୁକ ହୋଇଥାନ୍ତି ଏବଂ ସେଥିରେ ହିଁ ସନ୍ତୁଷ୍ଟ ରହନ୍ତି, ସେମାନେ ବାସ୍ତବତା ଓ ନିଜ ଦାୟିତ୍ୱ ପାଳନରୁ ମଧ୍ୟ ଦୂରେଇ ଯାଆନ୍ତି। ନିଜ ଦାୟିତ୍ୱ ଓ କର୍ତ୍ତବ୍ୟର ସଂପ୍ରସାରିତ ବ୍ୟାଖ୍ୟା ଯିଏ କରିଥାଏ, ସେ ଜାଣେ ଯେ ତା'ର ବୃତ୍ତିର ସଂକୀର୍ଣ୍ଣ ବଳୟ ବାହାରେ ଏକ ବିସ୍ତୀର୍ଣ୍ଣ ଦୁନିଆ ରହିଛି, ଯେଉଁଥିରେ ନିଜର ପସନ୍ଦ ଓ ଦାୟିତ୍ୱବୋଧ ଅନୁସାରେ ଅଂଶ ଗ୍ରହଣ କଲେ ନିଜ କର୍ତ୍ତବ୍ୟ ମଧ୍ୟ ଅଧିକ ସୁଚାରୁ ରୂପେ ପାଳିତ ହୋଇପାରେ।

ଭାଲୁର ଲୋମବହୁଳ ଚମଡ଼ା କେବଳ ତା'ର ଦେହ ଘୋଡ଼ାଇଥାଏ। ସେଥିରେ ଆଉ କାହାରି ଶୀତ ଦୂର ହୁଏନାହିଁ। ସେହିଭଳି ସ୍ୱାର୍ଥପର ଓ ସଂକୀର୍ଣ୍ଣମନା ବ୍ୟକ୍ତି ହୁଏତ କିଛି ଦିନ ନିଜ ଆୟ ଅନୁସାରେ ସମାଜକୁ କିଛି ପ୍ରତିଦାନ ଦେଇପାରେ, କିନ୍ତୁ ଏହି ସଂକୀର୍ଣ୍ଣତା ତାକୁ ସ୍ୱାର୍ଥପର କରି ଗଢ଼ି ତୋଳେ ଓ ସେ ଉନ୍ନତିର ସିଡ଼ି ଚଢ଼ିବା ପାଇଁ ତାହାର ମରାମତିରେ ଦିନରାତି ସମୟ ଦେଇଥାଏ।

ବିଶାଖାଦତ୍ତ! ମନେଥିବ ତୁମେ ଭାରତ ସମ୍ରାଟ ବ୍ରହ୍ମଦତ୍ତଙ୍କର ଆର୍ଯ୍ୟାବର୍ତ୍ତ ଶିଳ୍ପ ଉଦ୍ୟୋଗ ସଂଘକୁ ପାଞ୍ଚବର୍ଷ ପାଇଁ ଯିବାକୁ ମୋତେ ଖୋସାମତ କରିଥିଲ ଓ ମୋ ସୁପାରିଶରେ ତୁମେ ସେହି ପଦବୀରେ ମଧ୍ୟ ପାଞ୍ଚ ବର୍ଷ ପାଇଁ ନିଯୁକ୍ତି ପାଇଥିଲ। ମନେପକାଅ, ସେତିକିବେଳେ କୋଶଳରେ ଯେଉଁ ଭୟାନକ ଭୂମିକମ୍ପ ହୋଇଥିଲା ତୁମେ ସମ୍ରାଟଙ୍କ ପ୍ରତିନିଧି ଭାବେ ଅନେକ ଥର ଏହି ରାଜ୍ୟକୁ ଆସିଥିଲ। ତୁମଠାରୁ ଏହି ରାଜ୍ୟ ଅନେକ କିଛି ଆଶା କରିଥିଲା। କିନ୍ତୁ ତୁମେ କୋଶଳକୁ ଦେଲ କ'ଣ? ଗୁଡ଼ିଏ ପୋଥି ଯୋଜନା ତୁମେ ଆମ ରାଜ କର୍ମଚାରୀମାନଙ୍କଦ୍ୱାରା ତିଆରି କରାଇଲ, କିନ୍ତୁ ସେଥିରୁ ଗୋଟିଏ ହେଲେ କାର୍ଯ୍ୟକାରୀ କରାଇପାରିଲନାହିଁ। ସେତେବେଳେ ତୁମକୁ କୋଶଳର ଗର୍ବ କୁହାଯାଉଥିଲା। କାରଣ ତୁମେ ସାମ୍ରାଜ୍ୟର ଏକ ବଡ଼ ଦାୟିତ୍ୱ ସମ୍ପନ୍ନ ପଦବୀରେ ରହିଥିଲ।

କୋଶଳର ବୁଣାକାରମାନେ ଭୂମିକମ୍ପରେ ତଳିତଳାନ୍ତ ହୋଇ ତୁମ ହାତକୁ ଅନାଇ ବସିଥିଲେ। କିନ୍ତୁ ତୁମ ହାତକୁ ଅପେକ୍ଷା କରି ରହିବା ହିଁ ସେମାନଙ୍କ ପାଇଁ କାଳ ହେଲା। ତୁମ ହୃଦୟ ଯଦି ସେମାନଙ୍କ ପାଇଁ ତରଳିଥାନ୍ତା, ତେବେ ଆଜି କୋଶଳର ବୁଣାକାରମାନେ ତୁମକୁ ସେମାନେ କୁଆଡ଼େ ଯାଇଛନ୍ତି ବୋଲି ଖବର ଦେଇଥାଆନ୍ତେ। ଅନେକ ରାଜା, ମନ୍ତ୍ରୀ, ପ୍ରଶାସକ ଆସିବେ ଓ ଯିବେ, ସେମାନଙ୍କ ମଧ୍ୟରୁ ଅନେକ ନିଜ ନିଜ ଦାୟିତ୍ୱ ତୁଲାଇଛନ୍ତି ବୋଲି ମନକୁମନ ନିଜକୁ ସାବାସ ଦେବେ, ପଦୋନ୍ନତି ମଧ୍ୟ ପାଇବେ, କିନ୍ତୁ ଲୋକେ ତାଙ୍କୁ ମନେ ରଖିବେ ନାହିଁ। ସମାଜ ତାଙ୍କୁ ମନେରଖିବନାହିଁ। ରାହୁଲ ବର୍ମାଙ୍କ କାବ୍ୟ କବିତା ଓ ଉଦନ୍ତରାଜଙ୍କ ଚିତ୍ରକଳାର ଆଦର ବହୁ ଶତାବ୍ଦୀ ଧରି ରହିବ। ଠିକ୍ ସେହିପରି ମନେ ରହିବ ମନ୍ତ୍ରୀ ପରାଶରଙ୍କର ରଚିତ କୋଶଳ ରାଜ୍ୟ ଆଦିବାସୀଙ୍କ ଜୀବନଯାତ୍ରା ଉପରେ ରଚିତ ଗବେଷଣାତ୍ମକ ପୁସ୍ତକ।

ମନେରଖ ବିଶାଖାଦତ୍ତ! ସମାଜକୁ ନେଇ ବୃତ୍ତି ଓ ମନୁଷ୍ୟତାର ଆଦର ହୋଇଥାଏ। ବୃତ୍ତିକୁ ନେଇ ସମାଜ ଗଢ଼ାଯାଏନାହିଁ। ସମାଜକୁ କେବଳ ବୃତ୍ତିର ସମାହାର ବୋଲି ଯେଉଁମାନେ ଭାବନ୍ତି, ସେମାନଙ୍କଠାରୁ ବଡ଼ ଭୃତ୍ୟ ମନୋବୃତ୍ତିର ନାଗରିକ କେହି ନଥିବେ। ସେମାନଙ୍କର ସାମାନ୍ୟ ପ୍ରଜା କିମ୍ବା ନାଗରିକ ହେବାର ଯୋଗ୍ୟତା ନାହିଁ। ସମାଜ ଦକ୍ଷତା ଓ ଅବଦାନକୁ ସମ୍ମାନ କରେ, ତାହା ବୃତ୍ତିରେ ସୀମାବଦ୍ଧ ବା ବୃତ୍ତି ବାହାରେ ଥାଉ ପଛକେ।

ନାଗରିକର ସମାଜ ପ୍ରତି ଅବଦାନ ଓ ଦାୟିତ୍ୱବୋଧ ଗୋଟିଏ ଏପରି ବିଶାଳ ବସ୍ତୁ, ଯାହା ଉପରେ ଦର୍ଶନ, ଅର୍ଥନୀତି, ରାଜନୀତି, ବିଜ୍ଞାନ, ସମାଜ ବିଜ୍ଞାନ, ନୃତତ୍ତ୍ୱ, ଧର୍ମଶାସ୍ତ୍ର, ନ୍ୟାୟଶାସ୍ତ୍ର ଓ ଅନ୍ୟାନ୍ୟ ଅନେକ ବିଦ୍ୟା ପର୍ଯ୍ୟବେସିତ। ତୁମେ ତାକୁ ଦକ୍ଷତା ସହିତ ପେଷା ସମ୍ପାଦନ କରିବାରେ କିଭଳି ସୀମିତ ରଖିପାରିଲ? ଉଦନ୍ତରାଜଙ୍କୁ ବୁଣାକାରମାନଙ୍କ ସମ୍ବନ୍ଧରେ କୌଣସି ତଥ୍ୟ ସଂଗ୍ରହ ପାଇଁ ମୁଁ ଆଦେଶ ଦେଇନଥିଲି। କିନ୍ତୁ ଉଦନ୍ତରାଜ ବୁଝନ୍ତି, ଶିଳ୍ପ ଓ ଶିଳ୍ପୀର ମହତ୍ତ୍ୱ ତଥା ଭଗବାନ ବୁଦ୍ଧଙ୍କ ଶ୍ରାବସ୍ତି ଆଗମନର ଯୁଗାନ୍ତକାରୀ ପ୍ରଭାବ।

ଆମ ରାଜ୍ୟର ଦୂର ପାହାଡ଼ ଖୋଲରେ ଯେଉଁ ପ୍ରାକ୍ ଐତିହାସିକ ଯୁଗର ଚିତ୍ରଗୁଡ଼ିକ ରହିଛି, ତାକୁ ତୁମେ ଦେଖିଛ ନା ନାହିଁ ମୁଁ ଜାଣେନାହିଁ। କିନ୍ତୁ ଇତିହାସରେ ତା' ବିଷୟରେ ପଢ଼ିଥିବ। ତାକୁ କେଉଁ ଆଦିମ ମାନବ ଖୋଦନ କରିଥିଲେ ଜାଣିଛ? ପାହାଡ଼କୁ ଗୋରୁ ଚରାଇବାକୁ ଯାଉଥିବା ପିଲାମାନେ ପଥର ଖୋଳି ତାକୁ ଏପରି ଆକୃତି ଦେଇଛନ୍ତି। ସେମାନଙ୍କ ନିଜ ଗୋରୁ ମଇଁଷି ଚରାଇବା ବୃତ୍ତି ବାହାରକୁ ଯାଇ ପାହାଡ଼ ଖୋଲରେ ଚିତ୍ର କରିବା କ'ଣ ଦରକାର ଥିଲା? ଏଇଟା କ'ଣ ଅନ୍ୟର କାମରେ ଦଖଲ ଦେବା ନା ଦାୟିତ୍ୱର ଅବହେଳା? କାହାକୁ ଖୁସି କରିବା ପାଇଁ ବା କେଉଁ ପୁରସ୍କାର ଲୋଭରେ ସେମାନେ ଏହି ଚିତ୍ର ଆଙ୍କିଥିଲେ? କାହା ଆଗରେ ନିଜର ପ୍ରାଧାନ୍ୟ ପରିଦର୍ଶନ କରିବାକୁ ସେମାନେ ଚାହୁଁଥିଲେ? ପ୍ରାଚୀନ ପ୍ରସ୍ତର ଯୁଗର ସମାଜ ଏହି ଚିତ୍ରକଳାଦ୍ୱାରା କିପରି କ୍ଷତିଗ୍ରସ୍ତ ବା ଲାଭବାନ ହେଉଥିଲା କହିପାରିବ କି?

ମହର୍ଷି ବାଲ୍ମିକୀଙ୍କର ପେଶା ଥିଲା ତପସ୍ୟା ଓ ଯଜ୍ଞ କରିବା। ସେ ରାମାୟଣ କାହିଁକି ଲେଖିଲେ? ଭଗବାନ ବ୍ୟାସଦେବ ଧ୍ୟାନ, ଯଜ୍ଞ ଓ ତପସ୍ୟାରେ ମନ ଦେଇ ଖୁସିରେ କାଳ ଯାପନ କରିପାରିଥାନ୍ତେ। ମାତ୍ର ବେଦ, ଉପନିଷଦ, ମହାଭାରତ, ପୁରାଣରେ ସେ ଅଯଥା ଦଖଲ ଦେଉଥିଲେ କାହିଁକି? ଆଉ କେତେ ଉଦାହରଣ ଦେବି? ତୁମେ ମୋର ମନ୍ତ୍ରୀ ହେବା ପାଇଁ ଅଯୋଗ୍ୟ। ତଥାପି ଯଦି ରାଜକାର୍ଯ୍ୟ କରିବାକୁ ତୁମେ ଇଚ୍ଛୁକ ତେବେ ଏକ କନିଷ୍ଠ ରାଜକର୍ମଚାରୀର ଦାୟିତ୍ୱ ମୁଁ ତୁମକୁ ଦେଇପାରେ। ଆଜି ଦରବାର ଏତିକିରେ ଶେଷ ହେଲା।"

ଶ୍ରାବସ୍ତିର ନାଗରିକମାନେ ସେମାନଙ୍କ ମଧ୍ୟରେ କଥା ହେଲେ ଯେ ଅନ୍ୟକୁ ସମାଲୋଚନା କରିବା ଖୁବ୍ ସହଜ। ନିଜ ଉପରକୁ ଆସିଲା ବେଳକୁ କଥା ଅଲଗା। ସେଥିପାଇଁ କଥାରେ ଅଛି, "କହି ଦେଉଥାଏ ପରକୁ, ବୁଦ୍ଧି ନ ଦିଶଇ ଘରକୁ।" ଦ୍ୱେଷ ଓ ଈର୍ଷା ହେଉଛି ଅହଂକାରର ଦୁଇ ସହୋଦର ଭାଇ। ଅନୁରାଗକୁ ଲୁଚାଇ ରଖିହେବ, ଦ୍ୱେଷ ଓ ଈର୍ଷା ନିଶ୍ଚୟ ଧରାପଡ଼ିଯିବ।

# ଜ୍ଞାନ, ବିଜ୍ଞାନ ଓ ବୈଜ୍ଞାନିକ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଜ୍ଞାନ କହିଲେ କୌଣସି ବିଷୟରେ ଜାଣିବାକୁ ବା ଅବଗତ ହେବାକୁ ବୁଝାଏ। ଯେଉଁ ବସ୍ତୁ ବା ବିଷୟ ଯାହା ତାକୁ ସେହି ରୂପରେ ଜାଣିବା ହିଁ ଜ୍ଞାନ। ଏହା ଏପରି ଏକ ଧାରଣା ଯାହା ମାନସପଟ୍ଟରେ ରେଖାଙ୍କିତ ହୋଇଯାଏ କୌଣସି ବିଷୟ ବା ବସ୍ତୁର ବାସ୍ତବତା ସମ୍ବନ୍ଧରେ। ମନୁଷ୍ୟକୁ ମନୁଷ୍ୟ ରୂପରେ ଜାଣିବା ହେଉଛି ଜ୍ଞାନ। ମାଙ୍କଡ଼କୁ ମାଙ୍କଡ଼ ରୂପରେ ଜାଣିବା ହେଉଛି ଜ୍ଞାନ। ଗୋଟିଏ ବସ୍ତୁକୁ ଭିନ୍ନ ବସ୍ତୁ ରୂପରେ ଜାଣିଲେ ତାହା ଜ୍ଞାନ ନୁହେଁ। ମନୁଷ୍ୟକୁ ମାଙ୍କଡ଼ ରୂପରେ ଜାଣିଲେ ତାହା ଜ୍ଞାନ ନୁହେଁ। ବିଶ୍ୱରେ ସେହିମାନେ ହେଉଛନ୍ତି ଜ୍ଞାନୀ ଯେଉଁମାନେ ବିଭିନ୍ନ ବିଷୟରେ ସଠିକ ଜ୍ଞାନ ପ୍ରାପ୍ତ ହୋଇଥାନ୍ତି।

ଜ୍ଞାନ ଦୁଇ ପ୍ରକାରର। ପ୍ରତ୍ୟକ୍ଷ ଜ୍ଞାନ ଓ ପରୋକ୍ଷ ଜ୍ଞାନ। ଆମ ଶରୀର ବାହାରେ ଥିବା ପାଞ୍ଚଟି ଇନ୍ଦ୍ରିୟ ଆଖି, ନାକ, କାନ, ଜିଭ ଓ ଚର୍ମ ଦ୍ୱାରା ଆମେ ଯେଉଁ ଜ୍ଞାନ ପାଉ ତାହା ପ୍ରତ୍ୟକ୍ଷ ଜ୍ଞାନର ଅନ୍ତର୍ଗତ ଅଟେ। ଏମାନଙ୍କ ଦ୍ୱାରା ଆମ ଚାରିପାଖେ ଥିବା ବିଭିନ୍ନ ବସ୍ତୁ ସମ୍ବନ୍ଧରେ ଯେଉଁ ଧାରଣା ଆମକୁ ମିଳେ ତାହା ପ୍ରତ୍ୟକ୍ଷ ଜ୍ଞାନ। ଆଖି ଦ୍ୱାରା ଆମେ ଜାଣୁ କାହାର ରଙ୍ଗ କେଉଁ ଭଳିଆ, କାନ ଦ୍ୱାରା ଜଣୁ କାହାର ଶବ୍ଦ କିପରି, ନାକ ଦ୍ୱାରା ଜାଣୁ କେଉଁ ବସ୍ତୁ କେଉଁ ଗନ୍ଧଯୁକ୍ତ, ଜିଭ ଦ୍ୱାରା ଜାଣୁ କାହାର ସ୍ୱାଦ କିପରି ଓ ଚର୍ମଦ୍ୱାରା ଜାଣୁ କେଉଁ ବସ୍ତୁର ଉତ୍ତାପ କେତେ। ଏହା ସହିତ ଅନ୍ୟ ଏକ ଇନ୍ଦ୍ରିୟ ରହିଛି ଯାହାକୁ ଅନ୍ତରେନ୍ଦ୍ରୀୟ କୁହାଯାଏ। ଏହା ଆମ ଶରୀର ସମ୍ବନ୍ଧରେ ଧାରଣା ଦିଏ। ଯେମିତି ପେଟ କାଟିବା, ମନ ଖୁସି ଲାଗିବା, ଉଦାସୀନତା ଇତ୍ୟାଦି। ଏହା ମଧ୍ୟ ପ୍ରତ୍ୟକ୍ଷ ଜ୍ଞାନର ଅନ୍ତର୍ଗତ ଅଟେ। ଅନ୍ୟପକ୍ଷରେ ପରୋକ୍ଷ ଜ୍ଞାନ ସିଧାସଳଖ ଇନ୍ଦ୍ରିୟମାନଙ୍କ ଦ୍ୱାରା ମିଳେ ନାହିଁ। ଏହା ଅନୁମାନ ସାହାଯ୍ୟରେ ମିଳେ। ଯେମିତି ଦୂର ପାହାଡରେ ଧୂଆଁ ବାହାରିବାର ଦେଖି ସେଠାରେ ନିଆଁ ଥିବାର ଜ୍ଞାନ ପାଇବା। ଏଥିପାଇଁ ଏକ ସୂଚକର ଆବଶ୍ୟକତା ପଡେ। ଯେମିତି ଏଠାରେ ଧୂଆଁ ହେଉଛି ସୂଚକ। ଧୂଆଁ ଥିବାର ଦେଖି ନିଆଁ ଥିବାର ଅନୁମାନ କରାଯାଏ। ଅନୁମାନର ଆଧାର ପ୍ରତ୍ୟକ୍ଷ ଜ୍ଞାନ ଅଟେ। ଏଠାରେ ଧୂଆଁ ଓ ନିଆଁର ସମ୍ବନ୍ଧ ପୂର୍ବ ପ୍ରତ୍ୟକ୍ଷ ଜ୍ଞାନ।

ବିଜ୍ଞାନ କହିଲେ ଶୋଧିତ ଓ ପ୍ରମାଣିତ ଜ୍ଞାନକୁ ବୁଝାଏ। ପ୍ରତ୍ୟକ୍ଷ ଜ୍ଞାନ ଅନେକ ସମୟରେ ଶୋଧିତ ଓ ପ୍ରମାଣିତ ହେବାର ଆବଶ୍ୟକତା ପଡେ। ବେଳେବେଳେ ପ୍ରତ୍ୟକ୍ଷ ଜ୍ଞାନ ଭୁଲ୍ ହୋଇଯାଏ। ମରୁଭୂମିରେ ମରିଚୀକା ଦେଖିବା, ଅକାଶରେ ଉଡାଜାହାଜ ଛୋଟ ଦିଶିବା, ପଛରୁ କାହାକୁ ଦେଖି ସାଙ୍ଗ ବୋଲି ଭାବିବା ଇତ୍ୟାଦି ଭୁଲ ଜ୍ଞାନ ଜାତ କରାଏ। ଏହି ଭ୍ରମକୁ ଦୂର କରିବା ପାଇଁ ନିଜ ଇନ୍ଦ୍ରିୟମାନଙ୍କୁ ବାରମ୍ବାର ପ୍ରୟୋଗ କରାଯାଏ। ଯାହାକୁ ରାସ୍ତାରେ ସାଙ୍ଗ ବୋଲି ଭାବିଥାଉ ତା ପାଖକୁ ଯାଇ ବାରମ୍ବାର ଲକ୍ଷ୍ୟକରି ଜାଣୁ ବା ନିର୍ଦ୍ଦିଷ୍ଟ ଜ୍ଞାନରେ ପହଞ୍ଚୁ ଯେ ସେ ସାଙ୍ଗ ନୁହେଁ। ବେଳେବେଳେ ଇନ୍ଦ୍ରିୟ ମାନଙ୍କ ଶକ୍ତି ବୃଦ୍ଧି ପାଇଁ ବିଭିନ୍ନ ଯନ୍ତ୍ରପାତିର ବ୍ୟବହାର ମଧ୍ୟ କରାଯାଇଥାଏ। ଆଖିର ଶକ୍ତି ବୃଦ୍ଧିପାଇଁ ଦୂରବୀକ୍ଷଣ ଯନ୍ତ୍ର, କାନର ଶକ୍ତି ବୃଦ୍ଧିପାଇଁ ଶ୍ରବଣ ଯନ୍ତ୍ର ଇତ୍ୟାଦିରେ ବ୍ୟବହାର କରାଯାଏ। ସେହିପରି ମରିଚୀକା ସୃଷ୍ଟିର କାରଣ ଜାଣିବା ପାଇଁ ଏ ବିଷୟରେ ଅଧ୍ୟୟନ ଓ ବୈଜ୍ଞାନିକ ପ୍ରମାଣର ଆଶ୍ରୟ ନେବାକୁ ପଡେ। ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର କାରଣ ଜାଣିବା ପାଇ ପ୍ରମାଣିତ ଜ୍ୟୋର୍ତିବିଜ୍ଞାନକୁ ଅଧ୍ୟୟନ କାରିବାକୁ ପଡେ। ମୋଟ ଉପରେ କହିବାକୁ ଗଲେ ପ୍ରମାଣିତ ଜ୍ଞାନହିଁ ବିଜ୍ଞାନ ଅଟେ। କୌଣସି ବିଷୟରେ ନିର୍ଦ୍ଦିଷ୍ଟ ଜ୍ଞାନହିଁ ବିଜ୍ଞାନ ଅଟେ। ଅର୍ଥାତ୍ ସତ୍ୟ ଜ୍ଞାନ ହିଁ ବିଜ୍ଞାନ। ପ୍ରକୃତ ସତ୍ୟ ନିକଟରେ ପହଞ୍ଚିବା ବିଜ୍ଞାନର ଲକ୍ଷ୍ୟ। ଯେଉଁମାନେ ସତ୍ୟର ଅନୁସନ୍ଧାନ କରନ୍ତି ସେମାନେ ବୈଜ୍ଞାନିକ। ବିଜ୍ଞାନର କାମ ସତ୍ୟର ସ୍ଥାପନ। ଯେଉଁ ଜ୍ଞାନ ପ୍ରମାଣିତ ଓ ତଥ୍ୟଭିତ୍ତିକ ତାହା ହିଁ ବିଜ୍ଞାନ। ଯେଉଁମାନେ କୌଣସି ବିଷୟକୁ ସତ୍ୟ ବୋଲି ପ୍ରମାଣ କରିବାକୁ ଚାହାଁନ୍ତି ଓ ଏଥିପାଇଁ ବିଭିନ୍ନ ପ୍ରକାର ତଥ୍ୟର ସଂଗ୍ରହ କରନ୍ତି ସେମାନେ ବୈଜ୍ଞାନିକ। ବୈଜ୍ଞାନିକ ହେବା ମନୁଷ୍ୟର ପ୍ରାକୃତିକ ଗୁଣ। ଜନ୍ମରୁ ସେ ଏହି ଗୁଣର ଅଧିକାରୀ। ତାହାର ମସ୍ତିଷ୍କ ଏହି ଢଙ୍ଗରେ ଗଢ଼ା ହୋଇଛି। ପ୍ରଶ୍ନ କରିବା ତାର ସ୍ୱଭାବଗତ ଲକ୍ଷଣ। ଜଣେ ବୈଜ୍ଞାନିକର ମୌଳିକ ଗୁଣ ହେଉଛି ପ୍ରଶ୍ନ ପଚାରିବା। ତା ଚାରିପଟେ ଘଟୁଥିବା ପ୍ରତ୍ୟେକଟି ଘଟଣା ବିଷୟରେ ସେ ଜାଣିବାକୁ ଆଗ୍ରହ ପ୍ରକାଶ କରେ। ଯାହା ସେ ବୁଝିପାରେ ନାହିଁ ତାକୁ ବୁଝିବା ପାଇଁ ପ୍ରଶ୍ନ କରିଚାଲେ। କୌଣସି ଘଟଣା କାହିଁକି ଘଟୁଛି, ତାହା ପଛରେ କାରଣ କଣ ରହିଛି ତାହା ଜାଣିବା ପାଇଁ ତାର ଇଚ୍ଛା ତାକୁ ବୈଜ୍ଞାନିକ ସ୍ତରକୁ ନେଇଯାଏ। କୌଣସି କଥାକୁ ସେ ଆଖିବୁଜି ଗ୍ରହଣ କରିନିଏ ନାହିଁ। କୌଣସି ଘଟଣା ଆପେ ସଂଗଠିତ ହୁଏ ବୋଲି ସେ ଗ୍ରହଣ କରିପାରେ ନାହିଁ। ଏହା ପଛରେ କିଛି ନା କିଛି କାରଣ ନିଶ୍ଚିତ ରହିଛି ବୋଲି ତାର ଦୃଢ ବିଶ୍ୱାସ ଜାତ ହୁଏ। ଏହାହିଁ ବୈଜ୍ଞାନିକ ଚେତନା। ସମସ୍ତଙ୍କ ଭିତରେ ଊଣା ଅଧିକେ ଏହି ଚେତନା ରହିଥାଏ।

କେବଳ ବିଜ୍ଞାନଗାରରେ କାମ କଲେ ଜଣେ ବୈଜ୍ଞାନିକ ହୋଇଯାଏ ନାହିଁ। ବୈଜ୍ଞାନିକ ହେବାପାଇଁ ହେଲେ ଜଣକର ଭିତରେ ବୈଜ୍ଞାନିକ ଚେତନା ଥିବା ଆବଶ୍ୟକ। ବୈଜ୍ଞାନିକ ଚେତନା କହିଲେ ବୁଝାଏ ସତ୍ୟ ପ୍ରତି ଆଗ୍ରହ ଓ ଅସତ୍ୟ ପ୍ରତି ଅନାଗ୍ରହ। ଏହା ଏକ ଗୁଣଗତ ଲକ୍ଷଣ। ବୈଜ୍ଞାନିକ ହେବାପାଇଁ ହେଲେ ବିଜ୍ଞାନ ସମ୍ବନ୍ଧରେ ଅଧ୍ୟୟନ ଜରୁରୀ, କିନ୍ତୁ ତାଠାରୁ ଅଧିକ ଜରୁରୀ ବୈଜ୍ଞାନିକ ଭାବନାର ବଶବର୍ତ୍ତୀ ହେବା। ଅନେକ ଅଛନ୍ତି ଯେଉଁମାନେ ନାମକୁ ମାତ୍ର ବୈଜ୍ଞାନିକ, କିନ୍ତୁ କାମକୁ ଓ ଲକ୍ଷଣରେ ଅବୈଜ୍ଞାନିକ। ନିଜକୁ କହନ୍ତି ବିଜ୍ଞାନର ଅନୁଗାମୀ, କିନ୍ତୁ କାମରେ ସମ୍ପୂର୍ଣ୍ଣ ଅନ୍ଧବିଶ୍ୱାସୀ। ବିଜ୍ଞାନଗାରରେ ବୈଜ୍ଞାନିକ, କିନ୍ତୁ ବାହାରକୁ ଆସିଲେ ତାହାର ବିପରୀତ। ପ୍ରକୃତ ବୈଜ୍ଞାନିକ ସର୍ବଦା ଅନୁସନ୍ଧାନରେ ମଗ୍ନ ଥାଏ। ଘଟଣା ପଛର କାରଣକୁ ଖୋଜେ। ସେ ବିଜ୍ଞାନଗାରରେ ଯେମିତି, ବାହରେ ମଧ୍ୟ ସେମିତି। ବୈଜ୍ଞାନିକ ଭାବନା ତାର ଚିନ୍ତାରେ, କଥାରେ ଓ କର୍ମରେ ପ୍ରତିଫଳିତ ହୁଏ। ସେହିମାନେ ସଫଳ ବୈଜ୍ଞାନିକ ଯେଉଁମାନେ ବୈଜ୍ଞାନିକ ସିଦ୍ଧାନ୍ତକୁ ଅକ୍ଷରେ ଅକ୍ଷରେ ଅନୁସରଣ କରନ୍ତି।

ସଭ୍ୟତାର ବିକାଶ ସହିତ ବିଜ୍ଞାନର ମଧ୍ୟ ବିକାଶ ହେଉଛି। ଆଦିମ ମନୁଷ୍ୟର ମନରେ ଅଙ୍କୁରିତ ହୋଇଥିବା କାହିଁକିର ପ୍ରଶ୍ନରୁ ଜନ୍ମ ନେଇଛି ବିଜ୍ଞାନ। ବୁଦ୍ଧିମତ୍ତାର ବିକାଶ ତାକୁ ବୈଜ୍ଞାନିକ ସ୍ତରକୁ ନେଇଯାଇଛି। ପ୍ରାରମ୍ଭିକ ଅବସ୍ଥାରେ ପ୍ରତ୍ୟେକ ପ୍ରାକୃତିକ ଘଟଣା କାହିଁକି ଘଟୁଛି ବୋଲି ତା ମନରେ ପ୍ରଶ୍ନ ସୃଷ୍ଟି ହୋଇଛି। ଏ ସମସ୍ତ ପଛରେ କେଉଁ କାରଣ ରହିଛି ତାହା ଜାଣିବାକୁ ସେ ଚେଷ୍ଟା କରିଛି। ସମସ୍ତ ଘଟଣା ପଛରେ କୌଣସି ଦୈବୀଶକ୍ତିର ହାତ ରହିଛି, ଏକଥାକୁ ସେ ଗ୍ରହଣ କରିପାରି ନାହିଁ। କାରଣ ତା ମନରେ ବୁଦ୍ଧିର ବିକାଶ ସହିତ କାରଣିକତାର ଭାବନା ମଧ୍ୟ ବିକଶିତ ହୋଇଛି। ଏହାକୁ କାର୍ଯ୍ୟକରଣ ନିୟମ ବୋଲି କୁହାଯାଏ। ଏହି ନିୟମ ଜରିଆରେ ପ୍ରାକୃତିକ ଘଟଣାବଳିକୁ ଠିକଭାବେ ବର୍ଣ୍ଣନା କରାଯାଇ ପାରେ। ଏ ବିଶ୍ୱବ୍ରହ୍ମାଣ୍ଡର ବିକାଶ ଏହି ନିୟମ ଜରିଆରେ ହେଉଛି। ଏହି ନିୟମ ଅନୁଯାୟୀ ପ୍ରଥମେ କାରଣ ସୃଷ୍ଟି ହୁଏ ଓ ତାପରେ କାର୍ଯ୍ୟ ବା ଘଟଣାର ସୃଷ୍ଟି ହୁଏ। କାର୍ଯ୍ୟ ପୁଣି କାରଣକୁ ରୂପାନ୍ତରିତ ହୁଏ ଓ ସେଥିରୁ ନୂଆ କାର୍ଯ୍ୟ ତିଆରି ହୁଏ। ଏହି କ୍ରମରେ ପ୍ରକୃତି ଆଗକୁ ବଢ଼ି ଚାଲିଛି। ଉଦାହରଣ ସ୍ୱରୂପ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେଲେ ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷା ହୁଏ, ପ୍ରବଳ ବର୍ଷା ହେଲେ ନଇରେ ବଢି ଆସେ, ନଇବଢି ଆସିଲେ ଚାରିଆଡ଼େ ଜଳ ପ୍ଲାବିତ ହୁଏ, ଫଳରେ ଶସ୍ୟହାନି ହେବା ସହିତ ଅନେକ ଘରଦ୍ୱାର ଭାଙ୍ଗିଯାଏ। ଏହିପରି କାରଣ ଓ କାର୍ଯ୍ୟର କ୍ରମ ସଂଗଠିତ ହୋଇଚାଲେ। ଏହି କ୍ରମ ମଧ୍ୟରେ ଦେବାଦେବୀ, ଭୂତପ୍ରେତ ଅଥବା କୌଣସି ଅଦୃଶ୍ୟ ଶକ୍ତିର ହାତ ରହିଛି ବୋଲ ବୈଜ୍ଞାନିକ ମନ ଗ୍ରହଣ କରିପାରେ ନାହିଁ।

ବୈଜ୍ଞାନିକ ହେବା ପାଇଁ ହେଲେ ବିଜ୍ଞାନର ପରୀକ୍ଷାଗାର ଜରୁରୀ ନୁହେଁ। ବସ୍ତୁର ଅନୁଧ୍ୟାନ ପାଇଁ ପରୀକ୍ଷାଗାର ଅଥବା ପ୍ରାକୃତିକ ପରିବେଶ ଆବଶ୍ୟକ। କିନ୍ତୁ ଗୁଣଗତ ସ୍ଥିତିର ଅନୁଧ୍ୟାନ ପାଇଁ ବିଜ୍ଞାନଗାର ଅନାବଶ୍ୟକ। ଏଥିପାଇଁ ଲୋଡ଼ା ତର୍କସମ୍ମତ ବିଚାର। ବିଜ୍ଞାନର ଅନୁଗାମୀ ହେବା ଏକ ସାଧନା। ଯେଉଁମାନେ ବିଜ୍ଞାନକୁ ଗ୍ରହଣ କରନ୍ତି ନାହିଁ, ସେମାନେ ପ୍ରାୟତଃ ଅନ୍ଧବିଶ୍ୱାସୀ ଓ ବିବେକବିହୀନ ହୋଇଥାନ୍ତି। ନିଜର ପ୍ରକୃତି ପ୍ରଦତ୍ତ ବୁଦ୍ଧିମତ୍ତାକୁ ସେମାନେ ଉପଯୋଗ କରନ୍ତି ନାହିଁ। ତେଣୁ ସମାଜରେ ସେହିମାନେ ଶ୍ରେଷ୍ଠ ଓ ଉନ୍ନତ ଯେଉଁମାନେ ବିଜ୍ଞାନର ଅନୁଗାମୀ ହୁଅନ୍ତି ଓ ବୈଜ୍ଞାନିକ ଚେତନାର ଅଧିକାରୀ ହୋଇଥାନ୍ତି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ନଭେମ୍ବର ୨୦୨୫ ବୁଧବାର



# ଶୀତ ଦିନେ ଘରେ ଘରେ ଥଣ୍ଡା ଜ୍ୱର, ମନଇଚ୍ଛା ଖାଆନ୍ତୁ ନାହିଁ ଔଷଧ : ସ୍ୱାସ୍ଥ୍ୟ ବିଶେଷଜ୍ଞ



ଗତ କିଛି ଦିନ ହେଲା ହଠାତ୍ କମିଛି ତାପମାତ୍ରା, ବଦଳିଛି ରାଜ୍ୟର ପାଣିପାଗ । ବର୍ଷା କମିବା ପରେ ବଢିଛି ଶୀତ । ଏପରି ସ୍ଥିତିରେ ଥଣ୍ଡା, କାଶ, ଜ୍ୱର ହେବାର ସମ୍ଭାବନା ଅଧିକ ରହିଛି। ବିଶେଷ କରି ଛୋଟ ଛୋଟ ପିଲାମାନେ ଏଥିରେ ଅଧିକା ଆକ୍ରାନ୍ତ ହୋଇପାରନ୍ତି । କିଛି ଦିନ ହେଲାଣି ରାଜ୍ୟରେ ଶୀତଲହାରୀ ଅନୁଭବ ହେବାରେ ଲାଗିଛି । ଏପରିକି ସକାଳୁ ରାତି ପର୍ଯ୍ୟନ୍ତ ଶୀତୁଆ ଶୀତୁଆ ଅନୁଭବ ହେଉଛି ।ଏହି ସମୟରେ ଥଣ୍ଡା ଜନିତ ରୋଗ ଅଧିକ ହୋଇଥାଏ। ଛୋଟ ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଥଣ୍ଡା ଜ୍ୱର ହେବା ସହିତ କାଶ ମଧ୍ୟ ଅନୁଭବ ହୋଇଥାଏ । ଏନେଇ ଶିଶୁ ବିଭାଗ ଡାକ୍ତର ଆଶୁତୋଷ ପଟ୍ଟନାୟକ କହିଛନ୍ତି, ଥଣ୍ଡା ପାଗରେ ବିଶେଷ କରି ଥଣ୍ଡା ଜନିତ ରୋଗ ହୋଇଥାଏ । ଯଥା ଜ୍ୱର ହେବା, ନାକରୁ ପାଣି ବାହାରିବା ସହିତ କାଶ ଓ ଛିଙ୍କିବା ଆଦି ଭାଇରଏଲ ରୋଗ ଦେଖାଯାଇଥାଏ । ଯଦି ଏଭଳି କିଛି ଦେଖାଯାଉଛି ତେବେ ତୁଳସୀପତ୍ର, ମହୁ ଆଦି ଛୋଟ ପିଲାଙ୍କୁ ଦେଇପାରିବେ। ଡାକ୍ତରଙ୍କ ପରାମର୍ଶ ନେଇ ପରୀକ୍ଷା ମଧ୍ୟ କରିପାରିବା, ନାକରେ ଭଲ ଡ୍ରପ୍ ପକାଇ ପାରିବା । ଏହା ସହିତ ଯଦି ପିଲାଙ୍କୁ ଜ୍ୱର ହେଉଛି ବା ଧଇଁସଇଁ ହେଉଛି, ତେବେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ ନେବା । ସେ ଆହୁରି ମଧ୍ୟ କହିଛନ୍ତି,ପିଲାଙ୍କୁ ଯେତେବେଳେ ଥଣ୍ଡା ହେଉଛି, ସେହି ସମୟରେ ମନଇଚ୍ଛା ମେଡ଼ିସିନ ଦୋକାନକୁ ଯାଇ କୌଣସି କାହା କଥାରେ ଔଷଧ ଆଣିବା ଅନୁଚିତ । ସବୁବେଳେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଛୋଟ ପିଲାଙ୍କୁ ଦେବା ଆବଶ୍ୟକ । ପିଲାଙ୍କୁ ଥଣ୍ଡା ହୋଇ ଛାତିରେ କଫ ଜମି ରହିଥାଏ । ଯାହାଫଳରେ ପିଲାଟିକୁ ଜ୍ୱର ହେବା ସହିତ ସବୁବେଳେ ନିଶତେଜ ଦେଖାଯିବ । ପିଲାଟିର ଖାଇବା କମିବ। ପିଲାଟି ଚିଡଚିଡା ହେବ ଭଳି ଦେଖିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଏହା ସହିତ ପଡୋଶୀ କିମ୍ବା ଗୁଗୁଲରୁ ଦେଖି କୌଣସି ମେଡ଼ିସିନ ପିଲାଙ୍କୁ କୌଣସି ବିନା ଡାକ୍ତରଙ୍କ ପରାମର୍ଶରେ ଦିଅନ୍ତୁ ନାହିଁ। ଶିଶୁ ବିଭାଗ ଡାକ୍ତର ଆଶୁତୋଷ ପଟ୍ଟନାୟକ । ସେ ଏହା ମଧ୍ୟ କହିଛନ୍ତି,ଶୀତ ଦିନରେ ଥଣ୍ଡା କାଶ ଜ୍ୱର ସହିତ ଚର୍ମ ଜନିତ ରୋଗ ହୋଇଥାଏ। ସୋରିଷ ତେଲ ଅପେକ୍ଷା ନଡ଼ିଆ ତେଲ ଲଗାଇ ପିଲାଙ୍କୁ ଗାଧୋଇବା ଆବଶ୍ୟକ । ଭେସଲିନ ମଧ୍ୟ ଲାଗି ପାରିବେ । ସବୁଦିନ ଗାଧୋଇବା ଆବଶ୍ୟକ ସହିତ ପରିଷ୍କାର ପରିଚ୍ଛନ୍ନତା ରଖିବା ଆବଶ୍ୟକ, ଫଳରେ ଚର୍ମ ଜନିତ ସମସ୍ୟା ଠାରୁ ଦୂରେଇ ରହିବା। ଶୀତ ଦିନ ଆରମ୍ଭରେ ବହୁତ ସଂଘାତିକ ହୋଇଥାଏ । ଥଣ୍ଡା ଦିନରେ ଥଣ୍ଡା ଜିନିଷଠାରୁ ଦୂରେଇ ରହିବ ଆବଶ୍ୟକ । ଯଥା ଥଣ୍ଡା ପାଣି ସମେତ ଆଇସକ୍ରିମ ଆଦି ନଦେବା ଭଲ। ଏହା ଖାଇବା ଦ୍ୱାରା ଅଧିକ ଥଣ୍ଡା ଅଧିକ ହୋଇଥାଏ । ମୁଣ୍ଡରେ କ୍ୟାପ ଦେବେ, ସକସ ପିନ୍ଧାଇବା ଆବଶ୍ୟକ, ଅତି ଛୋଟ ପିଲାଙ୍କୁ ଘୋଡାଇକି ରଖିବେ, ୬ ମାସରୁ କମ୍ ବୟସର ପିଲାଙ୍କ ନିକଟକୁ କୌଣସି ଥଣ୍ଡା ହୋଇଥିବା ବ୍ୟକ୍ତିମାନେ ଯିବା ଆବଶ୍ୟକ ନୁହେଁ । ଯାହା ଫଳରେ ଅଧିକ ମାତ୍ରାରେ ଛୋଟ ପିଲାଙ୍କୁ ପ୍ରଭାବ ପକାଇଥାଏ ।

ସେହିପରି କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି, ବିଶେଷ କରି ଶୀତ ଦିନ ଆସିଲେ ଅଧିକାଂଶ ରୋଗୀ ଥଣ୍ଡା କାଶ ଭଳି ଅନେକ ଭାଇରାଲ ରୋଗରେ ପୀଡିତ ହୋଇଥାନ୍ତି । ବର୍ତ୍ତମାନ ସମୟରେ ପାଖାପାଖି ଦୈନିକ ୨୦-୩୦ ଜଣ ରୋଗୀ ଆସୁଛନ୍ତି । ହସ୍ପିଟାଲରେ ସମସ୍ତ ଔଷଧ ଗଚ୍ଛିତ ରହିଛି । ବାହାରୁ ଆସିବା ପରେ ସଫା ସୁତୁରା ନହୋଇ ଛୋଟ ପିଲାଙ୍କୁ ସ୍ପର୍ଶ କରନ୍ତୁ ନାହିଁ। ସବୁବେଳେ ମାକ୍ସ ବ୍ୟବହାର କରନ୍ତୁ । ବାହାର ଘରକୁ ଫେରିଲେ ଭଲ ଭାବେ ସାନିଟାଇଜ ହୁଅନ୍ତୁ । ହାତ, ଗୋଡ ଧୋଇବା ସହ ପୋଷାକ ବଦଳାନ୍ତୁ । ଏହାପରେ ଛୋଟ ଛୁଆଙ୍କ ସଂସ୍ପର୍ଶରେ ଆସନ୍ତୁ । ଏହି ଦିନରେ ସ୍କୁଲ ଶିକ୍ଷକମାନେ ମଧ୍ୟ ସଚେତନା ରହିବା ଆବଶ୍ୟକ । ଯଦି କୌଣସି ପିଲା ଥଣ୍ଡା-କାଶ, ଜ୍ୱରରେ ପୀଡିତ ହେଉଛି ତେବେ ତାକୁ ଛୁଟି ଦେବା ଉଚିତ୍ । ଆଭ୍ୟନ୍ତରୀଣରୁ ନେଇ ଉପକୂଳ, ପଶ୍ଚିମରୁ ନେଇ ଦକ୍ଷିଣ ଓଡ଼ିଶା ସବୁଠି ଶୀତର ଲହରୀ ଦେଖିବାକୁ ମିଳୁଛି । ଆଗାମୀ ୨ ଦିନ ଯାଏଁ ଏଭଳି ସ୍ଥିତି ଜାରି ରହିବ । ପରେ ତାପମାତ୍ରା ୨ -୩ ଡିଗ୍ରୀ ବଢ଼ିବା ସହ ଶୀତର ପରିମାଣ ସାମାନ୍ୟ ହ୍ରାସ ପାଇବ। ତଥାପି ପଶ୍ଚିମ ସହ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବ । ୩ ଜିଲ୍ଲାକୁ ୨ ଦିନ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେପଟେ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି ।

## ଭୂକମ୍ପରେ ପାଣିରେ ଲୀନ ହୋଇଗଲା ପୂରା ସହର



ଶତାବ୍ଦୀ ପୂର୍ବେ, ଏକ ଭୟଙ୍କର ଭୂମିକମ୍ପରେ ବିଶ୍ୱର ଏକ ବଡ଼ ଅଂଶ ବୁଡ଼ି ଯାଇଥିଲା । ଏହା କୌଣସି ସାଧାରଣ ସହର ନଥିଲା; ଏହାକୁ ବ୍ରହ୍ମାଣ୍ଡର କେନ୍ଦ୍ର କୁହାଯାଉଥିଲା। ପ୍ରସିଦ୍ଧ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ଏହି କାହାଣୀକୁ ସତ୍ୟ ବୋଲି ଦାବି କରି ଏହି ସହରକୁ 'ଆଟଲାଣ୍ଟିସ୍' ନାମ ଦେଇଥିଲେ । ପ୍ଲାଟୋ କହିଥିଲେ ଯେ ଆଟଲାଣ୍ଟିସ୍ ଏକ ଦ୍ୱୀପରେ ଅବସ୍ଥିତ ବିଶ୍ୱର ସବୁଠାରୁ ସଭ୍ୟ ଏବଂ ସୁନ୍ଦର ସହର । ପ୍ଲାଟୋଙ୍କ ଦ୍ୱାରା ବର୍ଣ୍ଣିତ ଆଟଲାଣ୍ଟିସ୍ ପାଇଁ ବୈଜ୍ଞାନିକମାନେ ଏବେ ବି ଅନୁସନ୍ଧାନ କରୁଛନ୍ତି । ରୁଷୀୟ ପ୍ରତ୍ନତତ୍ତ୍ୱବିତ୍ କିର୍ଗିଜସ୍ତାନର ଏକ ହ୍ରଦରେ ଏକ ସମ୍ପୂର୍ଣ୍ଣ ସହର ଆବିଷ୍କାର କରିଥିବା ଦାବି କରିଛନ୍ତି । ଏହି ଖବର ପୁଣି ଥରେ ଆଟଲାଣ୍ଟିସ୍ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହି ସହର ଆଟଲାଣ୍ଟିସ୍ ପରି ସୁନ୍ଦର ଏବଂ ସମୃଦ୍ଧ ଦେଖାଯାଉଛି । ରୁଷ ବିଜ୍ଞାନ ଏକାଡେମୀର ପ୍ରତ୍ନତତ୍ତ୍ୱବିତ୍ କହିଛନ୍ତି ଯେ ସେମାନେ କିର୍ଗିଜସ୍ତାନର ଇସିକ୍ କୁଲ୍ ହ୍ରଦରେ ଏକ ବୁଡ଼ି ରହିଥିବା ସହର ଆବିଷ୍କାର କରିଛନ୍ତି । ଏହା ୧୫ଶ ଶତାବ୍ଦୀରେ ଏକ ଭୂମିକମ୍ପରେ ବୁଡ଼ି ଯାଇଥିଲା । ଏହି ହ୍ରଦ ବିଶ୍ୱର ଅଷ୍ଟମ ଗଭୀରତମ ସ୍ଥାନ । ଏହି ହ୍ରଦ ଚାରିପାଖରେ ସର୍ଭେ ଏବଂ ଖନନ ଚାଲିଛି । ରୁଷ ବୈଜ୍ଞାନିକମାନଙ୍କ ଦ୍ୱାରା ହ୍ରଦ ତଳେ ଆବିଷ୍କୃତ ସହରଟି ଏକଦା ସମୃଦ୍ଧ ସହର ଥିଲା । ଏହି ସହର ଏକ ବଡ଼ ବ୍ୟବସାୟିକ ସମୂହର ଚିତ୍ରକୁ ପ୍ରତିଫଳିତ କରେ । ଏହାର କୋଠାଗୁଡ଼ିକ ପୋଡ଼ା ଇଟା, ପଥର ଏବଂ କାଠ ବିମରେ ତିଆରି ହୋଇଥିଲା । ଏଠାରେ ଶସ୍ୟ ଏବଂ ଅଟା ମିଲ୍ ମଧ୍ୟ ମିଳିଥିଲା । ରୁଷ ପ୍ରତ୍ନତତ୍ତ୍ୱବିତଙ୍କ ଅନୁସାରେ, ସହରଟି ବହୁତ ବଡ଼ ଥିଲା ଏବଂ ସେଠାରେ ଏକ ସାର୍ବଜନୀନ କୋଠା ମଧ୍ୟ ଆବିଷ୍କୃତ ହୋଇଛି । ଏହି କୋଠାଟି ଏକ ମସଜିଦ, ଏକ ସ୍ନାନାଗାର, ଏକ ମଦ୍ରାସା କିମ୍ବା ଏକ ବିଦ୍ୟାଳୟ ଭାବରେ କାର୍ଯ୍ୟ କରିଥାଇପାରେ । ସହରରେ ଏକ ବଡ଼ କବରସ୍ଥାନ ମଧ୍ୟ ଆବିଷ୍କୃତ ହୋଇଛି । କବର ଦିଆଯାଇଥିବା ଲୋକମାନଙ୍କୁ ପାରମ୍ପରିକ ଇସଲାମିକ ରୀତିନୀତି ଅନୁସାରେ କବର ଦିଆଯାଇଥିଲା । ରୁଷ ପ୍ରତ୍ନତତ୍ତ୍ୱବିତ କହିଛନ୍ତି ଯେ ଏହି ଆବିଷ୍କାର ପ୍ରମାଣ କରେ ଯେ ଏଠାରେ ଏକ ପ୍ରାଚୀନ ସହର ଥିଲା । କିନ୍ତୁ ଭୂମିକମ୍ପ ଯୋଗୁଁ ଏହା ହ୍ରଦରେ ବୁଡ଼ି ଯାଇଥିଲା । ତେବେ ବିପର୍ଯ୍ୟୟ ଆସିବା ପୂର୍ବରୁ ଅଧିକାଂଶ ଲୋକ ସହର ଛାଡ଼ି ଚାଲି ଯାଇଥିଲେ । ପରବର୍ତ୍ତୀ ସମୟରେ ଯାଯାବରମାନେ ଏଠାରେ ବସତି ସ୍ଥାପନ କରିଥିଲେ । ଅନେକ ଲୋକ ଗ୍ରୀକ୍ ଦାର୍ଶନିକ ପ୍ଲାଟୋଙ୍କ ଆଟଲାଣ୍ଟିସକୁ କେବଳ ଏକ କାଳ୍ପନୀକ କାହାଣୀ ବୋଲି ବିବେଚନା କରନ୍ତି । ଅନ୍ୟମାନେ ଏଥିରେ ସତ୍ୟତା ଥିବା ନେଇ ଯୁକ୍ତି ଦିଅନ୍ତି ।

## ପାରାଠୁ ବ୍ୟାପୁଛି ବାର୍ଡ ଫାନସିଅର ରୋଗ

ପାରାଙ୍କୁ ଖୁଆଇବାକୁ ଅନେକ ଲୋକ ସଉକ ରଖିଥାନ୍ତି । କେହି କେହି ଏହାକୁ ଧାର୍ମିକ କାମ ଅଥବା ଦୟାର ପ୍ରତୀକ ଭାବିଥାନ୍ତି । ଏଥିପାଇଁ ପାରା ବା ପକ୍ଷୀ ଦେଖିଲେ ଦାନା ଖାଇବାକୁ ଦେଇଥାନ୍ତି। ଆପଣ ବି ଯଦି ଏପରି ସଉକ ରଖୁଛନ୍ତି ଏହି ଖବର ଆପଣଙ୍କ ପାଇଁ । କାରଣ ପକ୍ଷୀ ବା ପାରାଙ୍କ ଠାରୁ ବ୍ୟାପୁଛି ହିଷ୍ଟୋପ୍ଲାଜମୋସିସ୍, କ୍ରିପଟୋକୋକୋସିସ୍ ଓ ସାଇଟାକୋସିସ ପରି ରୋଗ । ଯାହା ଫୁସଫୁସ ଓ ଶ୍ୱାସକୋଷରେ ଗଭୀର ପ୍ରଭାବ ପକାଏ।

ରାସ୍ତା କଡ଼ରେ ପାରା କି ଗୁଣ୍ଡୁଚିମୂଷାକୁ ଖାଇବାକୁ ଦେଉଛନ୍ତି କି ? ତେବେ ହୋଇଯାଆନ୍ତୁ ସାବଧାନ ! ଆପଣଙ୍କ ଫୁସଫୁସ ବିଗିଡ଼ି ପାରେ । କାରଣ ତୀବ୍ର ଗତିରେ ବ୍ୟାପୁଛି 'ବାର୍ଡ ଫାନସିଅର ରୋଗ' । ବିଶେଷ କରି ଶୀତ ଦିନରେ ଏହାର ଅଧିକ ପ୍ରକୋପ ଦେଖାଉଛି । ହେଲେ ଏହାକୁ ଶୀତ ଦିନିଆ ଥଣ୍ଡା ଜ୍ୱର ଭାବେ ଲୋକେ ଅଣଦେଖା କରୁଛନ୍ତି। ଏହି 'ବାର୍ଡ ଫାନସିଅର ରୋଗ' ପାଇଁ ପଶୁପକ୍ଷୀ ପାଳିବାରୁ ନିବୃତ୍ତ ରହିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଭାରତ ପାଇଁ ତଥା ସମସ୍ତଙ୍କ ପାଇଁ ଏହି ରୋଗ ନୂଆ ନୁହେଁ। ହେଲେ ଲୋକେ ଏନେଇ ଅବଗତ ନାହାନ୍ତି । ଥଣ୍ଡା ଜ୍ୱରରୁ ଆରମ୍ଭ କରି ଏହା ଫୁସଫୁସ ସଂକ୍ରମଣ କରିଥାଏ । ଶୀତ ପଡ଼ିବାରୁ ଥଣ୍ଡା ଜ୍ୱର ହେଉଥିବା ଭାବି ଔଷଧ ଖାଇ ରୋଗ ଦବାଇବାକୁ ଲୋକେ ଚେଷ୍ଟା କରିଥାନ୍ତି। ଯାହା ଅତି ବିପଦଜନକ ହୋଇପାରେ । ପଶୁ ପକ୍ଷୀମାନେ ମଳତ୍ୟାଗ କରନ୍ତି, ଏହି ମଳ ଏଣେ ତେଣେ ପଡ଼ି ରହିଯାଏ। ଯାହାକି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏସବୁ ବାୟୁ ମଣ୍ଡଳରେ ମିଶି ଧୂଳି ଶ୍ୱାସକ୍ରିୟା ଦ୍ୱାରା ମଣିଷ ଶରୀରର ଫୁସଫୁସରେ ପ୍ରବେଶ କରି ସେଥିରେ ଫୁସଫୁସର ସଂକ୍ରମଣର କାରଣ ପାଲଟିଥାଏ । ଏହା ଫୁସଫୁସ ବାୟୁ କୋଷ ଫୁଲାଇବାରୁ ଅଣନିଶ୍ୱାସୀ ଲାଗିବା ସହ କାଶ ହୋଇଥାଏ । ତେବେ ସମୟ ଥାଉ ଥାଉ ଏହାର ଚିକିତ୍ସା ନକଲେ ମୃତ୍ୟୁ ଆଶଙ୍କା ବି ରହିଛି। ଏଥି ସହ ମଣିଷ ଶରୀରରେ ନିମୋନିଆ, ବ୍ରୋଙ୍କାଇଟିସ୍ ଓ ଶ୍ୱାସରୋଗ ଆଦି ବଢ଼ିଥାଏ ।

## ଖାଲି ମହିଳାଙ୍କୁ ନୁହେଁ, ପୁରୁଷଙ୍କୁ ବି ହୋଇପାରେ ବ୍ରେଷ୍ଟ କ୍ୟାନ୍ସର

ବ୍ରେଷ୍ଟ କ୍ୟାନ୍ସର କଥା ଶୁଣିଲେ ଆଖି ଆଗରେ ସାଧାରଣତଃ ଭାସି ଉଠେ ମହିଳା ରୋଗୀଙ୍କ ଚେହେରା । ହେଲେ ଏମିତି ଭ୍ରମ ମନରେ ଏଣିକି ରଖନ୍ତୁ ନାହିଁ । କାରଣ ପୁରୁଷଙ୍କୁ ବି ବ୍ରେଷ୍ଟ କ୍ୟାନ୍ସର ହୋଇପାରେ। ଏହି ରୋଗ ପାଖରେ ଲିଙ୍ଗଗତ ପ୍ରଭେଦ କୌଣସି ମାଇନା ରଖେ ନାହିଁ । ଏମିତି ଏକ ଖବର ସାମ୍ନାକୁ ଆସିବା ପରେ ଚକିତ ହୋଇ ପଡିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ । ଆମେରିକାରେ ରୋଗ ନିୟନ୍ତ୍ରଣ ଏବଂ ପ୍ରତିକାର କେନ୍ଦ୍ର ସୂଚନା ଅନୁସାରେ ଅମେରିକାରେ ପୁରୁଷମାନେ ବି ବ୍ରେଷ୍ଟ କ୍ୟାନ୍ସରରେ ପୀଡିତ ହେଉଛନ୍ତି । ଅବଶ୍ୟ ଏହାର ସଂଖ୍ୟା ବହୁତ କମ । ତଥ୍ୟ ଅନୁସାରେ ଆମେରିକାରେ ପ୍ରାୟ ୧୦୦ଟି ମାମଲାରେ ଜଣେ ପୁରୁଷ ସ୍ତନ୍ୟ କର୍କଟରେ ଆକ୍ରାନ୍ତ ହେଉଛନ୍ତି।

ପୁରୁଷଙ୍କୁ ସ୍ତନ୍ୟ କର୍କଟ । ଏହାର ସଦ୍ୟତମ ଉଦାହରଣ ହେଉଛନ୍ତି ୪୨ ବର୍ଷୀୟ ସେଫ ମ୍ୟାଟ କେଲି। ପୂର୍ବରୁ କେଲି ଏକଦମ ଫିଟ ଥିଲେ। ୨୦୨୪ ଅକ୍ଟୋବରରେ ଛାତିରେ ଏକ ଗେଟା ଥିବା ଦେଖିବାକୁ ପାଇଥିଲେ । ହେଲେ ସେ ଏହାକୁ ନଜରଅନ୍ଦାଜ କରି ଦେଇଥିଲେ । ହେଲେ ପତ୍ନୀ ବାଧ୍ୟ କରିବା ପରେ ସେ ଡାକ୍ତରଙ୍କ ପାଖକୁ ଯାଇଥିଲେ। ଡାକ୍ତରୀ ପରୀକ୍ଷା ପରେ ଜଣା ପଡିଥିଲା ସେ ସ୍ତନ୍ୟ କର୍କଟରେ ଆକ୍ରାନ୍ତ। ଏହା ତାଙ୍କର ଲିମ୍ଫସ୍ ନୋଡରୁ ହାଡ ପର୍ଯ୍ୟନ୍ତ ବ୍ୟାପି ଯାଇଥିବା ଜଣାପଡିଥିଲା ।

ମ୍ୟାଟ କେଲିଙ୍କ ମାମଲା ପୁରୁଷ ସ୍ତନ କର୍କଟ ରୋଗ ସମାଜକୁ ଏକ ସଚେତନତାମୂଳକ ବାର୍ତ୍ତା ଦେବ ନିଶ୍ଚୟ । ଏପରି ଲକ୍ଷଣମାନ ନିଜ ଶରୀରରେ ଦେଖିଲେ ପୁରୁଷମାନେ ଏହାକୁ ଅବହେଳା କରିବା ଉଚିତ ନୁହେଁ। ମ୍ୟାଟ କେଲିଙ୍କର ଏହି ରୋଗ ନିଶ୍ଚିତ କରେ ଯେ, ଏହି ରୋଗ ଲିଙ୍ଗ, ବୟସ, ବୃତ୍ତି ଆଧାରରେ ଯେ କୌଣସି ଲୋକକୁ ହୋଇପାରେ । ଭାରତରେ ପୁରୁଷମାନଙ୍କ ମଧ୍ୟରେ ସମାନ ମାମଲା ରହିଥିବା ରିପୋର୍ଟ ଆସିଛି। କିନ୍ତୁ ଏହା ବିଷୟରେ ସଚେତନତା କମ୍ ରହିଛି। ମହିଳାମାନଙ୍କ ପରି ପୁରୁଷଙ୍କ କ୍ଷେତ୍ରରେ ଯଦି ଠିକ ସମୟରେ ଏହାର ଚିକିତ୍ସା କରାଯିବ ତେବେ ଏହି ରୋଗରୁ ମୁକ୍ତି ମିଳି ପାରିବ । କିନ୍ତୁ ସାମାନ୍ୟ ଅଣଦେଖାରେ ଏହା ଶରୀରର ବିଭିନ୍ନ ଅଂଶକୁ ବ୍ୟାପି ଯିବାର ଆଶଙ୍କା ରହିଛି।

ଆମେରିକାରେ ରୋଗ ନିୟନ୍ତ୍ରଣ ଏବଂ ପ୍ରତିକାର ସଂସ୍ଥାର କହିବା ଅନୁଯାୟୀ, ପୁରୁଷଙ୍କ କ୍ଷେତ୍ରରେ ଏହି ରୋଗ ନିରବରେ ସଂକ୍ରମିତ ହୋଇଥାଏ । ତେବେ ଉପର ବର୍ଣ୍ଣିତ ଲକ୍ଷଣ ସବୁ ପୁରୁଷଙ୍କ କ୍ଷେତ୍ରରେ ମଧ୍ୟ ଦେଖା ଦେଇଥାଏ । ସମୟୋଚିତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ହେବାର ସମ୍ଭାବନା ମଧ୍ୟ ରହିଛି । କିନ୍ତୁ ସାମାଜିକ ସଙ୍କୋଚଭାବ ଯୋଗୁ ପୁରୁଷମାନେ ସାଧାରଣତଃ ଏହାକୁ ଅଣଦେଖା କରିଥାନ୍ତି ଯାହା ପରେ ଘାତକ ସାବ୍ୟସ୍ତ ହୋଇଥାଏ। ଅଧିକାଂଶ ପୁରୁଷ ଭାବନ୍ତି, ସ୍ତନ୍ୟ କର୍କଟ କେବଳ ମହିଳାଙ୍କୁ ହେଇଥାଏ। ତେଣୁ ସ୍ତନ୍ୟ କର୍କଟର ଲକ୍ଷଣ ଦେଖିଲେ ବି ଏହାକୁ ଅଣ ଦେଖା କରିଥାନ୍ତି । ପୁରୁଷଙ୍କ କ୍ଷେତ୍ରରେ ସ୍ତନ୍ୟ ଟିସୁ କମ ଥାଏ ଏବଂ ସେହିଠାରେ କ୍ୟାନ୍ସର ସେଲ୍ସ ବ୍ୟାପିଥାଏ । ଯଦିଓ ଏହାର ସଂଖ୍ୟା କମ କିନ୍ତୁ ତୀବ୍ରତା କମ୍ ନୁହେଁ । ବିଶେଷ କରି ୪୦ ବର୍ଷ ପରେ ଯଦି କୌଣସି ବ୍ୟକ୍ତି ସେମାନଙ୍କ ଛାତି ଚାରିପାଖେ ଗେଟା ହୋଇଥାଏ କିମ୍ବା ଚର୍ମ ଟାଣ ହୋଇଯାଏ କିମ୍ବା ନିପଲରେ ପରିବର୍ତ୍ତନ ଲକ୍ଷ୍ୟ କରନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ ।

## ତବଲା ମାଡ଼ରେ ଟ୍ରେଣ୍ଡ ପାଇଥିଲା ୱାଃ ଟା'



ଚା'ରୁ ଆରମ୍ଭ ହୁଏ ପ୍ରତିଟି ଭାରତୀୟଙ୍କ ସକାଳ । ଚା' କପ୍‌ରୁ ସୃଷ୍ଟି ହୁଏ ଦିନଯାକର କାର୍ଯ୍ୟସୂଚୀ । ଆଉ ସେହି ଚା'ଢୋକେ ରୁ ହୁଏ ଶବ୍ଦର ସଂଯୋଜନା । ଯଦି ସେ ଚା' ତାଜ୍ ହୁଏ ତାହେଲେ ଖୁସି ଡବଲ । ସକାଳରୁ ଭରିଯାଏ ରୋମାଞ୍ଚରେ । ମନରେ ଗୁଞ୍ଜରଣ ହୁଏ ସେହି ତବଲାର ସ୍ୱର । କାରଣ ତାଜ୍ ଚା'କୁ ଲୋଚଲୋଚନକୁ ଆଣିବାରେ ଥିଲା ତାଙ୍କର ଯାଦୁ ।

ସାଧାରଣ ତାଜ୍ କୁ ବ୍ରାଣ୍ଡ ଦେଇଥିଲେ ପଦ୍ମ ବିଭୁଷଣ ତବଲା ବାଦକ ଜାକିର ହୁସେନ । ଘରେ ଘରେ ବଦଳିଯାଇଥିଲା ଚା'ର ବ୍ରାଣ୍ଡ । ଧିରେ ଧୀରେ ସେ ପାଲଟିଲା ସଭିଁଙ୍କ ପ୍ରିୟ 'ୱାଃ ତାଜ୍' । ସେହି ତବଲା ବାଦକ ଆଜି ନାହାଁନ୍ତି ସତ, କିନ୍ତୁ ତାଙ୍କ ଆବର୍ତ୍ତମାନରେ ମନେ ପଡେ ତାଙ୍କର ସେହି ଚା'ର ସ୍ୱାଦ ।

ତାଜମହଲ ଚାକୁ 'ୱାଃ ତାଜ୍' ପରିଚୟ ଦେଇଥିବା ଜାକିର ହୁସେନ୍ ଆଉ ନାହାଁନ୍ତି। ସୋମବାର ସକାଳେ ତାଙ୍କ ମୃତ୍ୟୁକୁ ତାଙ୍କ ପରିବାର ନିଶ୍ଚିତ କରିଛନ୍ତି। ସାନ ଫ୍ରାନ୍ସିସ୍କୋ ହସ୍ପିଟାଲରେ ତ୍ୟାଗ କରିଛନତି ଶେଷ ନିଶ୍ୱାସ । ଭାରତର ଏକ ପ୍ରିମିୟମ୍ ଚା ବ୍ରାଣ୍ଡ, ଯାହା ବ୍ରିଟିଶ୍ କମ୍ପାନୀର ମାଲିକାନା ଅଟେ । ଏହାକୁ ସାରା ଦେଶରେ କୁହାଯାଏ 'ୱାଃ ତାଜ୍' ।

୧୯୬୬ ମସିହାରେ କୋଲକାତାରେ ଆରମ୍ଭ ହୋଇଥିଲା ବ୍ରୁକ ବଣ୍ଡ ତାଜମହଲ ଚା' । ରଙ୍ଗ, ସୁଗନ୍ଧ ଏବଂ ସ୍ୱାଦ, ଏହି ତିନୋଟି ପାରାମିଟର ଯେଉଁଥିରେ ପ୍ରସ୍ତୁତ କରାଯାଉଥିଲା ତାଜମହଲ ଚା । କାରଣ ପାଶ୍ଚାତ୍ୟ ବ୍ରାଣ୍ଡ ଭାବେ ପରିଚିତ ଚା'କୁ ଭାରତରେ ଖ୍ୟାତି କରିବାର ଥିଲା । ସେତିକି ନୁହେଁ ଚା' ସହ ଯୋଡିହେବାର ଥିଲା ତାଜମହଲର ସୌନ୍ଦର୍ଯ୍ୟ ।

ଚା'କୁ ଫେମସ କରିବାର ଉପାୟ ଥିଲା ବିଜ୍ଞାପନ । ଆଉ ବିଜ୍ଞାପନ ପାଇଁ ଏକମାତ୍ର ପ୍ରଯୁଜ୍ୟ ଥିଲେ ଜାକିର ହୁସେନ୍ । ଜାକିର ହୁସେନ୍‌ଙ୍କ ବ୍ୟକ୍ତିତ୍ୱ ତାଜମହଲ ଚା'ର ତିନୋଟି ପାରାମିଟର ପାଇଁ ପ୍ରଥମ ପସନ୍ଦ । କାରଣ ଜାକିର ଥିଲେ କେବଳ ଦେଶର ଜଣେ ମହାନ୍ ତବଲା ବାଦକ । ସେ ରହୁଥିଲେ ଆମେରିକାରେ, ତାଙ୍କର ଥିଲା ଅନେକ ସ୍ୱତନ୍ତ୍ରତା ।

ଆଉ ଜାକିର ହୁସେନ୍ ତାଜମହଲ ଚା ବିଜ୍ଞାପନ ପାଇଁ ଆସିଥିଲେ ଆଗ୍ରା । ବିଜ୍ଞାପନର ସୁଟିଂ ସମୟରେ ପୃଷ୍ଠଭୂମିରେ ରହିଥିଲା ତାଜମହଲ । ଯେତେବେଳେ ଜାକିର ହୁସେନ୍ ଚା ପିଇଲେ, 'ୱା, ଉସ୍ତାଦ୍ ୱାହ !' କିନ୍ତୁ ଜାକିର ହୁସେନ୍ କହିଥିଲେ 'ସାର, କୁହନ୍ତୁ ୱାଃ ତାଜ୍' । କେବଳ ଜାକିର ହୁସେନ୍ ନୁହେଁ ଅନ୍ୟ ଜଣେ ତବଲା ବାଦକ ଆଦିତ୍ୟ କଲ୍ୟାଣପୁର ବି ନଜର ଆସିଥିଲେ ବିଜ୍ଞାପନରେ ।

ଜାକିର ହୁସେନ୍, ତାଜମହଲ ଚା'ର ଯୁଗଳବନ୍ଦୀ ଆଣିଥିଲା ସଫଳତା । ଅନେକ ଲୋକ ଚା ସହ ଜାକିରଙ୍କ ପ୍ରତିଭା ବି ଜାଣିଥିଲେ । ଘରେ ଘରେ ତାଜ୍ ଘରେ ଘରେ ଉସ୍ତାଦ ଭାବେ ଗଣାଗଲେ । ଜାକିରଙ୍କ ପାଇଁ ତାଜମହଲ ଚାକୁ ଭାରତୀୟ ବଜାରରେ ମିଳିଥିଲା ଭଲ ରେସପଣ୍ଡ। ଆଜି ପର୍ଯ୍ୟନ୍ତ ବି କମ୍ପାନୀ ସେହି ମହାନ ତବଲିଷ୍ଟ ପାଖରେ ଋଣୀ ।

## ପୁରୁଷଙ୍କ ବିଷୟରେ ଆଶ୍ଚର୍ଯ୍ୟଜନକ ଖୁଲାସା; ଶୀଘ୍ର ବୃଦ୍ଧ ହୁଅନ୍ତି ଅବିବାହିତ

କୁହାଯାଏ ଯେ, ଅବିବାହିତ ଲୋକମାନେ ଅଧିକ ଖୁସି ହୁଅନ୍ତି। କାହିଁକିନା ସେମାନେ ନିଜ ଜୀବନକୁ ମୁକ୍ତ ଭାବରେ ବଞ୍ଚନ୍ତି। କିଛି ରୋକ-ଟୋକ୍ ନାହିଁ। ପୂରା ସ୍ୱାଧୀନ ଜୀବନ। ଏହି କାରଣରୁ, ପୁରୁଷମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁବକ ଅନୁଭବ ବି କରନ୍ତି। ଆପଣ ଏମିତି ଭାବୁଥିବେ । ଠିକ୍ କହିଲି ନା... କିନ୍ତୁ ଏମିତି ନୁହେଁ। ନୂଆ ଗବେଷଣାରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ଆସିଛି ସାମ୍ନାକୁ। ରିପୋର୍ଟ କହୁଛି ଅବିବାହିତ ପୁରୁଷମାନେ ଶୀଘ୍ର ବୁଢ଼ା ହୋଇଯାଆନ୍ତି।

ଯେତେବେଳେକି ବିବାହିତ ପୁରୁଷଙ୍କ ବାର୍ଦ୍ଧକ୍ୟ ପ୍ରକ୍ରିୟା ଧୀର । ସରଳ ଭାଷାରେ କହିବାକୁ ଗଲେ ଅବିବାହିତ ଲୋକମାନେ ଶୀଘ୍ର ବୁଢ଼ା ହୋଇଯାଆନ୍ତି ଆଉ ବିବାହିତ ପୁରୁଷମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁବକ ରୁହନ୍ତି । ଅବଶ୍ୟ, ଏହା କେବଳ ପୁରୁଷମାନଙ୍କ କ୍ଷେତ୍ରରେ ହୋଇଥାଏ ଏବଂ ମହିଳାମାନଙ୍କ କ୍ଷେତ୍ରରେ ଏପରି ପରିବର୍ତ୍ତନ ହୁଏ ନାହିଁ ।

ନ୍ୟୁୟର୍କ ପୋଷ୍ଟର ରିପୋର୍ଟ ଅନୁଯାୟୀ, ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ବିବାହିତ ପୁରୁଷଙ୍କ ବୟସ ଅବିବାହିତ ପୁରୁଷଙ୍କ ତୁଳନାରେ ଧୀରେ ଧୀରେ ବଢ଼ିଥାଏ। ଏହି ଅଧ୍ୟୟନ ସୋସିଆଲ୍ ୱାର୍କ ଜର୍ଣ୍ଣାଲ୍ ରେ ପ୍ରକାଶିତ ହୋଇଛି। ଏଥିରେ ବୈଜ୍ଞାନିକମାନେ ୪୫ରୁ ୮୫ବର୍ଷ ବୟସ୍କଙ୍କ ସ୍ୱାସ୍ଥ୍ୟ ଏବଂ ଗୁଣବତ୍ତାକୁ ନେଇ ୨୦ ବର୍ଷ ପର୍ଯ୍ୟନ୍ତ ଅଧ୍ୟୟନ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ଜାଣିବା ଯେ, ବିବାହର ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପଡିଥାଏ । ଏହି ଅନୁସନ୍ଧାନରେ, ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ, ସାମାଜିକ ଜୀବନ ଏବଂ ବୟସ ସମ୍ବନ୍ଧୀୟ କଥାକୁ ଧ୍ୟାନରେ ରଖି ମୂଲ୍ୟାଙ୍କନ କରାଯାଇଥିଲା । ଯେଉଁଥିରେ ଜଣାପଡିଛି ଯେ ବିବାହିତ ପୁରୁଷମାନେ ସେମାନଙ୍କର ଅବିବାହିତ ବନ୍ଧୁମାନଙ୍କ ଅପେକ୍ଷା ଠିକ୍ ଭାବରେ ବୟସ ବଢ଼ାଇବାରେ ସଫଳତା ହାସଲ କରନ୍ତି । ଯଦିଓ, ଏହା ସେତେବେଳେ ହୁଏ, ଯେତେବେଳେ ସେହି ବ୍ୟକ୍ତି ଜୀବନସାରା ବିବାହିତ ରୁହେ। ଯଦି ସେମାନଙ୍କର ବିବାହ ଭାଙ୍ଗିଯାଏ କିମ୍ବା ସେମାନଙ୍କ ସାଥୀଙ୍କ ମୃତ୍ୟୁ ହୁଏ ଏହା ସେମାନଙ୍କର ବାର୍ଦ୍ଧକ୍ୟ ପ୍ରକ୍ରିୟାରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଅନ୍ୟପଟେ ବିବାହିତ ମହିଳା ଓ ଅବିବାହିତ ମହିଳାମାନେ ବାର୍ଦ୍ଧକ୍ୟ ଦୃଷ୍ଟିରୁ ପ୍ରାୟତଃ ସମାନ। ଯେଉଁ ମହିଳାମାନେ ବିବାହିତ କିନ୍ତୁ ପରେ ଛାଡପତ୍ର କିମ୍ବା ବିଧବା ହେଉଛନ୍ତି ସେ ଅବିବାହିତ ମହିଳା ଠାରୁ ଅଧିକ ଦୁଃଖିତ। ଗବେଷଣା ଅନୁଯାୟୀ, ମହିଳାମାନେ ପ୍ରାୟତଃ ଏକାକୀ ରହିବାରେ ଅଧିକ ଖୁସି ହୁଅନ୍ତି, କିନ୍ତୁ ପୁରୁଷଙ୍କ ପାଇଁ ଏହା କଷ୍ଟସାଧ ଅଟେ। ମହିଳାମାନେ ଏକାକୀ ରହିବାରେ ଅଧିକ ସନ୍ତୁଷ୍ଟ ଏବଂ ରୋମାଣ୍ଟିକ ସମ୍ପର୍କ କମ୍ ଆବଶ୍ୟକ ଥାଏ। ବିଶେଷଜ୍ଞଙ୍କ କହିବା ଅନୁସାରେ ମହିଳାମାନେ ନିଜ ସାଙ୍ଗ ଏବଂ ପରିବାରଠାରୁ ଅଧିକ ସମର୍ଥନ ପାଇଥାନ୍ତି, ଯେତେବେଳେ ବିବାହରେ ସେମାନଙ୍କୁ ଘର କାମରେ ବ୍ୟସ୍ତ ରହିବାକୁ ପଡିଥାଏ। ଗବେଷଣାରେ ଦର୍ଶାଯାଇଛି ଯେ, ବିବାହିତ ଲୋକମାନେ ଏକାକୀ ରହୁଥିବା ଲୋକଙ୍କ ଅପେକ୍ଷା ସ୍ୱାସ୍ଥ୍ୟକର । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ବିବାହ ପୁରୁଷଙ୍କ ମୃତ୍ୟୁ ହାରକୁ ଏକ ତୃତୀୟାଂଶ ହ୍ରାସ କରିଥାଏ। ଏହା ବ୍ୟତୀତ ପ୍ରକୃତି ମାନବ ଆଚରଣ ପତ୍ରିକାର ଅନ୍ୟ ଏକ ଅଧ୍ୟୟନରୁ ଜଣାପଡିଛି ଯେ ବିବାହିତ ବ୍ୟକ୍ତିଙ୍କ ଅପେକ୍ଷା ଅବିବାହିତ ବ୍ୟକ୍ତି ମାନସିକ ସମସ୍ୟାରେ ଅଧିକ ପୀଡିତ। ଏମିତି କି ବିବାହିତ ଲୋକମାନଙ୍କ ଅପେକ୍ଷା ଅବିବାହିତ ଲୋକମାନେ ଡିପ୍ରେସନର ଶିକାର ହେବାର ୭୯% ଅଧିକ।



## ଡାଇନାମାଇଟର ଉଦ୍ଭାବକ ବୈଜ୍ଞାନିକଙ୍କ ସମ୍ପତ୍ତିରୁ ନୋବେଲ ପୁରସ୍କାରର ସୃଷ୍ଟି

ପ୍ରଥମ ନୋବେଲ ପୁରସ୍କାର ୧୦ ଡିସେମ୍ବର ୧୯୦୧ରେ ସ୍ୱିଡେନର ଷ୍ଟକହୋମରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଚିକିତ୍ସା, ସାହିତ୍ୟ ଏବଂ ଶାନ୍ତି କ୍ଷେତ୍ରରେ ପ୍ରଦାନ କରାଯାଇଥିଲା । ଡାଇନାମାଇଟ୍ ଏବଂ ଅନ୍ୟାନ୍ୟ ଉଚ୍ଚ ବିସ୍ଫୋରକ ସାମଗ୍ରୀର ସ୍ୱିଡେନ ଉଦ୍ଭାବକ ଆଲଫ୍ରେଡ ନୋବେଲଙ୍କ ମୃତ୍ୟୁର ପଞ୍ଚମ ବାର୍ଷିକୀରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା।

ତାଙ୍କ ସମ୍ପତ୍ତିରେ, ନୋବେଲ ନିର୍ଦ୍ଦେଶ ଦେଇଥିଲେ ଯେ ତାଙ୍କର ବିପୁଳ ସମ୍ପତ୍ତିର ଏକ ଅଂଶ ଏକ ପାଣ୍ଠିରେ ରଖାଯିବ । ଯେଉଁଥିରେ ସୁଧହାରରେ ପୁରସ୍କାର ଭାବରେ ବଣ୍ଟନ କରାଯିବ । ଯେଉଁମାନେ ପୂର୍ବ ବର୍ଷରେ ମାନବଜାତି ପାଇଁ ସର୍ବାଧିକ ଲାଭ ପ୍ରଦାନ କରିଥାନ୍ତେ ।

**କେମିତି ହୋଇଥିଲା ନୋବେଲ ପୁରସ୍କାରର ଯାତ୍ରା:**

ଯଦିଓ ପୁରସ୍କାର ପ୍ରତିଷ୍ଠା ପାଇଁ ନୋବେଲ କୌଣସି ସାର୍ବଜନୀନ କାରଣ ଦେଇନାହାଁନ୍ତି । ତଥାପି ଯୁଦ୍ଧରେ ତାଙ୍କ ଉଦ୍ଭାବନଗୁଡ଼ିକର ସାଂଘାତିକ ବ୍ୟବହାରକୁ ନେଇ ସେ ନୈତିକ ଅନୁତାପରୁ ଏପରି କରିଛନ୍ତି ବୋଲି ସାଧାରଣରେ ବିଶ୍ୱାସ କରାଯାଏ।

**ସ୍ୱିଡେନରେ ହୋଇଥିଲା ନୋବେଲ ଜନ୍ମ:**

ଆଲଫ୍ରେଡ୍ ବର୍ନହର୍ଡ ନୋବେଲ ୧୮୩୩ ମସିହାରେ ଷ୍ଟକହୋମରେ ଜନ୍ମଗ୍ରହଣ କରିଥିଲେ । ଚାରି ବର୍ଷ ପରେ ତାଙ୍କ ପରିବାର ଋଷକୁ ଚାଲିଗଲେ । ତାଙ୍କ ପିତା ସେଣ୍ଟ ପିଟର୍ସବର୍ଗରେ ଏକ ସଫଳ କାରଖାନା ଚଳାଇ ଖଣି ବିସ୍ଫୋରକ ଏବଂ ଅନ୍ୟାନ୍ୟ ସାମରିକ ଉପକରଣ ତିଆରି କରିଥିଲେ । ଋଷ, ପ୍ୟାରିସ୍ ଏବଂ ଯୁକ୍ତରାଷ୍ଟ୍ରରେ ଆଲଫ୍ରେଡ୍ ନୋବେଲ ଜଣେ ଉଜ୍ଜ୍ୱଳ ରସାୟନ ବିଜ୍ଞାନୀ ଭାବରେ ପ୍ରମାଣିତ ହୋଇଥିଲେ।

**ସର୍ବଦା ବିପଜ୍ଜନକ ବିସ୍ଫୋରକ ସହିତ ପରୀକ୍ଷଣ:**

କ୍ରାଇମ ଯୁଦ୍ଧ ଶେଷ ହେବା ପରେ ଯେତେବେଳେ ତାଙ୍କ ପିତାଙ୍କ ବ୍ୟବସାୟ ବିଫଳ ହେଲା । ନୋବେଲ ସ୍ୱିଡେନକୁ ଫେରି ବିସ୍ଫୋରକ ସାମଗ୍ରୀ ପରୀକ୍ଷା କରିବା ପାଇଁ ଏକ ଲାବୋରେଟୋରୀ ସ୍ଥାପନ କରିଥିଲେ । ୧୮୬୩ ମସିହାରେ, ସେ ନାଇଟ୍ରୋଗ୍ଲେସିରିନ୍ ବିସ୍ଫୋରଣକୁ ନିୟନ୍ତ୍ରଣ କରିବାର ଏକ ଉପାୟ ଉଦ୍ଭାବନ କରିଥିଲେ, ଯାହାକି ଅତ୍ୟଧିକ ଅସ୍ଥିର ତରଳ ଯାହାକି ନିକଟରେ ଆବିଷ୍କୃତ ହୋଇଥିଲା କିନ୍ତୁ ଏହା ବ୍ୟବହାର ପାଇଁ ଅତ୍ୟନ୍ତ ବିପଜ୍ଜନକ ବୋଲି ବିବେଚନା କରାଯାଉଥିଲା ।

ପରୀକ୍ଷଣ ସମୟରେ ବିସ୍ଫୋରଣ ହେତୁ ଚାଲିଗଲେ ଭାଇ

ଦୁଇ ବର୍ଷ ପରେ, ନୋବେଲ ବ୍ଲାଷ୍ଟିଂ କ୍ୟାପ୍ ଉଦ୍ଭାବନ କରିଥିଲା, ଏକ ଉନ୍ନତ ଡିଟୋନେଟର ଯାହା ଉଚ୍ଚ ବିସ୍ଫୋରକ ସାମଗ୍ରୀର ଆଧୁନିକ ବ୍ୟବହାରକୁ ଉଦ୍‌ଘାଟନ କରିଥିଲା । ନାଇଟ୍ରୋଗ୍ଲେସିରିନ୍ ବିପଜ୍ଜନକ ରହିଲା, କିନ୍ତୁ ୧୮୬୪ ମସିହାରେ ନୋବେଲର ନାଇଟ୍ରୋଗ୍ଲେସିରିନ୍ କାରଖାନା ବିସ୍ଫୋରଣ ହୋଇ ତାଙ୍କ ସାନଭାଇ ଏବଂ ଅନେକଙ୍କୁ ହତ୍ୟା କଲା । ଏକ ନିରାପଦ ବିସ୍ଫୋରକ ସନ୍ଧାନ କରି ନୋବେଲ ୧୮୬୭ ମସିହାରେ ଆବିଷ୍କାର କଲେ ଯେ ନାଇଟ୍ରୋଗ୍ଲାଇସେରିନ୍ ଏବଂ କିସେଲଗୁହର୍ ନାମକ ଏକ ଖଣ୍ଡିଆ ପଦାର୍ଥର ମିଶ୍ରଣ ଏକ ଅତ୍ୟଧିକ ବିସ୍ଫୋରକ ମିଶ୍ରଣ ସୃଷ୍ଟି କରିଥିଲା ଯାହା ପରିଚାଳନା ଏବଂ ବ୍ୟବହାର କରିବା ପାଇଁ ଅତ୍ୟନ୍ତ ନିରାପଦ ଥିଲା।

# ମହିଳା ପ୍ରିମିୟର ଲିଗ୍ ୨୦୨୬ : ଜାନୁଆରୀ ୭ରୁ ଆରମ୍ଭ, ଫେବୃୟାରୀ ୩ରେ ଫାଇନାଲ୍

**ମୁମ୍ବାଇ**




ଆଗାମୀ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସଂସ୍କରଣ ପାଇଁ ତାରିଖ ଓ ଭେନ୍ୟୁ ଚୂଡ଼ାନ୍ତ ହୋଇଛି । ଜାନୁଆରୀ ମାସ ୭ ତାରିଖରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ଫେବୃୟାରୀ ମାସ ୭ ତାରିଖରେ ଶେଷ ହେବ । ମୋଟ୍ ୨ଟି ଭେନ୍ୟୁରେ ଏଥର ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ । ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡ଼ିୟମ୍ ଓ ଭଦୋଦରା କୋଟାମ୍ବି ଷ୍ଟାଡ଼ିୟମ୍‌ରେ ସମସ୍ତ ମ୍ୟାଚ୍ ଖେଳାଯିବ । ଟୁର୍ଣ୍ଣାମେଣ୍ଟର କ୍ରୀଡ଼ାସୂଚୀ ଚୂଡ଼ାନ୍ତ ହୋଇ ନାହିଁ । ସୂଚନାଯୋଗ୍ୟ, ଡବ୍ଲୁପିଏଲର ପ୍ରଥମ ସଂସ୍କରଣକୁ ମୁମ୍ବାଇର ଦୁଇଟି ଗ୍ରାଉଣ୍ଡ ବ୍ରାବୋର୍ଣ୍ଣ ଓ ଡି.ୱାଇ ପାଟିଲ ଷ୍ଟାଡ଼ିୟମରେ ଆୟୋଜନ କରାଯାଇଥିଲା । ଦ୍ୱିତୀୟ ସଂସ୍କରଣ ବେଙ୍ଗାଲୁରୁ ସ୍ଥିତ ଏମ ଚିନ୍ନାସ୍ୱାମୀ ଷ୍ଟାଡ଼ିୟମ୍ ଓ ଦିଲ୍ଲୀ ସ୍ଥିତ ଅରୁଣ ଜେଟଲୀ ଷ୍ଟାଡ଼ିୟମ୍‌ରେ ଆୟୋଜନ କରାଯାଇଥିଲା । ୨୦୨୫ ସିଜନ ୪ଟି ଗ୍ରାଉଣ୍ଡ ମୁମ୍ବାଇ, ଲକ୍ଷ୍ନୌ, ଭଦୋଦରା ଓ ବେଙ୍ଗାଲୁରୁରେ ଆୟୋଜନ କରାଯାଇଥିଲା ।

# ଦ୍ୱିତୀୟ ଟେଷ୍ଟ ଖେଳିବେନି ଶୁଭମନ ଗିଲ୍ ଏବଂ କୁଲଦୀପ ଯାଦବ

**ନୂଆଦିଲ୍ଲୀ**

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ୨୨ ନଭେମ୍ବରରୁ ଗୋହାଟିରେ ଖେଳାଯିବ । ଦୁଇ ମ୍ୟାଚର ଟେଷ୍ଟ ସିରିଜ ପୂର୍ବରୁ ଏହି ମ୍ୟାଚରେ ଅତିଥି ଦଳ ଦକ୍ଷିଣ ଆଫ୍ରିକା ଟିମ୍ ଇଣ୍ଡିଆକୁ ହରାଇ ୧-୦ରେ ଆଗରେ ଅଛି । ଏବେ ସିରିଜରେ କ୍ଲିନ୍‌ସ୍ୱିପ୍‌ରୁ ବର୍ତ୍ତିବା ଲାଗି ଭାରତୀୟ ଟିମ୍‌କୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜିତିବାକୁ ପଡ଼ିବ । ସୂଚନା ଅନୁସାରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଅଧିନାୟକ ଶୁଭମନ ଗିଲ୍ ଏବଂ ଚାଇନାମ୍ୟାନ୍ ସ୍ପିନର କୁଲଦୀପ ଯାଦବଙ୍କ ଖେଳିବା ସହଜ ନୁହେଁ ।

ପ୍ରକାଶ ଯେ, ଭାରତୀୟ ଟିମ୍ ୨୨ନଭେମ୍ବରରୁ ଗୁହାଟିରେ ଖେଳାଯିବାକୁ ଥିବା ଦିତ୍ୱୀୟ ଟେଷ୍ଟ ମ୍ୟାଚ୍‌ରେ ଶୁଭମନ୍ ଗିଲ ଖେଳିବା ନେଇ ଏବେ କୌଣସି ନିଷ୍ପତ୍ତି ହୋଇନାହିଁ । ମାତ୍ର କେତେକ ଗଣମାଧ୍ୟମ ରିପୋର୍ଟ୍ସ ଅନୁସାରେ ଗିଲ୍ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଖେଳିପାରିବେ ନାହିଁ । ତାଙ୍କ ସ୍ଥାନରେ ୱିକେଟକିପର ବ୍ୟାଟର ଋଷଭ ପନ୍ତ ଟିମ୍‌କୁ ଲିଡ୍ କରିବେ ।



ନିତୀଶ କୁମାର ରେଡ୍ଡୀଙ୍କୁ ପୂର୍ବରୁ ଟିମ୍ ଇଣ୍ଡିଆରୁ ରିଲିଜ୍ କରିଦିଆଯାଇଥିଲା । ଫଳରେ ସେ ଇଣ୍ଡିଆ-ଏ ଲାଗି ଖେଳିପାରିବେ । ମାତ୍ର ଏବେ ପୁଣି ଥରେ ଟିମ୍ ଇଣ୍ଡିଆରେ ସାମିଲ୍ କରାଯାଇଛି । ସେ ଅଧିନାୟକ ଶୁଭମନ ଗିଲଙ୍କ ରିପ୍ଲେସମେଣ୍ଟ ଭାବେ ଟିମରେ ପୁଣି ଥରେ ଯୋଡ଼ି ହୋଇଛନ୍ତି । ଗିଲବି ଟିମ୍ ସହ ଗୁହାଟି ଯିବେ । କିନ୍ତୁ ତାଙ୍କ ଖେଳିବା ସହଜ ନୁହେଁ ।

ସୂଚନା ଅନୁସାରେ, ଚାଇନାମ୍ୟାନ୍ ସ୍ପିନର କୁଲଦୀପ ଯାଦବ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳିନପାରନ୍ତି । ଗଣମାଧ୍ୟମ ରିପୋର୍ଟ୍ସ ଅନୁସାରେ ନଭେମ୍ବର ଶେଷରେ କୁଲଦୀପ ଯାଦବଙ୍କ ବିବାହ ଅଟେ । ଏଭଳି ସ୍ଥଳେ ସେ ଛୁଟିରେ ଯାଇପାରନ୍ତି । ଏହା ବି କୁହାଯାଇଛି କି କୁଲଦୀପ ପୂର୍ବରୁ ହିଁ ବିସିସିଆଇକୁ ଲିଭ୍ ଲାଗି ଅନୁରୋଧ କରିସାରିଛନ୍ତି ।

# ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ଚାମ୍ପିଅନସିପ୍‌ରେ ପିସିପୁର ସ୍କୁଲର ଦୁଇ ଖେଳାଳି




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଣାଇ ଠାରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ଚମ୍ପିଅନସିପ୍ ଅନୁଷ୍ଠିତ ହେବାକୁ ଯାଉଛି । ଚଳିତ ମାସ ୨୦ରୁ ୨୨ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୧୪ ବର୍ଷରୁ କମ୍ ମୟୂରଭଞ୍ଜ ଦଳରେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗାଜ ଟୁଡୁ (୭ମ ଶ୍ରେଣୀ ) ଓ ନିମାଇଁ ମୁର୍ମୁ (୮ମ ଶ୍ରେଣୀ) ସ୍ଥାନ ପାଇଛନ୍ତି । ଉଭୟ ଖେଳାଳି ବିଶୋଇ ଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ଚାମ୍ପିଅନସିପରେ ଉଚ୍ଚମାନର ଖେଳ ପ୍ରଦର୍ଶନ କରି ଏହି ସୁଯୋଗ ପାଇଥିବାରୁ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, କ୍ରୀଡ଼ା ଶିକ୍ଷକ ଅଭିଷେକ ବେହେରା, ୱାର୍ଡେନ ସରୋଜ କୁମାର ସାବତ, କଳା ଶିକ୍ଷକ ମହେଶ୍ୱର ମାର୍ଣ୍ଡି ସମେତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି ।

# କୁଚ ବିହାର ଟ୍ରଫିରେ କମାଲ୍ କଲେ ସେହ୍ୱାଗଙ୍କ ପୁଅ

**ନୂଆଦିଲ୍ଲୀ**

କ୍ରିକେଟରେ ବହୁତ କମ୍ ପିତା-ପୁତ୍ର ଯୋଡ଼ି ଅଛନ୍ତି, ଯେଉଁମାନେ ଅନ୍ତର୍ଜାତୀୟ କ୍ରିକେଟରେ ଏକ ଗୁରୁତ୍ୱପୂର୍ଣ୍ଣ ଛାପ ସୃଷ୍ଟି କରିଛନ୍ତି । ହୁଏତ ଏପରି କୌଣସି ସ୍ଥାନରେ ନାହିଁ ଯେଉଁଠାରେ ପିତା ଏବଂ ପୁତ୍ର ଉଭୟ ସମାନ ଖେଳ ଶୈଳୀରେ ଭାଗ ନିଅନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ବୀରେନ୍ଦ୍ର ସେହ୍ୱାଗ ଏବଂ ତାଙ୍କ ପୁଅ ଆର୍ଯ୍ୟବୀର । କୁଚ ବିହାର ଟ୍ରଫିର ଦିଲ୍ଲୀ ବନାମ ବିହାର ମ୍ୟାଚ୍‌ରେ, ଆର୍ଯ୍ୟବୀର ୭୨ ରନର ଏକ ଶକ୍ତିଶାଳୀ ଇନିଂସ ଖେଳି ବୋଲରମାନଙ୍କୁ ଧରାଶାୟୀ କରିଥିଲେ ଏବଂ ତାଙ୍କ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।



ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିଲା । ଏହାପାଇଁ ଆର୍ଯ୍ୟବୀର ୧୨୦ ବଲରୁ ୭୨ ରନ କରିଥିଲେ । ସେ ତାଙ୍କ ଇନିଂସରେ ୧୪ ଚୌକା ମାରିଥିଲେ । ତା'ପରେ ଅଧିନାୟକ ପ୍ରଣବ ପନ୍ତ ୧୪୧ ବଲରୁ ୮୯ ରନର ଏକ ଇନିଂସ ସହିତ ଦିଲ୍ଲୀକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ । ଆର୍ଯ୍ୟବୀର ଏବଂ ପନ୍ତ ପ୍ରଥମ ଇନିଂସରେ ୧୪୭ ରନର ଭାଗୀଦାରି କରିଥିଲେ ।

ଦିଲ୍ଲୀ ପ୍ରଥମ ଇନିଂସରେ ୨୭୮ ରନ କରିଥିଲା, ଯାହା ପରେ ଦଳର ବୋଲରମାନେ ଚମତ୍କାର ପ୍ରଦର୍ଶନ କରି ବିହାରକୁ ୧୨୫ ରନରେ ଅଲଆଉଟ କରିଥିଲେ । ପ୍ରଥମ ଇନିଂସରେ ୧୫୩ ରନର ଲିଡ ନେବା ପରେ, ଦିଲ୍ଲୀ ବିହାର ବିପକ୍ଷରେ ଫଲୋଅନ ଲାଗୁ କରିଥିଲା । ଭାରତୀୟ ଘରୋଇ କ୍ରିକେଟରେ, ଯେତେବେଳେ କୌଣସି ଦଳ ପ୍ରଥମ ଇନିଂସରେ ୧୫୦ରୁ ଅଧିକ ରନର ଲିଡ୍ ପାଏ, ସେତେବେଳେ ଏହା ପ୍ରତିପକ୍ଷ ବିପକ୍ଷରେ ଫଲୋଅନ ଲାଗୁ କରିପାରିବ । ତଥାପି, ଅନ୍ତର୍ଜାତୀୟ କ୍ରିକେଟରେ, ୨୦୦ରୁ ଅଧିକ ରନର ଲିଡ୍ ପାଇଁ ଫଲୋଅନ ନିୟମ ପ୍ରଯୁଜ୍ୟ ।

ବିହାର ଦ୍ୱିତୀୟ ଇନିଂସରେ ୨୦୫ ରନ କରିଥିଲା, ଚତୁର୍ଥ ଇନିଂସରେ ଦିଲ୍ଲୀକୁ ମାତ୍ର ୫୩ ରନର ଟାର୍ଗେଟ ଦେଇଥିଲା । ଦିଲ୍ଲୀ କେବଳ ଦୁଇଟି ଉଇକେଟ ହରାଇ ଏହି ଟାର୍ଗେଟକୁ ସହଜରେ ହାସଲ କରିଥିଲା । ଆର୍ଯ୍ୟବୀର ଦ୍ୱିତୀୟ ଇନିଂସରେ ୨୭ ରନ କରି ଅପରାଜିତ ରହିଥିଲେ, ୪ଟି ଚୌକା ମାରିଥିଲେ । ସେହ୍ୱାଗ ଉଭୟ ଇନିଂସରେ ମୋଟ ୯୯ ରନ କରିଥିଲେ ।

# ରଣଜୀ ଟ୍ରଫି : ୦ ରନ ଦେଇ ୫ ୱିକେଟ ନେଲେ ଅମିତ ଶୁକ୍ଲା

**ନୂଆଦିଲ୍ଲୀ**

ଭାରତୀୟ ଘରୋଇ କ୍ରିକେଟ ସମୟ ସମୟରେ ଅସାଧାରଣ ସଫଳତାର ସାକ୍ଷୀ । ଏଥର ଏହି ସଫଳତା ହାସଲ କରିଥିବା କ୍ରିକେଟର ଥିଲେ ଅମିତ ଶୁକ୍ଲା, ଯିଏ ହରିୟାଣା ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ୍‌ର ଗୋଟିଏ ଇନିଂସରେ ଆଠଟି ଉଇକେଟ ନେଇଥିଲେ । ସର୍ଭିସେସ ପାଇଁ ଖେଳି ବାମହାତୀ ଅଫ-ସ୍ପିନ ବୋଲର ଅମିତ ଶୁକ୍ଲା ୨୦ ଓଭରରେ ମାତ୍ର ୨୭ ରନ ଦେଇ ୮ଟି ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିଥିଲେ ।

ଅମିତ ଶୁକ୍ଲାଙ୍କ ସଫଳତା ମଧ୍ୟ ସ୍ୱତନ୍ତ୍ର କାରଣ ସେ ତାଙ୍କର ପ୍ରଥମ ସ୍ପେଲ୍‌ରେ ୫ଟି ଉଇକେଟ ନେଇଥିଲେ । ୫ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିବା ପର୍ଯ୍ୟନ୍ତ ତାଙ୍କ ବୋଲିଂ ବିପକ୍ଷରେ କୌଣସି ରନ କରାଯାଇ ନ ଥିଲା । ଏହା ୨୨ ବର୍ଷୀୟ ଖେଳାଳିଙ୍କ କ୍ୟାରିୟରର ସର୍ବଶ୍ରେଷ୍ଠ ବୋଲିଂ ଚିତ୍ର ।



ଏହି ଏଲିଟ ଗ୍ରୁପ ସି ମ୍ୟାଚ୍‌ରେ, ଅମିତ ଶୁକ୍ଲା ୮ଟି ଉଇକେଟ ନେଇଥିଲେ, ସର୍ଭିସେସ୍‌କୁ ମାତ୍ର ୧୧ ରନ୍‌ରେ ହରିୟାଣାକୁ ଆଉଟ କରିବାରେ ସାହାଯ୍ୟ କରିଥିଲେ । ସର୍ଭିସେସ ପୂର୍ବରୁ ସେମାନଙ୍କର ପ୍ରଥମ ଇନିଂସ୍‌ରେ ୨୦୫ ରନ କରିଥିଲା । ଅମିତଙ୍କ ୮ଟି ଉଇକେଟ ଅକ୍ତିଆର ତାଙ୍କ ଦଳକୁ ପ୍ରଥମ ଇନିଂସ୍‌ରେ ହରିୟାଣା ଉପରେ ୯୪ ରନ୍‌ର ବିଶାଳ ଅଗ୍ରଣୀ ଦେଇଥିଲା । ପୂର୍ବରୁ, ପ୍ରଥମ ଶ୍ରେଣୀ ଇନିଂସରେ ଅମିତ ଶୁକ୍ଲାଙ୍କ ସର୍ବଶ୍ରେଷ୍ଠ ପ୍ରଦର୍ଶନ ନଭେମ୍ବର ୨୦୨୪ରେ ଆସିଥିଲା । ସେହି ସମୟରେ, ସେ ପୁଣେରେ ଖେଳାଯାଇଥିବା ଏକ ଇନିଂସରେ ୬୫ ରନ ଦେଇ ୭ ଉଇକେଟ ନେଇଥିଲେ ।

ଗତ ସପ୍ତାହରେ ଅମିତ ଶୁକ୍ଲା ଗୁଜରାଟ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ଦୃଢ଼ ପ୍ରଦର୍ଶନ କରିଥିଲେ । ସେ ସେହି ମ୍ୟାଚ୍‌ର ଉଭୟ ଇନିଂସରେ ଚାରିଟି ଉଇକେଟ ନେଇଥିଲେ । ଅମିତଙ୍କ ୮ ଉଇକେଟ ନେବା ସତ୍ତ୍ୱେ, ସର୍ଭିସେସ ୬ ଉଇକେଟ୍‌ରେ ଗୁଜରାଟଠାରୁ ପରାସ୍ତ ହୋଇଥିଲା । ଶୁକ୍ଲା ବର୍ତ୍ତମାନ ୨୦୨୫-୨୬ ରଣଜୀ ଟ୍ରଫି ସିଜିନ୍‌ରେ ସର୍ବାଧିକ ଉଇକେଟ ନେଇଥିବା ଖେଳାଳିଙ୍କ ତାଲିକାରେ ଷଷ୍ଠ ସ୍ଥାନରେ ଅଛନ୍ତି । ସେ ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ୨୩ ଉଇକେଟ ନେଇଛନ୍ତି ।

# ସର୍ବଭାରତୀୟ ବେସାମରିକ ଫୁଟବଲ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସାନ୍ତାକ୍ରୁଜ ଫୁଟବଲ ପଡ଼ିଆ, ଆଥଲେଟିକ ଷ୍ଟାଡିୟମ ଏବଂ କାମ୍ପାଲ ଫୁଟବଲ ପଡ଼ିଆ, ଗୋଆଠାରେ ହେବାକୁ ଥିବା ସର୍ବଭାରତୀୟ ବେସାମରିକ ଫୁଟବଲ ପ୍ରତିଯୋଗିତା ଆସନ୍ତା ତା ୦୮.୧୨.୨୦୨୫ ଠାରୁ ୧୫.୧୨.୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିପାଇଁ ଖେଳାଳି ଚୟନ ପ୍ରକ୍ରିୟ (ପୁରୁଷ) ଆସନ୍ତା ତା ୨୩.୧୧.୨୦୨୫ (ରବିବାର), ସକାଳ ୦୯ଟାରେ ୟୁନିଟ୍-୬, ଫୁଟବଲ ପଡ଼ିଆ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା କର୍ମଚାରୀମାନେ ଭାଗ ନେଇପାରିବେ । ଏହି ଖେଳରେ ଯେଉଁମାନେ ଭାଗ ନେବାକୁ ଚାହାନ୍ତି, ସେମାନେ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠା, ବିଭାଗ / ଅଫିସ ପରିଚୟ ପତ୍ର ସହ ଏକ ପାସପୋର୍ଟ ଫଟୋ ଏବଂ ନିଜର ବିଭାଗ / ଅଫିସରୁ 'ନୋ ଅବଜେକସନ ସାର୍ଟିଫିକେଟ' ସାଙ୍ଗରେ ଆଣି ଉକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପଞ୍ଜିକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ । ଅଧିକ ବିବରଣୀ ପାଇଁ ହର ପ୍ରସାଦ ବିଶ୍ୱାଳ (୯୪୩୭୨୨୮୬୮୭), ଦେବୀ ପ୍ରସାଦ ଦାଶଙ୍କ (୯୪୩୮୧୭୩୪୭୬), ଦେବରାଜ ନାୟକ (୯୧୭୮୩୨୧୯୦୧) ଏବଂ ଅକ୍ଷୟ କୁମାର ପରିଡ଼ା (୬୩୭୧୪୫୩୩୫୪)ଙ୍କୁ ଯୋଗାଯୋଗ କରିପାରିବେ ।

# ଜାତୀୟ ପ୍ରତିଯୋଗିତାରେ ଚମକିଲେ ଗୋଲାପୀ

**କାଳିଆପାଣି**

ହାଇଦ୍ରାବାଦର ଜିଏମ୍‌ସି ବାଲାଯୋଗୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ୨୫ତମ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ଯାଜପୁର ଜିଲ୍ଲା କାଳିଆପାଣି ଥାନା କାକୁଡ଼ିଆ ଗାଁର ଝିଅ ଗୋଲାପୀ ସିରକା ଓଡ଼ିଶା ରାଜ୍ୟର ପ୍ରତିନିଧିତ୍ୱ କରି ଗୋଟିଏ ସ୍ୱର୍ଣ୍ଣ ଓ ଆଉ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି । ସେ ମହିଳା ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ଓ ଏସ୍‌ବି-୪ ବ୍ରେଷ୍ଟ ଷ୍ଟ୍ରୋକ୍ ୫୦ ମିଟର ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି ।



# ବ୍ଲକ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ଖେଳ ପଡ଼ିଆରେ ଦୁଇଦିନ ଧରି ଆୟୋଜିତ ଅଷ୍ଟମ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ବ୍ଲକ୍ ଆଥଲେଟିକ୍ ଆସୋସିଏସନ୍, ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେଭଲପମେଣ୍ଟ ଓ ଶାଳଗାଁସ୍ଥିତ ଷ୍ଟାର କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ତଥା ଇମ୍ଫା ଶିଳ୍ପଗୋଷ୍ଠୀର ସହଯୋଗରେ ଅନୁଷ୍ଠିତ ଏହି କ୍ରୀଡ଼ା ମହୋତ୍ସବକୁ ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍‌ର ଉପ ସଭାପତି ଧର୍ମେଶ ଗୋଏଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଇମ୍ଫାର ବରିଷ୍ଠ ପ୍ରବନ୍ଧକ ସୁଜିତ୍ କୁମାର ମିଶ୍ର, ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ କୁମାର ବସନ୍ତିଆ, ପ୍ରାକ୍ତନ ଆଇଜି ତ୍ରୈଲୋକ୍ୟନାଥ ଖୁଣ୍ଟିଆ, ସ୍ଥାନୀୟ କାଉନସିଲର ବିନୋଦିନୀ ରାଉତରାୟ, ପ୍ରକ୍ତନ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜଳନ୍ଧର ଜାଲି, ସେଖ୍ ମହମ୍ମଦ ଜବ୍ବାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।



ଦୁଇଦିନ ଧରି ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ମୋଟ ୧୧୨ଟି ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ୯୧୫ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରି ମୋଟ ୮୬ଟି ବିଭାଗ ଖେଳରେ ଭାଗ ନେଇଥିଲେ । ଆଥଲେଟିକ୍ ମିଟ୍ ସଭାପତି ଦିଲ୍ଲୀପ କୁମାର ଛତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଚୌଦ୍ୱାର ଆଇଆଇସି ଦୀପକ ଖଣ୍ଡାୟତରାୟ, ଫୁଟବଲ ଆସୋସିଏସନ୍‌ର ଉପସଭାପତି ସହଦେବ ରାଉତ, ଚୌଦ୍ୱାର ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ ସାମଲ, ପୂର୍ବତନ କାଉନସିଲର ବିଷ୍ଣୁ ଚରଣ ପରିଡ଼ା, ପ୍ରଧାନ ଶିକ୍ଷକ ଜିତେନ୍ ରାଉତ, ଇତିଶ୍ରୀ ପଟ୍ଟନାୟକ, ରାଜକୁମାରୀ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ମିଟ୍ ସମ୍ପାଦକ ବିଜୟ କୁମାର ସାହୁ ବିବରଣୀ ପାଠ କରିଥିଲେ ଏବଂ ସୋସିଆଲ ଡେଭଲପମେଣ୍ଟ ସଭାପତି ଭାସ୍କର ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କ୍ରୀଡ଼ା ମୁଖ୍ୟ ସମ୍ପାଦକ ସୁରେଶ କୁମାର ରାଉତରାୟ ଓ ଡେଭେଲପମେଣ୍ଟ ସମ୍ପାଦକ ଅଶ୍ୱିନୀ କୁମାର ଜେନାଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାହ୍ନୁ ଚରଣ ଜେନା, ଭାସ୍କର ଚନ୍ଦ୍ର ମହାପାତ୍ର, ସୁଜିତ୍ ଦାସ, ଅମୂଲ୍ୟ ରାଉତରାୟ, ଭୀମସେନ ବିଶ୍ୱାଳ, ଦୀପକ ସେନାପତି, ତୁସାର କାନୁନଗୋ, ରାକେଶ ପଣ୍ଡା, ଶ୍ରୀକାନ୍ତ ପାକଳ, ପ୍ରଫୁଲ୍ଲ ସାମଲ, ଅନନ୍ତ ନାୟକ, ଭାଗ୍ୟଲକ୍ଷ୍ମୀ ବଳଙ୍କ ସମେତ ବହୁ କ୍ରିଡ଼ା ଶିକ୍ଷକ ଓ ଉଭୟ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ । ଟାଙ୍ଗୀ ପଦ୍ମିନୀ ହସ୍‌ପିଟାଲ ଓ ସମ୍ ହସ୍‌ପିଟାଲ ତରଫରୁ ଆଶୁ ଚିକିତ୍ସା ଓ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆ ଯାଇଥିବାବେଳେ ଉଦୟନାଥ ଚେରିଟେବୁଲଟ୍ରଷ୍ଟ ତରଫରୁ ଜଳସେବା ଓ ଆଶୁ ଚିକିତ୍ସା ସେବା ଯୋଗାଇ ଦିଆ ଯାଇଥିଲା ।

# ଧଣ୍ଡାମୁଣ୍ଡା ଫୁଟବଲ୍ କପ୍ ଉଦ୍‌ଘାଟିତ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡା ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ଠାରେ ଧଣ୍ଡାମୁଣ୍ଡା ଫୁଟବଲ୍ କପ୍ ଟୁର୍ଣ୍ଣାମେଣ୍ଟ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ସରପଞ୍ଚ ବୈଦ୍ୟନାଥ ମିଶ୍ର, ସମ୍ମାନିତ ଅତିଥି ରୂପେ ପଞ୍ଚାନନ ସାହୁ, ନାରାୟଣ ସାହୁ, ପ୍ରମୋଦ ସାହୁ, ଅମୂଲ୍ୟ ଭୋଇ, ଅଜୟ ଭୋଇ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ମ୍ୟାଚ୍ ପ୍ରଥମ ଦିନ ବଲାଙ୍ଗୀର ଓ ମଧ୍ୟପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରୋମାଞ୍ଚକର ମ୍ୟାଚ୍‌ରେ ଉଭୟ ଦଳ କିଏ କାହାକୁ ଗୋଲ ଦେବାରେ ବିଫଳ ହେବାରୁ ଟ୍ରାଇବେକର ଜରିଆରେ ମଧ୍ୟପୁର ଦଳ ବିଜୟୀ ହେଇଥିଲା । ଦୋଳଗୋବିନ୍ଦ ମୁଣ୍ଡା ଖେଳ ପରିଚାଳନା କରିଥିଲାବେଳେ ଶମ୍ଭୁଦତ୍ତ ମିଶ୍ର, ଦିପକ ରାଜ ହଂସ, ନାଗଜାନି ସହଯୋଗ କରିଥିଲେ । ଶୋଭନ ମୟ ମିଶ୍ର, ଅଭିନାସ ରାଉତ, ପ୍ରଭାତ ମାଝିପ୍ରମୁଖ ଧଣ୍ଡାମୁଣ୍ଡା ଫୁଟବଲ୍ କ୍ଲବ୍ ସଦସ୍ୟ ସହଯୋଗ କରିଥିଲେ ।

# ମା' ଶାରଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଫାଇନାଲରେ ଆଳିପିଙ୍ଗଳ ଟିମ୍

**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ସ୍ଥିତ ଲକ ନିକଟ ମହାନଦୀ ପଠା ପାଳନ୍ଦା ଖେଳ ପଡ଼ିଆରେ ମା' ଶାରଳା କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି । ଏହି ସେମିଫାଇନାଲ ମ୍ୟାଚ୍ ପାରାଦ୍ୱୀପ ଗଡ଼ ଓ ଆଳିପିଙ୍ଗଳ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଫର୍ମାଟ ଅନୁଯାୟୀ ଯେଉଁ ଟିମ୍ ୨ଟି ମ୍ୟାଚ୍ ବିଜୟଲାଭ କରିବ ସେହି ଦଳ ଫାଇନାଲକୁ ଉତ୍ତୀର୍ଣ୍ଣ ହେବାପାଇଁ ନିଷ୍ପତ୍ତି ନିଆଯାଇଥିଲା । ପାରାଦ୍ୱୀପ ଗଡ଼ କ୍ରିକେଟ ଟିମ୍ ଠାରୁ ଆଳିପିଙ୍ଗଳ କ୍ରିକେଟ ଟିମ୍ ପ୍ରଥମ ମ୍ୟାଚ୍ ୧୧୦ ରନ ଦ୍ୱିତୀୟ ମ୍ୟାଚ୍‌ରେ ୭ ଓଭର ଖେଳି ଦୁଇ ଥର ବିଜୟ ଲାଭ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା । ଏହି ମ୍ୟାଚ୍‌କୁ ଏସ୍‌କେ ଆସିଫ ଅଲ୍ଲୀଙ୍କ ଦ୍ୱାରା ସିଧା ପ୍ରସାରଣ କରାଯାଇ ଦର୍ଶକମାନଙ୍କୁ ଆକୃଷ୍ଟ କରାଯାଇ ଥିଲା । ମ୍ୟାନ ଅଫ ଦି ମ୍ୟାଚ୍ ହୀରାଲାଲ ମେଣ୍ଡିସ୍ ବିବେଚିତ ହୋଇଥିଲା । ଆମ୍ପାୟାର ଭାବେ ରଶ୍ମି ରଞ୍ଜନ ମିଶ୍ର, ବିକ୍ରମ ରାୟ, କାର୍ତ୍ତିକ ଲେଙ୍କା ଖେଳ ପରିଚାଳନା କରିଥିଲେ । ଦ୍ୱିତୀୟ ସେମିଫାଇନାଲ ଅନ୍ଧାରୀ ଓ ଜଗତସିଂହପୁର କ୍ରିକେଟ ଟିମ୍ ସହିତ ଅନୁଷ୍ଠିତ ହେବ । ମା' ଶାରଳା କ୍ରିକେଟ ଆସୋସିଏସନର ଦେବୀ ପ୍ରସାଦ ରାୟ, ବିପ୍ଳବ ରାୟ, ଅନିଲ ଭୋଳ, ବିବେକ ମହାନ୍ତି, କୁମାର ମହାପାତ୍ର, ସନ୍ତୋଷ କୁମାର ନାଥ, ଶିବୁ ମହାପାତ୍ର, ଅଜୟ ରାଉତ, ବଦ୍ରି ନାରାୟଣ ଦାସ, ଲିଟା ରାୟଙ୍କ ସମେତ ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ ।



# ପିଚ୍‌କୁ ନେଇ ଗିଲ୍-ଗମ୍ଭୀର ମତଭେଦ !

**କୋଲକାତା**

ଇଡେନ୍ ଗାର୍ଡେନ୍ସ ଟେଷ୍ଟରେ ବିଶ୍ୱ ବିଜେତା ଦକ୍ଷିଣ ଆଫ୍ରିକା ଦେଇଥିବା ୧୨୪ ରନ୍ ଲକ୍ଷ୍ୟକୁ ପିଛା କରି ଭାରତ ୩୦ ରନ୍‌ର ଅପ୍ରତ୍ୟାଶିତ ପରାଜୟ ପରେ ଏବେ ପିଚ୍ ବିବାଦ ପୁଣି ମୁଣ୍ଡ ଟେକିଛି । ଭାରତ ନିଜ ପସନ୍ଦରେ ପିଚ୍ ପ୍ରସ୍ତୁତ କରିଥିବା ବେଳେ ଅଧିନାୟକ ଶୁବମନ ଗିଲ୍ ଓ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ମଧ୍ୟରେ ମତଭେଦ ଥିବା ସନ୍ଦେହ ଘନୀଭୂତ ହୋଇଛି । ବିଶେଷ କରି ଇଡେନ୍‌ରେ ଭାରତ ଘରୋଇ ମାଟିରେ ସର୍ବନିମ୍ନ ପଶ୍ଚାତ୍‌ଧାବନ ବିଫଳତା ପାଇବା ପରେ ବିତର୍କ ଉଗ୍ରରୂପ ନେଇଛି । ଗତ ମାସରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳା ପୂର୍ବରୁ ଅହମଦାବାଦରେ ଅଧିନାୟକ ଗିଲ୍ କହିଥିଲେ ଭାରତ ଏବେ 'ର୍‍ୟାଙ୍କ୍ ଟର୍ଣ୍ଣର' ପ୍ରସ୍ତୁତିଠାରୁ ଦୂରେଇ ଗଲାଣି । ଆମେ ଏଭଳି ୱିକେଟ୍‌ରେ ଖେଳିବାକୁ ପସନ୍ଦ କରୁଛୁ ଯେଉଁଠି ବ୍ୟାଟର ଓ ବୋଲରଙ୍କୁ ସନ୍ତୁଳନ ଫାଇଦା ରହିଥିବ । ଇଡେନ୍ ଗାର୍ଡେନ୍ସ ପରାଜୟ ପରେ କିନ୍ତୁ ଗୌତମ ଗମ୍ଭୀରଙ୍କ ପ୍ରତିକ୍ରିୟା ଭିନ୍ନ ରହିଥିଲା । 'ଆମେ ଏଭଳି ୱିକେଟ୍‌ରେ ଖେଳିବାକୁ ଯୋଜନା କରିଥିଲୁ । ଇଡେନ୍ ୱିକେଟ୍‌ରେ କିଛି ତ୍ରୁଟି ନଥିଲା । ଆମେ ଏହି ଟେଷ୍ଟ୍ ଜିତିଥିଲେ ହୁଏତଃ ଆପଣ ଏଭଳି ବିତର୍କ କରି ନଥାନ୍ତେ' ବୋଲି ଗମ୍ଭୀର ପ୍ରକାଶ କରିଛନ୍ତି । ଇଡେନ୍ ୱିକେଟ୍‌କୁ ସପ୍ତାହରୁ ଊର୍ଦ୍ଧ୍ୱ ହେବ ପାଣି ଦିଆଯାଇ ନଥିଲା । ପ୍ରତି ସଂଧ୍ୟାରେ ଘୋଡ଼ାଇ ରଖାଯାଉଥିଲା । ଫଳତଃ ଶୁଷ୍କ ପିଚ୍ କାରଣରୁ ପ୍ରଥମ ଅଧିବେଶନରୁ ହିଁ ଏହା ଖରାପ ହୋଇଚାଲିଥିଲା । ୮ ଅଧିବେଶନରେ ମ୍ୟାଚ୍ ଶେଷ ହୋଇଯାଇଥିଲା । ୩୮ ୱିକେଟ୍ ପତନ ଘଟିଥିବା ବେଳେ ସ୍ପିନର ୨୨ ଓ ପେସର ୧୬ ନେଇଥିଲେ ।

# କାର୍ଯ୍ୟକ୍ଷେତ୍ରର ଚତୁଃପାର୍ଶ୍ୱରେ ବିକାଶ କାର୍ଯ୍ୟ ଜାରି ରଖିଛି ଟାଟା ଷ୍ଟିଲ୍

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ବିଗତ ଏକ ଦଶନ୍ଧି ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗର ଏକ ଶିଳ୍ପ ଶକ୍ତି ଭାବରେ ପରିଣତ ହୋଇ ଏହାର କାର୍ଯ୍ୟକ୍ଷେତ୍ରର ଚାରିପାଖରେ ସର୍ବାଙ୍ଗୀନ ଉନ୍ନତି ତଥା ଦୀର୍ଘସ୍ଥାୟୀ ବିକାଶ ପାଇଁ ନିଜର ଯୋଗଦାନ ଜାରି ରଖିଛି । ୨୦୧୫ରୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଦେଶର ଏକ ପ୍ରମୁଖ ପ୍ଲାଣ୍ଟ ଭାବରେ ଉତ୍ପାଦନ ଆରମ୍ଭ କରିଥିବା ଟିଏସକେ 'ଏକ ରାଷ୍ଟ୍ର ଗଠନ ଏବଂ ସ୍ଥାନୀୟ ଲୋକମାନଙ୍କୁ ସୁଦୃଢ଼ କରିବାର'ର ଆଦର୍ଶ ଦ୍ୱାରା ପରିଚାଳିତ । ଏହାର ସହଯୋଗୀ ସଂସ୍ଥା ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ମାଧ୍ୟମରେ କମ୍ପାନୀ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ଦକ୍ଷତା ବିକାଶ ଏବଂ ମହିଳା ସଶକ୍ତିକରଣ ଦ୍ୱାରା ଗତ ୧୦ ବର୍ଷରେ ମଧ୍ୟରେ କଳିଙ୍ଗନଗରର ମୋଟ ୧୪,୨୭,୧୬୪ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିପାରିଛି । ଅର୍ଥିକବର୍ଷ ୨୦୨୫ ହିଁ କେବଳ ଟିଏସ୍‌ଏଫ୍ ୨.୭୯ ଲକ୍ଷ ବ୍ୟକ୍ତି-ବିଶେଷଙ୍କୁ ସକରାତ୍ମକ ଭାବରେ ପ୍ରଭାବିତ କରିପାରିଛି ଏବଂ ଦୀର୍ଘସ୍ଥାୟୀ ତଥା ଆତ୍ମନିର୍ଭରଶୀଳ ସମାଜ ଗଠନ ପାଇଁ ନିଜର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିଛି ।




ଏହି ରୂପାନ୍ତରଣ ମୂଳରେ ମହିଳାମାନେ ପରିବର୍ତ୍ତନର ପ୍ରକୃତ ଏଜେଣ୍ଟ ଭାବରେ ନିଜକୁ ପରିପ୍ରକାଶ କରୁଛନ୍ତି । ଟିଏସ୍‌ଏଫ୍‌ର ଦିଶା କାର୍ଯ୍ୟକ୍ରମ ମାଧ୍ୟମରେ, ୩୪୫ ଜଣ ନେତୃତ୍ୱ ପ୍ରଶିକ୍ଷଣ ପାଇଛନ୍ତି ଏବଂ ୧,୫୨୨ ଜଣ ଡିଜିଟାଲ୍ ସାକ୍ଷରତା ହାସଲ କରିଛନ୍ତି । ଅନେକେ ପ୍ରଥମ ଥର ପାଇଁ ସ୍ୱାଧୀନ ଭାବରେ ନିଜ ଖର୍ଚ୍ଚ ନିର୍ବାହ କରୁଛନ୍ତି । କ୍ଷୁଦ୍ର ଉଦ୍ୟୋଗ ଏବଂ ସ୍ଥାନୀୟ ଅଞ୍ଚଳର ବିକାଶ କ୍ଷେତ୍ରରେ ସେମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି । ୧,୩୦୦ରୁ ଅଧିକ ମହିଳା ଗ୍ରାମସଭାରେ ଯୋଗ ଦେଇଛନ୍ତି ଏବଂ ଅନେକେ ଦିଦି କାଫେ, ଷ୍ଟେସନାରୀ ଦୋକାନ, ଏବଂ ୟୁଟିଲିଟି ଷ୍ଟୋର ଚଳାଉଛନ୍ତି, ଆତ୍ମବିଶ୍ୱାସ, ସ୍ୱାଧୀନତା ଏବଂ ସାମାଜିକ ପ୍ରଗତିକୁ ପ୍ରୋତ୍ସାହନ କରୁଛନ୍ତି । ସାମୂହିକ ସଶକ୍ତିକରଣର ଏକ ଉଜ୍ଜ୍ୱଳ ଉଦାହରଣ ହେଉଛି ନବଜୀବନ, ଏହାଏକ ମହିଳା ସମବାୟ ସମିତି ଯାହାକି ୨୦୧୨ରେ ପ୍ରତିଷ୍ଠିତ ହୋଇଥିଲା । ପାରମ୍ପାରିକ ହସ୍ତଶିଳ୍ପ ଏବଂ ସଉରା କଳା ମାଧ୍ୟମରେ ଏହାର ସଦସ୍ୟମାନେ ବାର୍ଷିକ ପ୍ରାୟ ୪୦-୬୦ ଲକ୍ଷ ଟଙ୍କା ଆୟ କରୁଛନ୍ତି । ଏହାର ସଦସ୍ୟା କୌଶଲ୍ୟା ପାତ୍ର ଓ ସୁମିତ୍ରା ଜାମୁଡ଼ା ରାଜ୍ୟ ଶିଳ୍ପ ପୁରସ୍କାର ପାଇଁ ମନୋନୀତ ହୋଇଥିବାବେଳେ 'ଟାଇଟାନ' ସହ ମିଳିତ ଉଦ୍ୟମ ଓ 'କଳା ଘୋଡ଼ା ଆର୍ଟ୍ସ ଫେଷ୍ଟିଭାଲ'ରେ ଯୋଗଦାନ କରି ଓଡ଼ିଶାର ଶିଳ୍ପକଳାକୁ ଜାତୀୟ ସ୍ତରରେ ପରିଚୟ ଦେଇଛନ୍ତି । ଓଡ଼ିଶା ସରକାରଙ୍କ ସହଭାଗିତାରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଡିସେମ୍ବର ୨୦୨୪ରେ ଜାତୀୟ ଦକ୍ଷତା ମିଶନ୍ ଅଧୀନରେ ଦାନଗଦୀରେ ଏକ ମଲ୍ଟି ସ୍କିଲ୍ ସେଣ୍ଟର ସ୍ଥାପନ କରିଥିଲା । ପୋଷଣ ପ୍ରକଳ୍ପ ମାଧ୍ୟମରେ ଟିଏସଏଫ କଳିଙ୍ଗନଗର ଏବଂ ଏହାର ଆଖପାଖ ଅଞ୍ଚଳର ୩୯ଟି ଗ୍ରାମପଞ୍ଚାୟତରେ କୁପୋଷଣ ସ୍ଥିତିରେ ଅଧିକ ସୁଧାର ଆଣିବା ପାଇଁ ସରକାରକୁ ସହଯୋଗ କରିଆସୁଛି । ଜଳ ସଂରକ୍ଷଣ ପଦକ୍ଷେପ ମାଧ୍ୟମରେ, ଆର୍ଥିକବର୍ଷ ୨୦୨୫ରେ ୬୮୯ ଏକରରୁ ଅଧିକ ଶୁଷ୍କ ଜମିକୁ ଉର୍ବର ଚାଷ ଜମିରେ ପରିଣତ କରାଯାଇ ୧୦.୩୬ ନିୟୁତ ଘନଫୁଟ ଜଳ ସଂରକ୍ଷଣ ସ୍ଥାନ ସୃଷ୍ଟି ହୋଇଛି । ବିଗତ ଦୁଇ ବର୍ଷ ମଧ୍ୟରେ, ବିଭିନ୍ନ ଉଦ୍ୟମ ମାଧ୍ୟମରେ ୩୦୦ ନିୟୁତ ଘନଫୁଟରୁ ଅଧିକ ଜଳ ସଂରକ୍ଷଣ କ୍ଷମତା ଯୋଡ଼ା ଯାଇଛି, ଯାହା ପରିବେଶ ଉପଯୋଗୀ କୃଷି କ୍ଷେତ୍ରରେ ଅଗ୍ରସର କରୁଛି ।

[GOVERNMENT OF ODISHA] B-699
OFFICE OF THE SUPERINTENDING ENGINEER,
BARGARH (R&B) DIVISION, BARGARH
E-mail - eepwdbgh@gmall.com Phone/Fax-06646-234819
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO.IFB-SE PWD BGH No.17 OF 2025-26
No.5853, Dated. 12.11.2025

1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in Double Cover System **in ONLINE MODE** for the **Road works** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No of Road work :- **02 Nos.**
3) Cost of Tender Paper :- **Rs.10,000/-**
4) Class of contractor :- **"B" Class Contractor**
5) Date & Time of available in web site & receipt of Bids :- **11:00 Hrs. of 20.11.2025 to 17:00Hrs. of 26.11.2025.**
6) Date of opening of Technical Bid :- **27.11.2025 at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website ***https://tendersodisha.gov.in***
8) Any corrigendum / Addendum will be displayed in the website **https: //tendersodisha.gov.in** only

Sd/- Superintending Engineer,
Bargarh (R&B) Division

GOVERNMENT OF ODISHA O-1511
OFFICE OF THE SUPERINTENDING ENGINEER,
RURAL WORKS DIVISION, SAMBALPUR
1st Corrigendum to Tender online-SBPR-09 of 2025-26
The following changes have been made in respect of the Bid Identification No. Tender Online SBPR-09 of 2025-26 due to unavoidable reasons.
1. Date and time have been changed as given below
DATE & TIME

| Sl. No. | Description | Schedule | Re-Schedule |
|---|---|---|---|
| 1. | Last date of availability of bid documents in the portal for bidding. | 10.11.25 11AM to 24.11.2025 up to 5.00PM | 10.11.25 11AM to 02.12.2025 up to 5.00PM |
| 2. | Date & time of opening of bid | At 11.00 AM of 25.11.2025 | At 11.00 AM of 03.12.2025 |

All other terms and conditions of remain unchanged.

Sd/- Superintending Engineer
Rural Works Division, Sambalpur





# ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡିଶା ପାଭିଲିୟନର ବ୍ୟାପକ ବ୍ୟବସାୟିକ ସଫଳତା

**ନୂଆଦିଲ୍ଲୀ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଚଳିତ ନଭେମ୍ବର ୧୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ପରିସରରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଖୋଲାଯାଇଥିବା ଓଡିଶା ପାଭିଲିୟନ ଦେଶ ବିଦେଶର ବୃହତ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିବାରେ ସଫଳ ହୋଇଛି ।

ଚଳିତ ବର୍ଷର ବିଷୟବସ୍ତୁ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ସାର୍ଥକତାକୁ ପ୍ରତିପାଦନ କରିବାକୁ ଯାଇ, ସ୍ୱଦେଶୀ ଜ୍ଞାନକୌଶଳରେ ଉତ୍ପାଦିତ ଓଡିଶାର କୃଷିଜାତ ସାମଗ୍ରୀ ଠାରୁ ଆରମ୍ଭ କରି ବୟନ ଓ ହସ୍ତଶିଳ୍ପ ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ, ଦେଶ ବିଦେଶର ବଡ଼ବଡ଼ ବ୍ୟବସାୟୀ ସମେତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ଗୁଡ଼ିକର ଦୃଷ୍ଟି ଆକର୍ଷଣ କରୁଛି ।ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଏବଂ 'ଆତ୍ମନିର୍ଭର ଭାରତ' ଆହ୍ୱାନ ଏବଂ ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ 'ଓଡିଶା ଭିଜନ ୨୦୩୬' ପାଇଁ ଶିଳ୍ପାୟନ ଓ ପୁଞ୍ଜି ବିନିଯୋଗ ମାର୍ଗଦର୍ଶନର ପ୍ରତିଫଳନ ସ୍ୱରୂପ, ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ପ୍ରଥମ ପାଞ୍ଚ ଦିନ ଅର୍ଥାତ ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ ବ୍ୟବସାୟିକ ଅବଧିରେ ଓଡିଶା ପାଭିଲିୟନ ଏହି ସଫଳତା ହାସଲ କରିଛି ।

ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଏହି ବ୍ୟବସାୟିକ ଅବଧିରେ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ତରଫରୁ ଓଡିଶା ପାଭିଲିୟନରେ ଅଂଶଗ୍ରହଣ କରିଥିବା ବରଗଡ଼ର ଗୌମୟ ପେଂଟସ ଇତିମଧ୍ୟରେ ତ୍ରିପୁରାର ଶିଳ୍ପ ବିଭାଗ, ରୋହତକ ହରିୟାନାର ଅରିହନ୍ତ ପେଂଟସ, ନୂଆଦିଲ୍ଲୀର ଏ.ଏଲ୍.ଏମ୍. ଏଂଟରପ୍ରାଇଜେସ ଓ ଆର.କେ.ଜି.ଡି. ଏଣ୍ଟରପ୍ରାଇଜେସ ସହିତ ବାର୍ତ୍ତାଳାପ କରିଥିବା ବେଳେ, ନୂଆଦିଲ୍ଲୀର ହରମିତ ସିଂହଙ୍କ ସହିତ ଓଡିଶା ରାଜ୍ୟ ତାଳଗୁଡ ସମବାୟ ସଂଘ ଲିମିଟେଡ ସହିତ ବ୍ୟବସାୟିକ ଆଲୋଚନା କରିଛନ୍ତି । ସେହିପରି, ବ୍ରହ୍ମପୁରର ଇଲେଟ କ୍ରାଫ୍ଟସ ଭାରତୀୟ ବିମାନ ବନ୍ଦର କର୍ତୃପକ୍ଷ, ପାୱାର ଗ୍ରୀଡ଼ କର୍ପୋରେସନ, ନୂଆଦିଲ୍ଲୀର ଅଶୋକା ହୋଟେଲ ଓ ନଟ୍ ସେକ୍ ସହିତ ବାର୍ତାଳାପ କରିଛନ୍ତି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଅଂଶଗ୍ରହଣ କରିଥିବା ମୟୂରଭଞ୍ଜ ଜିଲ୍ଲାର ଯଶିପୁର କୃଷି ଉତ୍ପାଦକ ସଂଘର ଷ୍ଟଲ କେରଳ ରାଜ୍ୟ ସହିତ ଏବଂ ଓରମାସ ତରଫରୁ ତୁମ୍ବା ହସ୍ତଶିଳ୍ପକୁ ନେଇ ମେଳାରେ ଅଂଶଗ୍ରହଣ କରିଥିବା ରାୟଗଡ଼ାର ପ୍ରେରଣା ସ୍ୱୟଂ ସହାୟକ ଗୋଷ୍ଠୀ ନୂଆଦିଲ୍ଲୀର ରୁଦ୍ରଶୀଳ ପ୍ରୋଡ଼କ୍ଟ ସହିତ ବାର୍ତାଳାପ କରିଛନ୍ତି ।

ଏତଦବ୍ୟତୀତ, ଧାନ କଳାକୃତି, ସଉରା ଓ ଗଣ୍ଡ ଜନଜାତି ଚିତ୍ରକଳା, କୋରାପୁଟ କଫି ଓ ଜନଜାତି ସମୁଦାୟଙ୍କ ଦ୍ୱାରା ସଂଗୃହିତ, ଉତ୍ପାଦିତ ଓ ପ୍ରକ୍ରିୟାକୃତ ସାମଗ୍ରୀକୁ ନେଇ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ବିଭାଗ ତରଫରୁ ଅଂଶଗ୍ରହଣ କରିଥିବା ଷ୍ଟଲ ସମେତ ଓରମାସ ଓ ମିଶନ ଶକ୍ତି ଆନୁକୂଲ୍ୟରେ ଅଂଶଗ୍ରହଣ କରିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ବିଭିନ୍ନ ସୁଦୃଶ୍ୟ ସାମଗ୍ରୀ ମଧ ବାଣିଜ୍ୟ ମେଳାରେ ଅଂଶଗ୍ରହଣ କରିଥିବା ରାଜ୍ୟ ଓ ଦେଶସମୂହର ବ୍ୟବସାୟୀମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି । ବିଭିନ୍ନ ରାଜ୍ୟ ଓ ମନ୍ତ୍ରାଳୟର ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କ କର୍ମକର୍ତ୍ତାଙ୍କ ସହିତ ଓଡ଼ିଶା ପାଭିଲିୟନକୁ ଆସି ସାମଗ୍ରୀ ଗୁଡିକର ଉତ୍ପାଦନ, ଯୋଗାଣ ଓ ବିତରଣ ସମ୍ପର୍କରେ ଷ୍ଟଲ୍ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି । ପାଭିଲିୟନର ସାମଗ୍ରୀକ ଦାୟିତ୍ୱରେ ଥିବା ଅଧିକାରୀମାନେ ଉଭୟ ଗୋଷ୍ଠୀଙ୍କୁ ସନ୍ତୁଷ୍ଟିଜନକ ଉଚ୍ଚମାନର ସହଯୋଗ ପ୍ରଦାନ କରିବା ଦ୍ୱାରା ଓଡ଼ିଶାରେ ଉତ୍ପାଦିତ ସାମଗ୍ରୀ ପ୍ରତି ସେମାନଙ୍କ ଆଭିମୁଖ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିବାକୁ ମିଳୁଛି ।

# ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ୪ ଟ୍ରେନ୍ ବାତିଲ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ରୋଡ ମଣ୍ଡଳ ଅନ୍ତର୍ଗତ ତାଳଚେର-ତାଳଚେର ରୋଡ ସେକ୍ସନରେ ଟେନପାଲ ଲେଭଲ୍ କ୍ରସିଂ ଗେଟ୍ ରେ ନିର୍ମାଣଓଧିନ ରେଳ ଓଭର ବ୍ରିଜ୍ ପାଇଁ ଗାର୍ଡର ଲଂଚ ସମୟରେ ସୁରକ୍ଷାକୁ ଦୃଷ୍ଟିର ରଖି ନଭେମ୍ବର ୧୯ ଓ ୨୦ ତାରିଖରେ ୪ଟି ଟ୍ରେନ୍ ବାତିଲ କରିବାକୁ ନିଷ୍ପତି ହୋଇଛି। ୧୯.୧୧.୨୦୨୫ (ବୁଧବାର) ରେ ଟ୍ରେନ୍ ସଂଖ୍ୟା ୧୮୧୨୫, ରାଉରକେଲା-ପୁରୀ ଏକ୍ସପ୍ରେସ ବାତିଲ ରହିବ। ସେହିପରି ୨୦.୧୧.୨୦୨୫ (ଗୁରୁବାର) ରେ ବାତିଲ ହେଉଥିବା ଟ୍ରେନ ଗୁଡିକ ହେଲା ଟ୍ରେନ୍ ସଂଖ୍ୟା ୧୮୧୨୬, ପୁରୀ-ରାଉରକେଲା ଏକ୍ସପ୍ରେସ , ଟ୍ରେନ୍ ସଂଖ୍ୟା ୨୨୮୩୯, ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏବଂ ଟ୍ରେନ୍ ସଂଖ୍ୟା ୨୨୮୪୦, ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି।

# ସ୍ୱୟଂ ସହାୟିକା ଗୋଷ୍ଠୀ ମା' ମାନଙ୍କୁ ୧୧୭ କୋଟି ଟଙ୍କା ସୁଧ ଫେରସ୍ତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହିଳା ସଶକ୍ତିକରଣ ହେଉଛି ବିକଶିତ ଓଡିଶା ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ମା ମାନଙ୍କର ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ଼ କରିବା କ୍ଷେତ୍ରରେ ରାଜ୍ୟ ସରକାରଙ୍କର ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ ବ୍ୟବସ୍ଥା ସହାୟକ ହୋଇଛି । ଏହା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଭିତିକୁ ସୁଦୃଢ଼ କରିବା ସହିତ ଅଧିକ ବଜାର ସୁଯୋଗ ସୃଷ୍ଟି କରି ମହିଳା ଉଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହିତ କରୁଛି । ମଙ୍ଗଳବାର ମିଶନ ଶକ୍ତି ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମ "ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ସୁଧ ଫେରସ୍ତ"ରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗ ଦେଇଥିଲେ। ସରକାର ମହିଳା ମାନଙ୍କ ପାଇଁ ଜୀବିକାମୂଳକ ଅର୍ଥନୈତିକ ମଡେଲ୍ ମାଧ୍ୟମରେ ସଶକ୍ତ କରିବା ପାଇଁ ସଦା ପ୍ରତିବଦ୍ଧ ବୋଲି ସେ କହିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଜୀବନ ଜୀବିକାର ବିକାଶ ତଥା ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବ୍ୟାଙ୍କ ଋଣ ବ୍ୟବସ୍ଥା । ଗୋଷ୍ଠୀ ମାନଙ୍କ ଉପରେ ସୁଧ ପରିଶୋଧର ଭାର ହ୍ରାସ କରିବା ପାଇଁ ଓଡିଶା ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ନେଉଥିବା ବ୍ୟାଙ୍କଋଣ ରାଶିକୁ ବୃଦ୍ଧି କରିବା ସହ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣରେ ବାର୍ଷିକ ସୁଧ ହାରକୁ ଶୂନ୍ୟ ପ୍ରତିଶତକୁ ଆଣିଛନ୍ତି । ଏହି ସୁଧ ଫେରସ୍ତ ରାଶି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ଯାଇଥାଏ ।

ଆଜିର କାର୍ଯ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ୨ ଲକ୍ଷ ୨୪ ହଜାର ୮୮୪ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମୋଟ ୧୧୭ କୋଟି ୧୨ ଲକ୍ଷ ୫ ହଜାର ୧୬୪ ଟଙ୍କାର ସୁଧ ରାଶି ଫେରସ୍ତ କରିଥିଲେ। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗ ଗୁଡ଼ିକୁ ଆର୍ଥିକ ଭାବେ ସଶକ୍ତ କରିବା ସହିତ ରାଜ୍ୟର ବିକାଶ ଏବଂ ଆର୍ଥିକ ପ୍ରଗତି ପ୍ରତି ସରକାରଙ୍କ ସଂକଳ୍ପକୁ ପୁଣିଥରେ ସ୍ପଷ୍ଟ କରିଛି।

ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶକା ଡଃ ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀ ଜ୍ୟୋତି ଶଙ୍କର ମହାପାତ୍ର ଓ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀମାନେ ଏବଂ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ମିଶନ ଶକ୍ତି ବିଭାଗର ଏହି ପଦକ୍ଷେପ ମହିଳା ଉଦ୍ୟୋଗୀ ମାନଙ୍କ ଦକ୍ଷତା ବୃଦ୍ଧି, ବିକାଶ ଓ ମହିଳା ସଶକ୍ତିକରଣ ପ୍ରତି ଅଟଳ ପ୍ରତିବଦ୍ଧତାକୁ ପ୍ରକାଶ କରୁଛି, ଯାହା ଓଡ଼ିଶାର ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣର ଯାତ୍ରାକୁ ଆହୁରି ଉଜ୍ଜ୍ୱଳ କରିବ ।

# ଭୁବନେଶ୍ୱରରେ ଏକତା ପଦଯାତ୍ରାରେ ସାମିଲ ହେଲେ ସବୁବର୍ଗର ଜନସାଧାରଣ ଓ ଛାତ୍ରଛାତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି । ଏହି ପଦଯାତ୍ରା ମହାପ୍ରଭୁ ଲିଙ୍ଗରାଜଙ୍କ ପୀଠରୁ ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସବୁବର୍ଗର ଜନସାଧାରଣ ସାମିଲ ହୋଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି ଏକତା ପଦଯାତ୍ରରେ ସାମିଲ ହୋଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନ ଓ ତ୍ୟାଗର ସ୍ମୃତିଚାରଣ କରିଥିଲେ। ଲୌହମାନବଙ୍କ ବଳିଷ୍ଠ ନେତୃତ୍ୱରେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଏକତା ଓ ସଂହତି ପ୍ରତିଷ୍ଠିତ ହୋଇପାରିଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ । ସେହିଭଳି କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଭାରତର ସାର୍ବଭୌମ୍ୟ ଓ ଏକତା ଅକ୍ଷୁଣ୍ଣ ରଖିବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାକୁ ସର୍ଦ୍ଦାର ପଟେଲଙ୍କ ଆଦର୍ଶ ଅନୁସରଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ଏବଂ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ମଧ ଅନୁରୂପ ଭାବରେ ଭାରତରତ୍ନ ସର୍ଦ୍ଦାର ପଟେଲଙ୍କର ତ୍ୟାଗ ଓ ଅବଦାନ ସଂପର୍କରେ ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରୁଦ୍ରନାରାୟଣ ମହାନ୍ତି, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରିଆ, ଭୁବନେଶ୍ୱର ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ଓଡ଼ିଶା ଅଲମ୍ପିକ ଆସୋସିଏସନ୍‌ର ସଭାପତି ସମୀର ମହାନ୍ତି, ସମାଜସେବୀ ଜଗନ୍ନାଥ ପ୍ରଧାନ, ମନମୋହନ ସାମଲ, ଭୁବନେଶ୍ୱର ବିଡ଼ିଓ ଦବୀ ପ୍ରସାଦ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା କ୍ରୀଡାଧିକାରୀ ଗୀତାଞ୍ଜଳି ପଣ୍ଡା, ସମସ୍ତ କର୍ପୋରେଟର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ପଂଚାୟତ ସ୍ତରୀୟ ଜନ ପ୍ରତିନିଧି, ବୁଦ୍ଧିଜୀବୀ ପ୍ରମୁଖ ସାମିଲ ଥିଲେ ।

# ଶ୍ରୀଜୟଦେବ ଫାର୍ମାସୀ ମହାବିଦ୍ୟାଳୟରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନହରକଣ୍ଟାସ୍ଥିତ ଶ୍ରୀଜୟଦେବ ଫାର୍ମାସୀ ମହାବିଦ୍ୟାଳୟରେ ମଙ୍ଗଳବାର ଦିନ ଉକ୍ତ କଲେଜ ଏବଂ ଏଭରଗ୍ରୀନ୍ ଫୋରମର ମୁଖ୍ୟ ଡ. ପ୍ରକାଶ କୁମାର ଜେନାଙ୍କ ସହଯୋଗରେ ରେଡ୍‌କ୍ରସ୍, କେନ୍ଦ୍ରାପଡ଼ା ତରଫରୁ ଡ. ମାନସ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜର ଡି. ଫାର୍ମ, ବି.ଫାର୍ମ ଓ ଏମ୍. ଫାର୍ମର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏବଂ ଅନେକ କର୍ମଚାରୀ ରକ୍ତାଦନ କରି ନିଜର ମହାନୀୟତା ପ୍ରତିପାଦିତ କରିଥିଲେ। ଏହି ରକ୍ତଦାନ ଶିବିରକୁ କଲେଜର ଅଧକ୍ଷା ପ୍ରଫେସର ଡ. ନୀଳିମା ଶୁକ୍ଲା ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିବାବେଳେ ଆଇକ୍ୟୁଏସିର ମୁଖ୍ୟ ଆସୋସିଏଟ୍ ପ୍ରଫେସର ପ୍ରଗତି ରଞ୍ଜନ ଶତପଥୀ ଏହାକୁ ପରିଚାଳନା କରିଥିଲେ। କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି ମହତ କାର୍ଯ୍ୟକ୍ରମକୁ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ। ଏହି ରକ୍ତଦାନ ଶିବିର ମାଧ୍ୟମରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।



## ହ୍ୟୁମାନଙ୍କ ଭାବପୂର୍ଣ୍ଣ ସଙ୍ଗୀତ ଅଗଣିତ ଶ୍ରୋତାଙ୍କ ହୃଦୟକୁ ଛୁଇଁଛି: ନବୀନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ହ୍ୟୁମାନ ସାଗରଙ୍କ ଦେହାନ୍ତ ବିଷୟରେ ଜାଣି ଗଭୀର ଭାବେ ଦୁଃଖିତ ବୋଲି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣାଇଛନ୍ତି । ତାଙ୍କର ଭାବପୂର୍ଣ୍ଣ ସଙ୍ଗୀତ ଅଗଣିତ ଶ୍ରୋତାଙ୍କ ହୃଦୟକୁ ଛୁଇଁଛି ଏବଂ ଓଡିଆ ସଙ୍ଗୀତ ପ୍ରତି ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ ବୋଲି ସେ କହିଛନ୍ତି। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ନବୀନ ସମବେଦନା ଜଣାଇଛନ୍ତି।

# ଯୁବକଙ୍କ ଉପରେ ଚଢିଗଲା ଗ୍ୟାସ ସିଲିଣ୍ଡର ଗାଡ଼ି : ରାସ୍ତା ଅବରୋଧ କଲେ ଗ୍ରାମବାସୀ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ଚନ୍ଦକା ଥାନା କୁଜିମହଲ ଛକରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଏକ ଗ୍ୟାସ ସିଲିଣ୍ଡର ଲୋଡ୍ ଟ୍ରକଟି ଚନ୍ଦକା ପଟୁ ଖୋର୍ଦ୍ଧା ପିତାପଲି ରୁଟରେ ଯାଉଥିବା ବେଳେ କୁଜିମହଲ ଛକରେ ଜଣେ ଯୁବକଙ୍କୁ ଧକ୍କା ଦେଇ ଘୋଷାଡି ନେଇଥିଲା। ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ମୃତ ଯୁବକ ହେଲେ ସେହି ଗ୍ରାମର କାହ୍ନୁ ଚରଣ ସାହୁ (୨୧)। କାହ୍ନୁ ଘରର ରୋଜଗାରିଆ ପୁଅ ଥିଲା। ପରିବାରର ୫ ଜଣ ସଦସ୍ୟଙ୍କ ଆହାର ସାଜିଥିଲା କାହ୍ନୁ। ଆଜି ପୂର୍ବାହ୍ନ ସାଢ଼େ ଦଶଟା ସମୟରେ କାହ୍ନୁ ଗ୍ରାମ ନିକଟ ଚନ୍ଦକା-ପିତାପଲୀ ରାସ୍ତା କଡ଼ରେ ଥିବା ଚିକେନ ଦୋକାନରୁ ସାଙ୍ଗରେ ଚିକେନ ନେଇ ଘରକୁ ଫେରୁଥିଲେ। ରାସ୍ତାରେ ଚାଲି ଚାଲି ଯାଉଥିବା ସମୟରେ ପଛପଟୁ ମୃତ୍ୟୁ ଆସୁଥିଲା ଜାଣି ପାରିନଥିଲେ କାହ୍ନୁ। ଗୋଟିଏ ଗାଡ଼ିକୁ ବାମ ପାର୍ଶ୍ୱରେ ଓଭରଟେକ୍ କରିବାକୁ ଯାଇ ଏହି ଗ୍ୟାସ ସିଲିଣ୍ଡର ଟ୍ରକଟି କାହ୍ନୁଙ୍କୁ ଧକ୍କା ଦେଇ କିଛି ବାଟ ଘୋଷାଡି ନେଇଥିଲା। ଫଳରେ ଗାଡ଼ିର ଚକ ତାଙ୍କ ମୁଣ୍ଡରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ କାହ୍ନୁଙ୍କ ମୃତ୍ୟୁ ହୋଇଥିଲା। ତେବେ ଦୁର୍ଘଟଣା ଘଟାଇ ଟ୍ରକଟି ଦୀର୍ଘ ଦୁଇ କିମି ଭୋଳା ଛକ ନିକଟରେ ସ୍ଥାନୀୟ ଲୋକେ ପିଛା କରି ଅଟକାଇଥିଲେ। ସେପଟେ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ଉତ୍ୟକ୍ତ ଲୋକେ ଚନ୍ଦକା ପିତାପଲୀ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। କାହ୍ନୁ ଘରର ରୋଜଗାରିଆ ପୁଅ ହୋଇଥିବାରୁ ସରକାରଙ୍କ ପକ୍ଷରୁ ଚାକିରି ଓ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ କେହି ଉଚ୍ଚ ପଦସ୍ଥ ଅଧିକାରୀ ନ ଆସିବାରୁ ଉତ୍ତେଜନା ଅଧିକ ହୋଇଥିଲା। ଘଟଣାସ୍ଥଳରେ ଚନ୍ଦକା ଥାନା ପୋଲିସ ପହଞ୍ଚିଥିଲା। ଜଟଣୀ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ମଧ



ପହଞ୍ଚିଥିଲେ। ସେପଟେ ଜୋନ ଏସିପି ସୋନାଲି ସିଂ ପରମାର ଓ ଅତିରିକ୍ତ ତହସିଲଦାର ସିଦ୍ଧାର୍ଥ ଗୌରବ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ହେଲେ ଉତ୍ୟକ୍ତ ଲୋକେ କୌଣସି କଥା ଶୁଣିନଥିଲେ। ପରେ ଜଟଣୀ ବିଧାୟକ ବିଭୁତି ଭୁଷଣ ବଳବନ୍ତରାୟ ପହଞ୍ଚି ମୃତକଙ୍କ ପରିବାର ଓ ପ୍ରଶାସନ ସହ ଆଲୋଚନା କରି କ୍ଷତିପୂରଣ ସହ ଚାକିରୀ ଦେବାକୁ ଦାବି କରିଥିଲେ। ପ୍ରଶାସନ ପକ୍ଷରୁ ଦାବି ଗ୍ରହଣ କରାଯାଇଥିଲା। ଦୀର୍ଘ ସାଢ଼େ ୫ ଘଣ୍ଟା ପରେ ରାସ୍ତାରୋକ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ସେପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ ଚାଳକକୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସରକାରୀ ବିଜ୍ଞାପନରେ...

ପ୍ରତି ତୀକ୍ଷ୍ଣ ନଜର ରଖିବା ଇତ୍ୟାଦି ବିଷୟରେ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ପାଇଁ କହିଥିଲେ। ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ କ୍ଷମତାର ଉଚିତ୍ ବ୍ୟବହାର କରି ସବୁ ସ୍ତରରେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଆଣିବା ପାଇଁ ପ୍ରୟାସ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଜିଲ୍ଲା ଓ ବ୍ଲକ ସ୍ତରରେ ସମସ୍ତ ସରକାରୀ ନଥିପତ୍ର, ନୋଟିସ୍, ବିବରଣୀ ଓ ବିଜ୍ଞାପନ ଓଡିଆ ଭାଷାରେ କରିବା ସହିତ କାର୍ଯ୍ୟାଳୟକୁ ଆସୁଥିବା ଜନପ୍ରତିନିଧିମାନଙ୍କୁ ସମ୍ମାନର ସହିତ ସୌଜନ୍ୟମୂଳକ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ଜିଲ୍ଲାପାଳମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ସରକାର ଓ ପ୍ରଶାସନର ଗତି ସମାନ୍ତରାଳ ଭାବେ ନ ରହିଲେ ସମାଜର ଶେଷଧାଡି ପର୍ଯ୍ୟନ୍ତ ଯୋଜନାର ସୁଫଳ ପହଞ୍ଚିବ ନାହିଁ। ତେଣୁ ଲୋକଙ୍କ ସରକାରରେ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଯାହାସବୁ ଯୋଜନା ଓ କାର୍ଯ୍ୟକ୍ରମ ରହିଛି ତାକୁ ସଠିକ୍ ସମୟରେ ସାରି ଲୋକଙ୍କ ପାଖରେ ପହଞ୍ଚାନ୍ତୁ। ୧୬ ମାସ ମଧ୍ୟରେ ଅନେକ କଲ୍ୟାଣକାରୀ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରୀତା ପାଇଁ ଧନ୍ୟବାଦ ଜଣାଇ ସେ କହିଥିଲେ ଯେ, ଆପଣମାନେ ନିୟମିତ ଭାବେ ବ୍ଲକ ଅଞ୍ଚଳ ଗସ୍ତ କରି ଲୋକଙ୍କ ସମସ୍ୟା ଶୁଣନ୍ତୁ ଓ ତା'ର ପ୍ରତିବିଧାନ କରନ୍ତୁ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ବିଗତ ଦେଢ ବର୍ଷ ମଧ୍ୟରେ ରାଜ୍ୟବାସୀଙ୍କ ପାଇଁ ସଫଳତା ପୂର୍ବକ ଅନେକ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରାଯାଇଛି। ଲୋକଙ୍କୁ ମୌଳିକ ସୁବିଧା ତଥା ସେମାନଙ୍କୁ ସାଧାରଣ ସେବା ଯୋଗାଇଦେବା ପାଇଁ ଲୋକଙ୍କ ପାଖକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ସେ କହିଥିଲେ ରାଜସ୍ୱ ବିଭାଗ ହେଉଛି ସରକାରଙ୍କ ମେରୁଦଣ୍ଡ। ସାଧାରଣ ଜନତାଙ୍କ ପାଇଁ ରାଜସ୍ୱ ସେବାକୁ ଅଧିକ ସରଳ କରିବା ପାଇଁ ରାଜସ୍ୱ ଆଇନ ଗୁଡିକରେ ସଂଶୋଧନ କରାଯାଇଛି। ଏହା ଦ୍ୱାରା ଲୋକଙ୍କ ଅସୁବିଧା ଦୂର ହୋଇପାରିଛି । ଜିଲ୍ଲାମାନଙ୍କରେ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ଯାହା ସବୁ ପ୍ରସ୍ତାବ ଅଛି, ତାକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଆଦିବାସୀ ଲୋକମାନଙ୍କ ପାଇଁ ଜଙ୍ଗଲ ଜମି ଅଧିକାର ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଜମି ଅଧିଗ୍ରହଣ ସମୟରେ ବିସ୍ଥାପିତ ଜନତାଙ୍କୁ ଉଚିତ୍ ରିଲିଫ୍ ଓ ଥଇଥାନ ପ୍ରଦାନ ଉପରେ ଗୁରୁତ୍ୱ ଦେଇ ସାଧାରଣ ଲୋକଙ୍କୁ ଏକ ପିପୁଲ ଫ୍ରେଣ୍ଡଲି ଆଡମିନିଷ୍ଟ୍ରେସନ୍ ଯୋଗାଇ ଦେବା ପାଇଁ ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ତୃଣମୂଳ ସ୍ତରରେ ପ୍ରତ୍ୟେକ ସ୍ଥାନକୁ ପ୍ରଶାସନ ପହଞ୍ଚିବା ଦରକାର ଏବଂ ପ୍ରତ୍ୟେକ ନାଗରିକଙ୍କୁ ଉଚିତ୍ ସମ୍ମାନର ସହିତ ସେବା ଯୋଗାଇଦେବା କ୍ଷେତ୍ରରେ ଯତ୍ନବାନ ହେବା ଆବଶ୍ୟକ। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାର ଏନେଇ...

ଅନୁପ୍ରବେଶକାରୀ, ଉଗ୍ରବାଦୀ ଆସିବା ଏସବୁକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯାଉଛି। ଯେଉଁମାନେ ଏଭଳି କାର୍ଯ୍ୟରେ ଲିପ୍ତ ଅଛନ୍ତି, ସେ ଅନୁପ୍ରବେଶକାରୀ ଅବା ଆଉ କିଏ ସେ ସମସ୍ତଙ୍କ ପ୍ରତି ସରକାରଙ୍କ କଠୋର ଆଭିମୁଖ୍ୟ ରହିଛି। ତଟବର୍ତ୍ତୀ ଅଞ୍ଚଳ ପୋଲିସକୁ ସଶକ୍ତ କରାଯାଇଛି, କୋଷ୍ଟ ଗାର୍ଡକୁ ନିରୀକ୍ଷଣ କରୁଛି। ଓଡିଶାର ତଟ ସମ୍ପୂର୍ଣ୍ଣ ସୁରକ୍ଷିତ । ତାହା ସତ୍ତ୍ୱେ ଅନୁପ୍ରବେଶ କରିଛନ୍ତି, ସେମାନଙ୍କୁ ଚିହ୍ନଟ କରିବା ପାଇଁ ସମସ୍ତ ବ୍ୟବସ୍ଥା ସରକାର ହାତକୁ ନେଇଛନ୍ତି ବୋଲି ସେ କହିଛନ୍ତି।

## ଦୁର୍ଦ୍ଦାନ୍ତ ମାଓନେତା...

ହିଡମାଙ୍କ ମୁଣ୍ଡ ଉପରେ ଛତିଶଗଡ ସରକାର ଏକ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲେ ଏବଂ ପତ୍ନୀ ରାଜେଙ୍କ ଉପରେ ୫୦ ଲକ୍ଷ ଟଙ୍କାରୁ ଅଧିକ ପୁରସ୍କାର ଅଛି । ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ଆଉ ଦୁଇଜଣ ଟପ ମାଓବାଦୀ ଚେଲୁରି ନାରାୟଣ ଓରଫ ସୁରେଶ ଓ ଶଙ୍କର ଆନ୍ନା ମଧ୍ୟ ଏହି ଏନକାଉଣ୍ଟରରେ ପ୍ରାଣ ହରାଇଥିବା ଜଣାପଡିଛି । ହିଡମା ସମେତ ୬ଜଣ ମାଓବାଦୀ ନିହତ ହୋଇଥିବା ଆନ୍ଧ୍ର ପ୍ରଦେଶ ପୁଲିସ୍ ଡିଜିପି ହରିଶ କୁମାର ଗୁପ୍ତା ସୂଚନା ଦେଇଛନ୍ତି । ସୁରକ୍ଷାକର୍ମୀ ଏବଂ ସାଧାରଣ ଲୋକଙ୍କ ଉପରେ ୨୬ ଥର ଆକ୍ରମଣର ନେତୃତ୍ୱ ନେଇଥିଲା ମାଓନେତା ମାଡଭି ହିଡମା । ସୁରକ୍ଷା ବାହିନୀ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶା ସୀମାର ତ୍ରି-ସଂଯୋଗ ନିକଟସ୍ଥ ମାରେଡୁମିଲ୍ଲୀ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ବିଷୟରେ ସୂଚନା ପାଇଥିଲେ । ଏହା ପରେ, ସ୍ଥାନୀୟ ପୋଲିସ ସହିତ ମାରେଡୁମିଲ୍ଲୀ ଜଙ୍ଗଲ ଅଞ୍ଚଳରେ ଏକ କମ୍ବିଂ ଅପରେସନ କରାଯାଇଥିଲା । ଅଧିକାରୀମାନେ ପ୍ରକାଶ କରିଛନ୍ତି ଯେ ଅଞ୍ଚଳରେ କମ୍ବିଂ ଅପରେସନ ଏବେ ବି ଜାରି ରହିଛି।

## ଆନ୍ଧ୍ରପ୍ରଦେଶରେ...

ସ୍ଥାନରେ ଛାପା ମାରି ୩୧ ମାଓବାଦୀଙ୍କୁ ଗିରଫ କରିଛି। ଏ ସମସ୍ତଙ୍କୁ ପଚରାଉଚୁରା କରାଯାଉଛି। ଆନ୍ଧ୍ରପ୍ରଦେଶର ଏଡିଜି ଗୁଇନ୍ଦା ମହେଶ ଚନ୍ଦ୍ର ଲଡ୍ଡା ଅଲ୍ଲୁରୀ ସୀତାରାମାରାଜୁ ଜିଲ୍ଲାର ଏସ୍‌ପି ଅମିତ ବରଦାର ସହିତ ପତ୍ରକାରଙ୍କୁ ସଂଘର୍ଷ ଏବଂ ଗିରଫଦାରୀର ପୂରା ସୂଚନା ଦେଇଛନ୍ତି।

## ବନ୍ୟପ୍ରାଣୀଙ୍କ ଦ୍ୱାରା ...

ନିର୍ଦ୍ଦେଶାବଳୀ ଅନୁସାରେ ବୈଜ୍ଞାନିକ, ସ୍ୱଚ୍ଛ ଏବଂ ବ୍ୟବହାରିକ ଭାବରେ ଡିଜାଇନ୍ କରାଯାଇଛି ଏବଂ ଖରିଫ ୨୦୨୬ରୁ ସାରା ଦେଶରେ କାର୍ଯ୍ୟକାରୀ କରାଯିବ। ହାତୀ, ଜଙ୍ଗଲି ଘୁଷୁରୀ , ନୀଳଗାଈ, ହରିଣ ଏବଂ ମାଙ୍କଡ଼ ଭଳି ବନ୍ୟ ପ୍ରାଣୀଙ୍କ ଆକ୍ରମଣ ଯୋଗୁଁ ସାରା ଦେଶର ଚାଷୀମାନେ ଦୀର୍ଘଦିନ ଧରି ଫସଲ କ୍ଷତିର ସମ୍ମୁଖୀନ ହୋଇଆସୁଛନ୍ତି। ବିଶେଷକରି ବନାଞ୍ଚଳ, ଜଙ୍ଗଲ କରିଡର ଏବଂ ପାହାଡିଆ ଅଞ୍ଚଳ ନିକଟରେ ରହୁଥିବା ଚାଷୀମାନେ ପ୍ରାୟତଃ ଏହି ସମସ୍ୟାର ସାମ୍ନା କରିଥା'ନ୍ତି। 'ଏପର୍ଯ୍ୟନ୍ତ, ଫସଲ ବୀମା ଯୋଜନା ଦ୍ୱାରା ଏପରି କ୍ଷତିକୁ କଭର କରାଯାଇନଥିଲା, ଯାହା ଫଳରେ ସେମାନେ ଯଥେଷ୍ଟ ଆର୍ଥିକ କ୍ଷତି ସହି ଥାଆନ୍ତି।' ଅନ୍ୟପକ୍ଷରେ, ଉପକୂଳ ଓ ବନ୍ୟାପ୍ରବଣ ଅଞ୍ଚଳର ଧାନ ଚାଷୀମାନେ ବର୍ଷା ଯୋଗୁଁ ଜଳବନ୍ଦୀ ଏବଂ ନଦୀ ଓ ଝରଣାରେ ବଢ଼ି ପାଣି ଆସିବା କାରଣରୁ ପ୍ରଚୁର କ୍ଷତି ସହି ଥାଆନ୍ତି। ୨୦୧୮ରେ ସ୍ଥାନୀୟ ବିପର୍ଯ୍ୟୟ ବର୍ଗରୁ ଏହି ବିପଦକୁ ବାଦ ଦେବା ପରେ ଚାଷୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବ୍ୟବଧାନ ସୃଷ୍ଟି ହୋଇଥିଲା। ଏହି ପରିବର୍ତ୍ତିତ ଆହ୍ୱାନ ଗୁଡ଼ିକୁ ଦୃଷ୍ଟିରେ ରଖି, କୃଷି ଏବଂ କୃଷକ କଲ୍ୟାଣ ବିଭାଗ ଏକ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। କମିଟିର ରିପୋର୍ଟକୁ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଅନୁମୋଦନ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସହିତ ସ୍ଥାନୀୟ ସ୍ତରରେ ଫସଲ କ୍ଷତି ସହୁଥିବା ଚାଷୀମାନେ ଏବେ ପିଏମଏଫବିୱାଇ ଅଧୀନରେ ସମୟୋଚିତ ଓ ପ୍ରଯୁକ୍ତିବିଦ୍ୟା ଆଧାରିତ ଦାବି ସମାଧାନର ଲାଭ ପାଇବେ। ନୂଆ ବ୍ୟବସ୍ଥା ଓଡ଼ିଶା, ଛତିଶଗଡ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଉତ୍ତରାଖଣ୍ଡ ସମେତ ଆସାମ, ମେଘାଳୟ, ମଣିପୁର, ମିଜୋରାମ, ତ୍ରିପୁରା, ସିକିମ ଓ ହିମାଞ୍ଚଳ ପ୍ରଦେଶ ଭଳି ହିମାଳୟ ଏବଂ ଉତ୍ତର-ପୂର୍ବ ରାଜ୍ୟ ଗୁଡ଼ିକର ଚାଷୀମାନଙ୍କୁ ସର୍ବାଧିକ ଲାଭ ଦେବ, ଯେଉଁଠାରେ ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ କ୍ଷତି ଏକ ପ୍ରମୁଖ ଆହ୍ୱାନ ପାଲଟିଥାଏ। ଧାନ ଫସଲ ଜଳବନ୍ଦୀ ହେବା ସମସ୍ୟାକୁ ସ୍ଥାନୀୟ ବିପର୍ଯ୍ୟୟ ବର୍ଗରେ ପୁନଃ ସାମିଲ କରିବା ଦ୍ୱାରା ଓଡ଼ିଶା ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଉତ୍ତରାଖଣ୍ଡ ଭଳି ଉପକୂଳବର୍ତ୍ତୀ ଓ ବନ୍ୟାପ୍ରବଣ ରାଜ୍ୟଗୁଡ଼ିକର ଚାଷୀମାନେ ସିଧା ସଳଖ ଲାଭ ପାଇବେ, ଯେଉଁଠାରେ ପ୍ରତିବର୍ଷ ଜଳବନ୍ଦୀ କାରଣରୁ ବାରମ୍ବାର ଧାନ ଫସଲ କ୍ଷତି ଘଟୁଛି। ବନ୍ୟପ୍ରାଣୀଙ୍କ ଦ୍ୱା ରା ଫସଲ କ୍ଷତି ଏବଂ ଧାନ ଫସଲ ଜଳବନ୍ଦୀ ହେବା ଉଭୟ ସମସ୍ୟାକୁ ସାମିଲ କରିବା ଦ୍ୱା ରା ପିଏମଏଫବିୱାଇ ଅଧିକ ସମାବେଶୀ, ପ୍ରତିକ୍ରିୟାଶୀଳ ଏବଂ ଚାଷୀ ଅନୁକୂଳ ହୋଇଛି, ଯାହା ଭାରତର ଫସଲ ବୀମା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସ୍ଥିର କରିବାରେ ସାହାଯ୍ୟ କରିବ।

## ଏସ୍‌ସିବିରେ ଲଜ୍ଜା...

ଆଇସିୟୁ ଆଟେଣ୍ଡାଣ୍ଟ ମାନସ ରଞ୍ଜନ ପତି ଓ ତା' ଘର ଯାଜପୁର ଅଞ୍ଚଳରେ।

ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ, ଗତ ରବିବାର ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଯୁବତୀ ଆଇସିୟୁରେ ଥିବା ସମୟରେ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଆଇସିୟୁରେ ପଶି ତାଙ୍କୁ ଅସଦାଚରଣ କରିଥିଲେ। ଅନ୍ୟପଟେ ଏଭଳି ଅଭିଯୋଗ ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ରାଜ୍ୟର ସବୁଠୁ ବଡ଼ ଡାକ୍ତରଖାନାରେ ରୋଗୀ କେତେ ସୁରକ୍ଷିତ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗୁରୁବାର ଶପଥ...

ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପାଟନାର ଗାନ୍ଧୀ ମଇଦାନରେ ଏହି ଶପଥ ସମାରୋହ ଅନୁଷ୍ଠିତ ହେବ । ଏଥିପାଇଁ ଗାନ୍ଧୀ ମଇଦାନରେ ପ୍ରସ୍ତୁତି ଜୋରସୋରରେ ଆରମ୍ଭ ହୋଇଯାଇଛି । ଗୁରୁବାର ଦିନ ୧୧ ଟାରୁ ୧୨ଟା ମଧ୍ୟରେ ଶପଥ ସମାରୋହ ଉତ୍ସବ ଅନୁଷ୍ଠିତ ହେବ ।

## ଭାରତରେ ଘରୋଇ...

ଲଗାଉଛନ୍ତି। ଚାହିଦା ବୃଦ୍ଧି, ସରଳ ଯୋଗାଣ ଶୃଙ୍ଖଳା ଏବଂ ସହଜ ଆର୍ଥିକ ସ୍ଥିତି ଯୋଗୁଁ ଏହା ସମ୍ଭବ ହୋଇଛି। ବିଶେଷଜ୍ଞଙ୍କ ମତରେ, ଏହା ଚାପର ସଙ୍କେତ ନୁହେଁ, ବରଂ ପୁଞ୍ଜିର ଉପଯୋଗ ହେଉଛି। କାରଣ ଦୀର୍ଘ ଦିନ ଧରି କମ୍ପାନୀଗୁଡ଼ିକ ଋଣ ହ୍ରାସ କରିବାରେ ଏବଂ ନଗଦ ସଂରକ୍ଷଣ କରିବାରେ ଧ୍ୟାନ ଦେଇ ଆସୁଥିଲେ। ନରେନ୍ଦ୍ର ସୋଲାଙ୍କିଙ୍କ ସୂଚନା ଅନୁଯାୟୀ, ନିବେଶ ଆର୍ଥିକ ବର୍ଷ ୨୬ର ଦ୍ୱିତୀୟ ତ୍ରୈମାସିକରେ ୧୫ ଟ୍ରିଲିୟନ ଟଙ୍କା ଅତିକ୍ରମ କରିଛି, ଯାହା ୨୨.୪% ବୃଦ୍ଧିକୁ ସୂଚାଉଛି। ଉତ୍ପାଦନ, ଭାରୀ ଯନ୍ତ୍ରପାତି ଏବଂ ଭିତ୍ତିଭୂମି (ରାସ୍ତା, ଶକ୍ତି, ରେଳବାଇ) ଏହି ପୁଞ୍ଜି ବିନିଯୋଗ ଚକ୍ରର ମୁଖ୍ୟ କେନ୍ଦ୍ରରେ ରହିଛନ୍ତି।

ଭୁବନେଶ୍ୱର
୧୯ ନଭେମ୍ବର,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଓଡ଼ିଶା ବିଧାନସଭା ପରିଦର୍ଶନ କଲେ ୧୨ ଦେଶର ୪୦ ବିଦେଶୀ ପ୍ରତିନିଧି

**ଭୁବନେଶ୍ୱର, ୧୮।୧୧**
**ନ୍ୟୁଜ ବ୍ୟୁରୋ**



ନୂଆଦିଲ୍ଲୀ ସ୍ଥିତ ଲୋକସଭା ସଚିବାଳୟର ପାର୍ଲିଆମେଣ୍ଟାରୀ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଇନଷ୍ଟିଚ୍ୟୁଟ ଫର ଡେମୋକ୍ରାସି (ପ୍ରାଇଡ) ତରଫରୁ ୧୨ଟି ଦେଶର ୪୦ ଜଣ ବିଦେଶୀ ପ୍ରତିନିଧି ଓଡ଼ିଶା ବିଧାନସଭା ପରିଦର୍ଶନ କରିଛନ୍ତି। ଏଥିସହ ସଚିବାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବାଚସ୍ପତି ସୁରମା ପାଢୀ ଏହି ବୈଠକକୁ ଉଦ୍‌ଘାଟନ କରିଥିଲେ । ସେ ଉପସ୍ଥିତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ବିଧାନସଭାର ଗୌରବମୟ ଇତିହାସ ଓ ଏହାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ବିଧାନସଭାର ସଂସଦୀୟ କାର୍ଯ୍ୟ ପ୍ରଣାଳୀ ଭାରତର ସର୍ବଶ୍ରେଷ୍ଠ । ଚଳିତ ୧୭ ତମ ବିଧାନସଭାର ପ୍ରଥମ ବର୍ଷରେ ମୋଟ ୬୨ ଦିନ ଅଧିବେଶନ କାର୍ଯ୍ୟ ଦିବସ ସମ୍ପାଦନ କରିବା ପାଇଁ ସକ୍ଷମ ହୋଇପାରିଛି । ଏତଦବ୍ୟତୀତ ଓଡ଼ିଶା ବିଧାନସଭାର ସମସ୍ତ କାର୍ଯ୍ୟ ଡିଜିଟାଇଜେସନ୍ ଏବଂ କମ୍ପ୍ୟୁଟରୀକରଣ ହେବା ସହ ନେଭା ପ୍ରୋଜେକ୍ଟ ଦ୍ୱାରା ସମସ୍ତ କାର୍ଯ୍ୟ କୁ କାଗଜ ଶୂନ୍ୟ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ବାଚସ୍ପତି କହିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଯୋଗ ଦେଇ ଓଡ଼ିଶା ବିଧାନସଭାର ବିଧି ବ୍ୟବସ୍ଥା ଓ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ସମସ୍ତ ପ୍ରତିନିଧିମାନଙ୍କୁ ଅବଗତ କରିଥିଲେ। ସେହିପରି ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ସଂସଦୀୟ ଓ ସାଂସ୍କୃତିକ ପରମ୍ପରାର ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଆହୁରି ନିବିଡ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ସାଂସଦ ସୁଜିତ କୁମାର ଭାରତୀୟ ସଂସଦୀୟ ପରମ୍ପରା ଓ କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ବିଧାନସଭାର ଗବେଷଣା ନିର୍ଦ୍ଦେଶକ ତ୍ରିବିକ୍ରମ ପ୍ରଧାନ, ପ୍ରଶାନ୍ତ ମଲ୍ଲିକ, ନିର୍ଦ୍ଦେଶକ ପ୍ରାଇଡ ଏବଂ ବିଧାନସଭାର ଅଧିକାରୀମାନେ ଉପସ୍ଥିତ ଥିଲେ ।



ଭୁବନେଶ୍ୱର : ବଲ୍ଲଭ ଭାଇ ପଟେଲ୍‌ଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଲିଙ୍ଗରାଜ ମନ୍ଦିର ସମ୍ମୁଖରୁ ରାମ ମନ୍ଦିର ପର୍ଯ୍ୟନ୍ତ ବାହାରିଥିବା ଏକତା ପଦଯାତ୍ରା। (ଫଟୋ : ସମ୍ବାଦ କଳିକା)

## ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

# ଖୁବ୍‌ଶୀଘ୍ର ନୂଆପଡ଼ା ଯାଇ ଲୋକଙ୍କୁ ଧନ୍ୟବାଦ ଦେବେ

**ଭୁବନେଶ୍ୱର,୧୮/୧୧**
**ନ୍ୟୁଜ ବ୍ୟୁରୋ**



ଯେଉଁ ନେତା, ବିଧାୟକ, ସାଂସଦ, ମନ୍ତ୍ରୀମାନେ ନୂଆପଡ଼ାର ଯେଉଁ ଅଞ୍ଚଳରେ ଥିଲେ, ସେଠାକାର ସ୍ଥାନୀୟ ସମସ୍ୟାର ତାଲିକା ପ୍ରସ୍ତୁତ କରନ୍ତୁ। ଏହାକୁ ସମାଧାନ କରାଯିବ । ନୂଆପଡ଼ାର ବିକାଶ ଦାୟିତ୍ୱ ମୋର। ଏହାକୁ ନେଇ ଯାହା ଘୋଷଣା ହୋଇଛି, ସେ ସବୁକୁ ପୂରା କରିବାକୁ ତ୍ୱରିତ୍ ପଦକ୍ଷେପ ନେବି । ସେଠାରେ ଜଳସେଚନରୁ ନେଇ ନୂଆ ଶିଳ୍ପ ପ୍ରତିଷ୍ଠା କରାଯିବ। ଏଥିପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି । ନୂଆପଡ଼ା ବିଜୟ ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଦେବାକୁ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗୋଟିଏ ଦିନ ଥିଲା ସବୁ ପୁଲିଂ ବୁଥ୍‌ର ଆମର ଏଜେଣ୍ଟ ନଥିଲେ। ଆମେ ଅନେକ ପରାଜୟ ଦେଖିଛୁ। ପରାଜୟରୁ ଶିଖିଛୁ ଆଉ ପରିଶ୍ରମ କରି ଏବେ ଜିତିଲୁ। ନୂଆପଡ଼ା ଉପନିର୍ବାଚନରେ ଆମେ ସମସ୍ତେ ଏକାଠି ହୋଇ ଲଢ଼ିଲୁ । କାର୍ଯ୍ୟକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ଆମର ବିଶାଳ ବିଜୟ ହୋଇଛି। ବିଜେଡି ଓ କଂଗ୍ରେସ ଦଳ ହାରିବା ଭୟରେ ବହୁ ମିଛ କଥା କହୁଥିଲେ। ଆମକୁ ଆକ୍ରମଣ କରୁଥିଲେ । ଭୋଟ୍ ଚୋରି, ବେଇମାନ ଭଳି ଅପଶବ୍ଦ ବ୍ୟବହାର କଲେ। କିନ୍ତୁ ବିରୋଧୀଙ୍କ ମିଛ କାମ ଦେଲାନି । ନୂଆପଡ଼ାବାସୀ ସେମାନଙ୍କୁ ଉଚିତ ଜବାବ୍ ଦେଲେ। ଅପରେସନ ସିନ୍ଦୂର ଭଳି ଅପରେସନ ନୂଆପଡ଼ା ହେଲା। ନୂଆପଡ଼ାବାସୀ ରେକର୍ଡ ପରିମାଣରେ ନିଜ ମତଦାନ ସାବ୍ୟସ୍ତ କଲେ। ଐତିହାସିକ ଭୋଟ୍ ବ୍ୟବଧାନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଜିତାଇଲେ। ଏହା ରାଜ୍ୟରେ ରାଜନୈତିକ ମୋଡ଼ ବଦଳାଇ ଦେଇଛି। ଖୁବ୍‌ଶୀଘ୍ର ନୂଆପଡ଼ା ଯାଇ ଲୋକଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇବି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କଂଗ୍ରେସକୁ ସମାଲୋଚନା କରି ସେ କହିଛନ୍ତି, ବିଭୀଷଣଙ୍କ ପାଇଁ କଂଗ୍ରେସ ହାରିଛି ଓ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଦାସ କହିଥିଲେ। ଯଦି ଏଭଳି ହୁଏ, ତେବେ ୭୦% ବିଭୀଷଣ ଥିବା କଂଗ୍ରେସ ପୂରା ମୂଳପୋଛ ହୋଇଯିବ ବୋଲି ମୋହନ କହିଛନ୍ତି । ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ, ନିର୍ବାଚନରେ ଯାହାକୁ ଯେଉଁ ଦାୟିତ୍ୱ ଦେଇଥିଲୁ ସେମାନେ ତାହା କରି ଦେଉଥିଲେ । ଆମେ ସଂଗଠିତ ହୋଇ ନିର୍ବାଚନ ଲଢିଲୁ ଓ ଜିତିଲୁ । ପ୍ରଥମେ ୫ଟି ସଂସଦୀୟ କ୍ଷେତ୍ରର କାର୍ଯ୍ୟକର୍ତ୍ତାଙ୍କୁ ନେଇ ନିର୍ବାଚନ ଲଢ଼ିବାକୁ ଯୋଜନା ହୋଇଥିଲା। ପରେ ମନ୍ତ୍ରୀମାନଙ୍କୁ ମଣ୍ଡଳ, ବିଧାୟକଙ୍କୁ ପଞ୍ଚାୟତ ଦାୟିତ୍ୱ ଦେଲୁ। ରାଜ୍ୟରୁ ପଞ୍ଚାୟତସ୍ତର ଯାଏ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ଦେଲୁ । ସ୍ଥାନୀୟ ଲୋକଙ୍କୁ ଗୁରୁତ୍ୱ ଦେଇ ନିର୍ବାଚନ ଲଢିଲୁ । ବାହାରୁ ଯାଇଥିବା ନେତା ଓ ମନ୍ତ୍ରୀ କେବଳ ସହଯୋଗ କଲେ । ଭୋଟର ୭ ଦିନ ପୂର୍ବରୁ ଆମର ଏକପାଖିଆ ବିଜୟ ହେବ ବୋଲି ସ୍ପଷ୍ଟ ଜଣାପଡ଼ିଥିଲା ବୋଲି ସେ କହିଛନ୍ତି । ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ସ୍ୱାଇଁ, ଗୋକୁଳାନନ୍ଦ ମଲ୍ଲିକ, ପ୍ରଦୀପ ବଳସାମନ୍ତ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ରାଜ୍ୟସଭା ସାଂସଦ ସୁଜିତ କୁମାର, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବରଗଡ଼ ଧନୁଯାତ୍ରା ପାଇଁ ସରିଲା କଳାକାର ଚୟନ

# ଭେଡେନ୍‌ର ସୁଶୀଲ ମେହେର ହେବେ କଂସ




**ବରଗଡ, ୧୮/୧୧**
**ନ୍ୟୁଜ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ପାଇଁ କଂସ ଚୟନ ହୋଇଯାଇଛି। ଏ ନେଇ ଦକ୍ଷତା ପରୀକ୍ଷାରେ ପାସ୍ ହେଲେ ଭେଡେନ୍‌ର ସୁଶୀଲ ମେହେର। ୨୦୨୫-୨୬ ଧନୁଯାତ୍ରାରେ ସେ କଂସ ଭୂମିକାରେ ଅଭିନୟ କରିବେ। ୩୬ ଜଣ କଳାକାରଙ୍କୁ ପଛରେ ପକାଇ ସେ କଂସ ଭୂମିକା ପାଇଁ ଚୟନ ହୋଇଛନ୍ତି । ଧନୁଯାତ୍ରା ମହୋତ୍ସବ ସମିତି ଉପସଭାପତି ତଥା ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କଂସଙ୍କ ନାମ ଘୋଷଣା କରିଛନ୍ତି। ଏହି ସମୟରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ମଧ୍ୟ ଉପସ୍ଥିତ ଥିଲେ। ଗତ ତିନି ଦିନ ଧରି କଳାକାର ଚୟନ ପ୍ରକ୍ରିୟା ହେବା ପରେ କଂସଙ୍କ ସମେତ ୧୧ଟି ପ୍ରମୁଖ ଚରିତ୍ର ପାଇଁ କଳାକାର ଚୟନ ହୋଇଛନ୍ତି। ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଚିଚିଣ୍ଡା ଗ୍ରାମର ବାସିନ୍ଦା ସୁଶୀଲ ମେହେର କଂସ ଭୂମିକା ପାଇଁ ଚୟନ ହୋଇଛନ୍ତି। ପୂର୍ବରୁ ବିଭିନ୍ନ ମଞ୍ଚରେ ସେ କଂସ, ରାବଣ, ଜରାସନ୍ଧ ଭଳି ରାକ୍ଷସ ଚରିତ୍ରରେ ଅଭିନୟ କରିଥିବା ବେଳେ ବରଗଡ ଧନୁଯାତ୍ରାରେ ପ୍ରଥମ ଥର ପାଇଁ ମନୋନୀତ ହୋଇଛନ୍ତି। ସେହିପରି ପ୍ରଭାସ କୁମାର ତ୍ରିପାଠୀ ମୁଷ୍ଟିକ, ହିମାଂଶୁ ସାହୁ ଚାଣୁର, ଆର୍ତ୍ତତ୍ରାଣ ମହାପାତ୍ର ଉଗ୍ରସେନ, କାମରାଜ ଭୋଇ ନାରଦ, ମନୋଜ ସାହୁ ବସୁଦେବ, ଜଗନ୍ନାଥ ସାହୁ ଅକ୍ରୁର, ଜଗବନ୍ଧୁ ମହାଲିଙ୍ଗ ସାର୍ତ୍ତକୀ, ଅମ୍ବାଭୋନାର ହେମନ୍ତ ପ୍ରଧାନ ସେନାପତି, ଗୁଲାବ ଚନ୍ଦ୍ର ଦାଶ ମହାମନ୍ତ୍ରୀ, ମୁକ୍ତା ଦାଶ ଦେବକୀ ଚରିତ୍ର ପାଇଁ ଚୟନ ହୋଇଛନ୍ତି। ପ୍ରକାଶ ଥାଉକି ଆସନ୍ତା ଡିସେମ୍ବର ମାସ ୨୪ ତାରିଖରୁ ଧନୁଯାତ୍ରା ଆରମ୍ଭ ହେବ । ଦୀର୍ଘ ୧୧ଦିନ ବ୍ୟାପୀ ହେବାକୁ ଥିବା ଯାତ୍ରା ଜାନୁଆରୀ ୩ ତାରିଖରେ ଉଦ୍‌ଯାପିତ ହେବ। ତେବେ ନୂଆ କଂସଙ୍କୁ ନେଇ ବରଗଡ଼ ଯାତ୍ରାପ୍ରେମୀ ମହଲରେ ପ୍ରବଳ ଉତ୍କଣ୍ଠା ଦେଖିବାକୁ ମିଳିଛି।

# ଅଲବିଦା ହ୍ୟୁମାନ: ଲୁହରେ ଭିଜିଲା ଜନ୍ମମାଟି, ଭାବବିହ୍ୱଳ ପରିବେଶରେ ଅନ୍ତିମ ବିଦାୟ



**ଟିଟିଲାଗଡ଼, ୧୮/୧୧**
**ନ୍ୟୁଜ ବ୍ୟୁରୋ**

ବିଦାୟ ନେଲେ ଓଲିଉଡ ଗାୟକ ହ୍ୟୁମାନ ସାଗର । ଜନ୍ମମାଟି ଟିଟିଲାଗଡ଼ ସ୍ଥିତ ଡେଙ୍ଗ ଗାଁରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । କାନ୍ଦ ବୋବାଳିରେ ଫାଟି ପଡୁଥିଲା ପରିବେଶ। ଭାବବିହ୍ୱଳ ପରିବେଶରେ ଫ୍ୟାନ୍ସ ସମେତ ଗାଁଲୋକେ ଓ ପରିବାର ଗାୟକଙ୍କୁ ଅନ୍ତିମ ବିଦାୟ ଦେଇଛନ୍ତି। ବଲାଙ୍ଗୀରର ପୁଅ ହ୍ୟୁମାନ ସାଗରଙ୍କ ମୃତ୍ୟୁ ସମସ୍ତଙ୍କୁ ମର୍ମାହତ କରିଛି । ସୋମବାର ରାତି ପ୍ରାୟ ୯.୦୮ ସମୟରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିଲେ ହ୍ୟୁମାନ। ଏହା ପରେ ହ୍ୟୁମାନଙ୍କୁ କଟକ ସ୍ଥିତ ବାସଭବନକୁ ଅଣାଯାଇଥିଲା। ଯେଉଁଠାରେ ସେଲିବ୍ରିଟି ତାଙ୍କ ଶେଷ ଦର୍ଶନ କରିଥିଲେ। ଏହା ପରେ ତାଙ୍କ ମରଶରୀରକୁ ଜନ୍ମମାଟି ବଲାଙ୍ଗୀର ନିଆଯାଇଥିଲା। ସେଠାରେ ନିଜ ଜନ୍ମ ଗାଁ ସାଇଁତଲା ବ୍ଲକ ଅନ୍ତର୍ଗତ ଡେଙ୍ଗ ଗାଁକୁ ନିଆଯାଇଥିଲା। ପରେ ଟିଟିଲାଗଡ଼ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ଶେଷ ଦର୍ଶନ ପାଇଁ କଳାକାର ସମେତ ସାଧାରଣ ଲୋକଙ୍କ ପ୍ରବଳ ଭିଡ ଜମିଥିଲା। ଭାବବିହ୍ୱଳ ପରିବେଶରେ ସମସ୍ତେ ତାଙ୍କୁ ଅନ୍ତିମ ବିଦାୟ ଦେଇଛନ୍ତି। ବଲାଙ୍ଗୀର ଜିଲ୍ଲା ତଥା ଆଖପାଖ ଜିଲ୍ଲାର ଶତାଧିକ ସଂଗଠନ ନେତା ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । କଳାକାର ତଥା ଯୁବ ସଂଗଠକ ସୋମନାଥ ମିଶ୍ର ଓ ବିନୋଦ କାଳସାଏ କହିଛନ୍ତି, 'ଅଳ୍ପ ସମୟରେ ହ୍ୟୁମାନ ସାଗର ନିଜ କଣ୍ଠ ମାଧ୍ୟମରେ ନାଁ କରିଥିଲେ। ଓଡ଼ିଶାର କୋଣ ଅନୁକୋଣରେ ସେ ନିଜ ଗାୟନ ପାଇଁ ପରିଚିତ ଓ ଖ୍ୟାତି ଅର୍ଜନ କରିଥିଲେ। ସେ ୧୫ ହଜାରରୁ ଊର୍ଦ୍ଧ୍ୱ ଗୀତ ଏହି ଅଳ୍ପ ବୟସରେ ଗାଇଥିଲେ। ତାଙ୍କର ଅକାଳ ବିୟୋଗରେ ଆମେ ମର୍ମାହତ । ଏହି ଅପୂରଣୀୟ କ୍ଷତି କେବେ ଭରଣା ହୋଇ ପାରିବ ନାହିଁ। ସେହିପରି ବିଜେପି ନେତା ଗୋପାଳଜି ପାଣିଗ୍ରାହୀ ମଧ୍ୟ ତାଙ୍କର ମୃତ୍ୟୁରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ଅତି ଅଳ୍ପ ବୟସରେ ସେ ସାରା ଓଡ଼ିଶା ବାସୀଙ୍କ ହୃଦୟରେ ସ୍ଥାନ ପାଇଥିଲେ। ତାଙ୍କର କଣ୍ଠର ଯାଦୁରେ ସମସ୍ତଙ୍କ ପାଖରେ ସେ ଆଦର ହୋଇଥିଲେ । ହେଲେ ଅତି ଅଳ୍ପ ବୟସରେ ତାଙ୍କର ଦେହାନ୍ତ ହେବା ସମସ୍ତଙ୍କୁ ମର୍ମାହତ କରିଛି। ଏହା କଳାକାର ଜଗତ ଠୁ ନେଇ ସାରା ଓଡ଼ିଶା ପାଇଁ ଅପୂରଣୀୟ କ୍ଷତି ।'' ସେହିପରି ସହ-କଳାକାର ତଥା ଗାୟିକା ଅର୍ଚ୍ଚନା ପାଢ଼ୀ କହିଛନ୍ତି 'ହ୍ୟୁମାନ ସାଗର ସବୁ ବେଳେ ମୋ ସହିତ ଭଲରେ ମିଶି ଆସିଥିଲେ। ସେ ତାଙ୍କ ଗୀତ ପାଇଁ ଲୋକପ୍ରିୟ ହୋଇଥିଲେ। ସଙ୍ଗୀତକୁ ଆଗକୁ ନେବାକୁ ସେ ପଣ କରିଥିଲେ। ସେ ମତେ କିଛି ଦିନ ଆଗରୁ ଉପଦେଶ ଦେଇଥିଲେ । ଯେଉଁଥିରେ ଗୀତକୁ ଆଗକୁ ନେବା ଓ ବଲାଙ୍ଗୀର ତଥା ଓଡ଼ିଶାର ନାଁ କରିବା ବୋଲି କହିଥିଲେ। ଏବେ ମୁଁ ତାଙ୍କ ମୃତ୍ୟୁକୁ ବିଶ୍ୱାସ କରି ପାରୁ ନାହିଁ ।' ତାଙ୍କ ମା'ଙ୍କ ଚାକିରି ଓ ନିଜ ଭବିଷ୍ୟତ ଗଢିବା ପାଇଁ ତାଙ୍କ ପରିବାର ଟିଟିଲାଗଡରେ ରହି ଆସୁଥିଲେ। ଛୋଟ ଦିନରୁ ଗୀତ ପ୍ରତି ଆକୃଷ୍ଟ ହୋଇ ସେ ଗୀତ ଗାଇବା ଆରମ୍ଭ କରିଥିଲେ। ଅନେକ ଷ୍ଟେଜରେ ସେ ନିଜ କଣ୍ଠର ଯାଦୁରେ ସ୍ରୋତାଙ୍କୁ ମତୁଆଲା କରୁଥିଲେ। ଏହାରି ମଧ୍ୟରେ ଗତ ୨୦୧୨ରେ ଏକ ଟିଭି ରିଆଲିଟି ସୋ ମାଧ୍ୟମରେ ସେ ବଡ ବ୍ରେକ ପାଇଥିଲେ ଏବଂ ଓଡ଼ିଆ ସିନେମା ହେଉ କିମ୍ବା ଆଲବମ ହେଉ ନିଜ ଅଞ୍ଚଳର ସମ୍ବଲପୁରୀ ଗୀତ ହେଉ ତାଙ୍କର ସବୁ ଗୀତ ହିଟ୍ ପରେ ହିଟ୍ ହୋଇଥିଲା। ଯୁବ ପିଢ଼ିଙ୍କ ପାଇଁ ସେ ସେନସେସନ ପାଲଟିଥିଲେ । ହେଲେ ଏହି ସୁନାମଧନ୍ୟ ଗାୟକ ଅତି ଅଳ୍ପ ବୟସରେ ସମସ୍ତଙ୍କୁ ନିରାଶ କରି ସବୁ ଦିନ ପାଇଁ ନୀରବି ଯାଇଛନ୍ତି ।

# ଉଚ୍ଛେଦ ହେଲା ସାଲିଆ ସାହି, ମାଟିରେ ମିଶିଲା ଅନେକ ଘର



**ଭୁବନେଶ୍ୱର, ୧୮/୧୧**
**ନ୍ୟୁଜ ବ୍ୟୁରୋ**

ଉଚ୍ଛେଦ ହେଲା ସାଲିଆ ସାହି। ବିଏମସି ଓ ବିଡିଏ ପକ୍ଷରୁ ମିଳିତ ଭାବେ ଉଚ୍ଛେଦ ହୋଇଛି ସାଲିଆ ସାହିର କିଛି ଅଞ୍ଚଳ। ଏକାମ୍ର କାନନରୁ ଅନ୍ଧାରୁଆ ପାଖାପାଖି ୧୩ କିଲୋମିଟର ପର୍ଯ୍ୟନ୍ତ ଲେଫ୍ଟ ପାରାଲାଲ ରାସ୍ତା ପାଇଁ ଏହି ଉଚ୍ଛେଦ କରୁଛି ବିଏମସି ଓ ବିଡିଏ । ପୂର୍ବରୁ ମଧ୍ୟ ଉଚ୍ଛେଦ କରିଥିଲା ବିଡିଏ ଓ ବିଏମସିର ମିଳିତ ଟିମ୍। ମଙ୍ଗଳବାର ଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବାକି ଥିବା ଆଉ ପାଖାପାଖି ୫୧୭ ଘର ଉଚ୍ଛେଦ କରିବେ ମିଳିତ ଟିମ୍। ମଙ୍ଗଳବାର ଏହି ଉଚ୍ଛେଦ ସମୟରେ ବିଏମସି, ବିଡିଏ, ୱାଟ୍‌କୋ, ବିଦ୍ୟୁତ ବିଭାଗ ସହ ୫ ପ୍ଲାଟୁନ ପୋଲିସ ଫୋର୍ସ ଘଟଣା ସ୍ଥଳରେ ମୁତୟନ ରହିଥିଲେ। ସେପଟେ ଉଚ୍ଛେଦକୁ ବିରୋଧ କରିଛନ୍ତି ସାଲିଆ ସାହି ବାସିନ୍ଦା। ବସ୍ତି ବାସିନ୍ଦା କହିଛନ୍ତି ଯେ, 'ବିନା ନୋଟିସ୍‌ରେ ଆସି ଘର ଭାଙ୍ଗୁଛି ବିଏମ୍‌ସି। ପୂର୍ବରୁ କୌଣସି ସୂଚନା ନଦେଇ ଘରଗୁଡ଼ିକୁ ଭାଙ୍ଗୁଛି। ଆମକୁ ପୂର୍ବରୁ ମନା କରୁଥିଲେ ଯେଉଁ ସ୍ଥାନରେ ଘର ରହିଛି ସେଠାରେ କିଛି ଘର ଭଙ୍ଗା ଯିବ ନାହିଁ। ଏହାକୁ ନେଇ ମଧ୍ୟ ପୂର୍ବରୁ ବାରମ୍ବାର ମେୟରଙ୍କ ସହିତ ଆଲୋଚନା କରାଯାଇଛି। କିନ୍ତୁ ମଙ୍ଗଳବାର ଆସି ଘର ଭଙ୍ଗାଯାଉଛି।' ଉଚ୍ଛେଦକୁ କିଛି ବସ୍ତି ବାସିନ୍ଦା ବିରୋଧ କରିବା ସହ ଆନ୍ଦୋଳନ ମଧ୍ୟ କରିଥିଲେ। ଏନେଇ ଏସ୍‌ପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି ଯେ, 'ସାଲିଆ ସାହି ବସ୍ତି ଉଚ୍ଛେଦ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ୩୦ରୁ ଅଧିକ ଲୋକଙ୍କୁ ଅଟକ ରଖିଛି ପୋଲିସ। ଯେଉଁମାନେ ଉଚ୍ଛେଦ କାର୍ଯ୍ୟରେ ବାଧା ସୃଷ୍ଟି କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ୧୨ ପ୍ଲାଟୁନ ପୋଲିସ ଫୋର୍ସ, ଡିସିପି ର୍‍ୟାଙ୍କର ଅଫିସର, ୫ଟି ଥାନାର ଥାନା ଅଧିକାରୀ ଓ ଏସିପି ର୍‍ୟାଙ୍କର ଅଫିସର ନିୟୋଜିତ ରହିଛନ୍ତି। ୫୫୬ଟି ଘର ଖାଲି କରିବ ବିଏମ୍‌ସି। ପୂର୍ବରୁ ୪୫ଟି ଘର ଖାଲି କରିସାରିଛି ବିଏମ୍‌ସି। ଆଜି ଆଉ ବାକି ଘର ସବୁ ଖାଲି ହୋଇଛି ବୋଲି କହିଛନ୍ତି ଏସିପି ବିଶ୍ୱରଞ୍ଜନ ସେନାପତି। ତେବେ ସାଲିଆ ସାହି ବସ୍ତିର କିଛି ଅଂଶ ଭଙ୍ଗାଯିବାକୁ ନେଇ ପୂର୍ବରୁ କିଛି ସୂଚନା ଦିଆଯାଇନଥିଲା।

# ଜାନୁଆରୀ ୨୩ରୁ ଖଣ୍ଡଗିରି ମହାକୁମ୍ଭମେଳା

## ସାଧୁସନ୍ଥଙ୍କ ଲାଗିବ ଗହଳି, ଦୂରଦୂରାନ୍ତରୁ ଆସିବେ ବେପାରୀ

**ଭୁବନେଶ୍ୱର,୧୮/୧୧**
**ନ୍ୟୁଜ ବ୍ୟୁରୋ**



ସାଧୁସନ୍ଥଙ୍କର ଲାଗିବ ଗହଳି। ହୋମ ଯଜ୍ଞରେ କମ୍ପିବ ଖଣ୍ଡମଣ୍ଡଳ। ଦୂରଦୂରାନ୍ତରରୁ ବେପାରୀ ଆସି ଖୋଲିବେ ଷ୍ଟଲ। ୨୦୨୬ ଜାନୁଆରୀ ୨୩ରେ ଆରମ୍ଭ ହେବ ଖଣ୍ଡଗିରିର ମହାକୁମ୍ଭମେଳା। ଯାହା ଫେବ୍ରୁୟାରୀ ପହିଲାଯାଏ ଚାଲିବ । ଏହି ଉପଲକ୍ଷେ ପ୍ରକାଶ ପାଇବ ସ୍ମରଣିକା। ୧୪୪ଜଣଙ୍କୁ କୁମ୍ଭମେଳାର ସାଧୁସନ୍ଥ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏ ବର୍ଷ କୁମ୍ଭମେଳାରେ ଭାରତର ବିଭିନ୍ନ ପ୍ରାନ୍ତରୁ ହଜାରରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଯୋଗଦେବେ। କାରଣ ମାଘ ପୂର୍ଣ୍ଣିମାରେ ରବି ପୁଷ୍ୟା ଯୋଗ ପଡୁଥିବାରୁ ଏହା ଏକ ମହାନ୍ ସଂଯୋଗ ବୋଲି ଖଣ୍ଡଗିରି ସ୍ଥିତ ପାଦୁକା ଆଶ୍ରମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦର ଅଧ୍ୟକ୍ଷ ତଥା କୁମ୍ଭମେଳାର ଆବାହକ ବାବା ପଞ୍ଚଦେବ। ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ, ସନାତନ ବୈଦିକ ଧର୍ମ ନୀତି ଅନୁଯାୟୀ ପଞ୍ଚ ମହାଯଜ୍ଞ ପାଳନ କରାଯିବ। ଏଥର କୁମ୍ଭମେଳାରେ ସାଧୁସନ୍ଥମାନେ କୌଣସି ଗୁଣି, ଗାରେଡି, ଝଡ଼ା ଫୁଙ୍କା ରୋଗ ପ୍ରଭୃତି ଭଲ ହେବା ଅପସଂସ୍କୃତିକୁ ପ୍ରଶ୍ରୟ ଦେବେ ନାହିଁ । ଏହି ଅବସରରେ ବାବା ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦର ସୁବର୍ଣ୍ଣ ଜୟନ୍ତୀ ତଥା କଳି ପ୍ରବେଶ ୫୧୨୬ ବର୍ଷ ପୂର୍ତ୍ତି ପାଳନ କରାଯିବ ବୋଲି କହିଥିଲେ । ଭୁବନେଶ୍ୱର ମହାନଗର ନିଗମ ଓ ଓଡ଼ିଶା ସଂସ୍କୃତି ବିଭାଗ ଚଳିତ କୁମ୍ଭମେଳା-୨୦୨୫ ହାତକୁ ନେଇଛନ୍ତି । ପୂର୍ବତନ କର୍ପୋରେଟର ରଘୁନାଥ ମହାନ୍ତି, ବାବୁ ପ୍ରଧାନ ଖଣ୍ଡଗିରିର ବିଶିଷ୍ଟ ବ୍ୟକ୍ତିବିଶେଷ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇଥିଲେ । ସଂଯୋଜକ ଚନ୍ଦନ ଦାସ, ଆଲୋକ ଦାସ, ବାବା କୃଷ୍ଣ ଦାସ, ବାବା ବାବୁଲି ଦାସ, ବାବା ଭାସ୍କର ଦାସ, ବାବା କଲ୍ୟାଣୀ ଦାସ, ବାବା ଶୁକ ଦାସ, ମହନ୍ତ ପୂର୍ଣ୍ଣାନନ୍ଦ ଦାସ, ପାଦୁକା ଆଶ୍ରମର ମଠାଧିଶ ବାବା ନବ କିଶୋର ଦାସ ଏବଂ ଆଶ୍ରମର ଶ୍ରଦ୍ଧାଳୁ, ସାଧୁସନ୍ଥଉପସ୍ଥିତ ଥିଲେ । ଶାନ୍ତିପାଠ ପୂର୍ବକ ସଭାକାର୍ଯ୍ୟ ସମାପ୍ତ କରାଯାଇଥିଲା।

# ଏପ୍ରିଲରୁ ସେପ୍ଟେମ୍ବର ପ୍ରଥମ ପର୍ଯ୍ୟାୟ ଜନଗଣନା

## ଘରର ହେବ ଜିଓ ଟ୍ୟାଗିଂ,ଏଆଇର ବ୍ୟବହାର ହେବ

**ଭୁବନେଶ୍ୱର,୧୮/୧୧**
**ନ୍ୟୁଜ ବ୍ୟୁରୋ**



୨୦୨୭ ଜାତୀୟ ଜନ ଗଣନା ପାଇଁ ୨୦୨୬ ଏପ୍ରିଲରୁ ପ୍ରଥମ ପର୍ଯ୍ୟାୟ ପ୍ରକ୍ରିୟା ଆରମ୍ଭ ହେବ । ଯାହା ସେପ୍ଟେମ୍ବର ମଧ୍ୟରେ ସରିବ । ତେବେ ପ୍ରଥମ ପର୍ଯ୍ୟାୟରେ କେବଳ ଗୃହ ତାଲିକା ଓ ଗୃହ ଗଣନା କରାଯିବ। ଏହି ସମୟରେ ଜନଗଣନା ଅଧିକାରୀ ଘରକୁ ଘର ବୁଲି ୩୪ଟି ପ୍ରଶ୍ନ କରିବେ । ୨୦୧୧ ଜନଗଣନା ତୁଳନାରେ ଚଳିତ ଥର ନୂଆ ପ୍ରଶ୍ନ ପଚାରିବେ। ବିଶେଷ କରି ପରିବାରରେ ବ୍ୟବହୃତ ହେଉଥିବା ପ୍ରଧାନ ଖାଦ୍ୟଶସ୍ୟ ନେଇ ପ୍ରଶ୍ନ କରିବେ। ଚାଉଳ, ଗହମ, ଯଅ, ବାଜରା, ମକା ଖାଉଥିଲେ ଅଧିକାରୀ ଲେଖିବେ। ନଚେତ ଅନ୍ୟ କୌଣସି ଖାଦ୍ୟ ସେବନ କରୁଥିଲେ ମଧ୍ୟ ଉଲ୍ଲେଖ କରିପାରିବେ ବୋଲି ଓଡ଼ିଶା ଜନଗଣନା ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ସୂଚନା ଦେଇଛନ୍ତି । ସେହିପରି ୨୦୨୭ ଫେବ୍ରୁୟାରୀରୁ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ହେବ। ଏହି ପର୍ଯ୍ୟାୟରେ ଆଉ ଗୃହ ତାଲିକା କିମ୍ବା ଗୃହ ଗଣନା ନ କରି ପୂର୍ବରୁ ତାଲିକାରେ ଥିବା ଘରେ ରହୁଥିବା ଲୋକଙ୍କୁ ଜନଗଣନାରେ ସାମିଲ କରାଯିବ। ଚଳିତ ଥର ଜାତି ଜନଗଣନା କରାଯିବ। ଏ ବାବଦରେ କେନ୍ଦ୍ରରୁ ନିର୍ଦ୍ଦେଶ ଆସିଥିବା ସୂଚନା ଦିଆଯାଇଛି । ସମସ୍ତ ତଥ୍ୟ ଏଥର ଡିଜିଟାଲ୍ ମାଧ୍ୟମରେ ସଂଗ୍ରହ କରାଯିବ। ଯାହା ସେନସସ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ମନିଟରିଂ ସିଷ୍ଟମ (ସିଏମ୍‌ଏମ୍‌ଏସ୍)ରେ ରହିବ। ଯେଉଁ ଘର ଜନଗଣନା ସରିବ, ତାହା ଜିଓ ଟ୍ୟାଗିଂ ହୋଇଯିବ । ଫଳରେ ଡିଜିଟାଲ୍ ମ୍ୟାପ୍‌ର ଜିଓ ରେଫରେନ୍ସ ମିଳିବାରେ ସୁବିଧା ହେବ। ତେବେ ପୂର୍ବ ସମସ୍ତ ଜନଗଣନା ତୁଳନାରେ ଚଳିତ ଥର ଜନଗଣନା ତଥ୍ୟର ତୁରନ୍ତ ପ୍ରସାର କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ ଭାବେ ତୁଲାଇବା ନେଇ କୃତ୍ରିମ ବୁଦ୍ଧିମତା (ଏଆଇ)ର ବ୍ୟବହାର କରାଯିବ। ଓଡ଼ିଶାରେ ଜନଗଣନା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପାଖାପାଖି ୩୫ ଲକ୍ଷ ଗଣନାକାରୀ, ସୁପରଭାଇଜର୍ ଏବଂ ଅନ୍ୟ ଜନଗଣନା ଅଧିକାରୀ ନିୟୋଜିତ ହେବେ। ସେମାନଙ୍କୁ ଏ ବାବଦରେ ତ୍ରିସ୍ତରୀୟ ପ୍ରଶିକ୍ଷଣ ଦିଆଯାଇଛି । ଏ ନେଇ ସାଇବର ସୁରକ୍ଷା ନେଇ ଉଚ୍ଚମାନର ପଦ୍ଧତି ଅବଲମ୍ବନ କରାଯିବ। ଜନଗଣନା ଅଧିକାରୀ ଲୋକଙ୍କ ଘରକୁ ଯିବା ବେଳେ ବୟସ, ଲିଙ୍ଗ, ବୈବାହିକ ସ୍ଥିତି, ପ୍ରଜନନ ସମ୍ବନ୍ଧୀୟ ତଥ୍ୟ, ପରିବାର ମୁଖିଆଙ୍କ ସହ ସମ୍ପର୍କ ଓ ପରିବାରର ଆକାର ବାବଦରେ ପଚାରିବେ। ଏହା ବ୍ୟତୀତ ଶିକ୍ଷା, ଅର୍ଥନୈତିକ କାର୍ଯ୍ୟକଳାପ, ଜନ୍ମସ୍ଥାନ, ଧର୍ମ, ଭାଷା, ଅକ୍ଷମତା ସ୍ଥିତି ବାବଦରେ ମଧ୍ୟ ବୁଝିବେ । ଜନଗଣନା ସଫଳ ହେବା ଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନା ଠିକ ଭାବେ କାର୍ଯ୍ୟକାରୀ କରିହେବ। ବିପର୍ଯ୍ୟୟ ମୁକାବିଲା ବେଳେ ଉପଯୁକ୍ତ ସମୟରେ ପଦକ୍ଷେପ ନିଆଯାଇପାରିବ । ଅନୁସୂଚିତ ଜାତି, ଜନଜାତି, ଅନ୍ୟ ସମ୍ପ୍ରଦାୟ, ଦିବ୍ୟାଙ୍ଗ ସମେତ ଦୁର୍ବଳ ଗୋଷ୍ଠୀଙ୍କ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବ ବୋଲି ଓଡ଼ିଶା ଜନଗଣନା ନିର୍ଦ୍ଦେଶକ ଶ୍ରୀ ପଓ୍ୱନ କଲ୍ୟାଣ ସୂଚନା ଦେଇଛନ୍ତି ।